

ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

30 YEARS

e-paper www.sambadkalika.in

TM

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper

NS-EN ISO 9001:2008

# ସମ୍ବାଦ କଳିକା

E-mail : sambadkalikanews@gmail.com

The Sambad Kalika

ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା

8 Pages, ₹ 2.00

କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ

● ବର୍ଷ–୩୧ ● ସଂଖ୍ୟା–୭୩ ● ୧୦ ଅପ୍ରେଲ ୨୦୨୪, ବୁଧବାର ● ଭୁବନେଶ୍ୱର ● Vol -31 ● Issue-73 ● 10th April 2024, Wednesday ● Bhubaneswar

Licensed to post without pre-payment of postage No- BN-60/22-24

# ବିଚାରପତିମାନେ ଆଇନରେ ବନ୍ଧା, ରାଜନୀତିରେ ନୁହେଁ: ଦିଲ୍ଲୀ ହାଇକୋର୍ଟ

**ନୂଆଦିଲ୍ଲୀ : ୯।୪**

ଦିଲ୍ଲୀରେ କ୍ଷମତାସୀନ ଆମ ଆଦମୀ ପାର୍ଟିକୁ ଶକ୍ତ ଝଟକା ଦେଇ ଦିଲ୍ଲୀ ହାଇକୋର୍ଟ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲଙ୍କ ଗିରଫଦାରୀକୁ ବୈଧ କହିଛନ୍ତି। ଅବକାରୀ ନୀତି ଦୁର୍ନୀତି ମାମଲାର ଗିରଫଦାରୀ ବିରୋଧରେ କେଜ୍ରିୱାଲ କରିଥିବା ଆବେଦନକୁ କୋର୍ଟ ଖାରଜ କରିଛନ୍ତି ଓ ତାଙ୍କ ରିମାଣ୍ଡକୁ ବେଆଇନ କୁହାଯାଇ ପାରିବ ନାହିଁ ବୋଲି ରୁଲିଂ ଦେଇଛନ୍ତି । ଶୁଣାଣି ବେଳେ କୋର୍ଟ କହିଛନ୍ତି ଯେ ଅଦଲାତ ଆଇନ ଅନୁସାରେ କାର୍ଯ୍ୟ କରନ୍ତି। ବିଚାରପତିମାନେ କୌଣସି ରାଜନୈତିକ ଚାପରେ ପରିଚାଳିତ ନୁହନ୍ତି।

ଗିରଫଦାରୀ ସମୟ ଉପରେ କେଜ୍ରିୱାଲ ପ୍ରଶ୍ନ ଉଠାଇଥିଲେ ମଧ୍ୟ ଏଥିରେ କୋର୍ଟ ହସ୍ତକ୍ଷେପ କରି ନାହାନ୍ତି । ଏଠାରେ କୋର୍ଟ ଗିରଫଦାରୀ ଓ ରିମାଣ୍ଡର ଆଇନଗତ ଦିଗକୁ ବିଚାର କରାଯାଉଛି । ଗିରଫଦାରୀ କିମ୍ବା ରିମାଣ୍ଡକୁ ବେଆଇନ କୁହାଯାଇ



ପାରିବ ନାହିଁ । କୋର୍ଟ ନିର୍ବାଚନ ସମୟରେ ଗିରଫଦାରୀକୁ ଏଠାରେ ବିଚାର କରୁ ନାହାନ୍ତି।

ଅରବିନ୍ଦ କେଜ୍ରିୱାଲଙ୍କୁ ଗିରଫ କରିବା ପାଇଁ ଇଡି ପାଖରେ ପର୍ଯ୍ୟାପ୍ତ ପରିମାଣର ପ୍ରମାଣ ରହିଥିଲା। ତଦନ୍ତରେ କେଜ୍ରିୱାଲ ସାମିଲ ନ ହେବା ଓ ଏହାକୁ ବିଳମ୍ବିତ କରିବା ବିଚାର ବିଭାଗୀୟ ହାଜତରେ ଥିବା ଅନ୍ୟ ଅଭିଯୁକ୍ତଙ୍କୁ ମଧ୍ୟ ପ୍ରଭାବିତ କରିଛି। ଏଥିପାଇଁ ତାଙ୍କ ଗିରଫଦାରୀ ଜରୁରୀ ଥିଲା।

ବିଚାରପତିମାନେ ଆଇନ ଦ୍ୱାରା ପରିଚାଳିତ। ସେମାନେ ରାଜନୀତି ଦ୍ୱାରା ପରିଚାଳିତ ନୁହନ୍ତି । ବିଚାରପତିମାନେ ଆଇନରେ ବନ୍ଧା, ରାଜନୀତିରେ ନୁହେଁ । ରାୟ ଆଇନଗତ ନୀତି ଦ୍ୱାରା ଲେଖାଯାଏ। ରାଜନୈତିକ ସଂଗଠନ ଦ୍ୱାରା ନୁହେଁ, କୋର୍ଟ ଅଧୀନକୁ ରାଜନୈତିକ ବିଚାର ବ୍ୟବସ୍ଥା ଆସିବା କଥା ନୁହେଁ।

ବର୍ତ୍ତମାନ କୋର୍ଟଙ୍କ ପାଖରେ ଥିବା ମାମଲା କେନ୍ଦ୍ର ସରକାର ଓ ଅରବିନ୍ଦ କେଜ୍ରିୱାଲଙ୍କ ମଧ୍ୟରେ ଥିବା ବିବାଦ ସମ୍ପର୍କରେ ନୁହେଁ। କେଜ୍ରିୱାଲ ଓ ଇଡି ମଧ୍ୟରେ ଥିବା ମାମଲାର ବିଚାର କୋର୍ଟ କରୁଛନ୍ତି । କୋର୍ଟ ସାମ୍ବିଧାନିକ ମୂଲ୍ୟବୋଧ ପାଇଁ ଚିନ୍ତିତ। ରାଜନୈତିକ ମୂଲ୍ୟବୋଧ ପାଇଁ ନୁହେଁ।

ଇଡି ଆବଶ୍ୟକ ଦସ୍ତାବିଜ, ରାଜସାକ୍ଷୀଙ୍କ ବୟାନ ଓ ଗୋଆ ନିର୍ବାଚନରେ ଟଙ୍କା ପାଇଥିବା କଥାକୁ ନିଜର ପ୍ରାର୍ଥୀ(ଆପ ପ୍ରାର୍ଥୀ) ସ୍ୱୀକାର କରିଥିବାର ପ୍ରମାଣ କୋର୍ଟଙ୍କୁ ଦେଇଛି। ଇଡି ଦେଇଥିବା ତଥ୍ୟରୁ ସ୍ପଷ୍ଟ ହୋଇଛି ଯେ ଗୋଆ ନିର୍ବାଚନକୁ ଟଙ୍କା ଯାଇଛି।

ତଦନ୍ତ କେମିତି ହେବ, ସେକଥା ଜଣେ ଅଭିଯୁକ୍ତ ନିଷ୍ପତ୍ତି ନେଇ ପାରିବେ ନାହିଁ। ଅଭିଯୁକ୍ତଙ୍କ କଥାରେ ସବୁ କିଛି ପରିଚାଳିତ ହେବ ନାହିଁ । ଆଇନ ସମସ୍ତଙ୍କ ପାଇଁ ସମାନ। ଜଣେ ମୁଖ୍ୟମନ୍ତ୍ରୀ ଆଇନରୁ ଉପରେ ନୁହନ୍ତି। କୋର୍ଟ କେବେ ହେଲେ ସାଧାରଣ ଲୋକ ଓ ଜନ ସେବକଙ୍କ ପାଇଁ ଭିନ୍ନ ଭିନ୍ନ ଆଇନ ପ୍ରଣୟନ କରିପାରିବେ ନାହିଁ।

# କେନ୍ଦ୍ର ଓ ରାଜ୍ୟ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ନହେଉ

**ନୂଆଦିଲ୍ଲୀ : ୯।୪**

କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ନହେଉ ବୋଲି ସୁପ୍ରିମ୍‌କୋର୍ଟ କହିଛନ୍ତି। ମଙ୍ଗଳବାର ଜାତୀୟ ବିପର୍ଯ୍ୟୟ ପ୍ରଶମନ ପାଣ୍ଠି (ଏନ୍‌ଡିଆର୍‌ଏଫ୍)ରୁ ଅନୁଦାନ ପ୍ରଦାନରେ ବିଳମ୍ବ ନେଇ କର୍ଣ୍ଣାଟକ ରାଜ୍ୟ ସରକାରଙ୍କ ପକ୍ଷରୁ ଦାୟର ଆବେଦନର ବିଚାର କରି ସୁପ୍ରିମକୋର୍ଟ ଏଭଳି ଟିପ୍ପଣୀ ଦେଇଛନ୍ତି । ବିଚାରପତି ଭୂଷଣ ରାମକ୍ରିଷ୍ଣା ଗଭାଇ ଓ ସନ୍ଦୀପ ମେହେଟ୍ଟାଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଛନ୍ତି ଯେ ସଂପ୍ରତି ଏକାଧିକ ରାଜ୍ୟ ସରକାର କୋର୍ଟର ଦ୍ୱାରସ୍ଥ ହୋଇଛନ୍ତି। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ନହେଉ। କର୍ଣ୍ଣାଟକ ରାଜ୍ୟ ସରକାରଙ୍କ ପକ୍ଷରୁ ଡିଏଲ ଚିଦାନନ୍ଦ, ଦେବଦତ୍ତ କାମାତ ଓ ଆଡଭୋକେଟ ଜେନେରାଲ (ଏଜି)କେ ଶଶୀ କିରଣ ସେଟ୍ଟି ଖଣ୍ଡପୀଠଙ୍କ ସମ୍ମୁଖରେ ଆବେଦନ ଉପସ୍ଥାପିତ କରିଥିଲେ। ସେମାନେ କହିଥିଲେ ଯେ ପ୍ରାକୃତିକ ବିପର୍ଯ୍ୟୟର କ୍ଷୟକ୍ଷତି ସମ୍ପର୍କରେ ଆନ୍ତଃ- ମନ୍ତ୍ରିମଣ୍ଡଳ କେନ୍ଦ୍ରୀୟ ଟିମର ରିପୋର୍ଟ ଦାଖଲ ହୋଇ ୬ ମାସ ବିତିଯାଇଛି । ବର୍ତ୍ତମାନ ସୁଦ୍ଧା ରାଜ୍ୟକୁ ମିଳିବାକୁ ଥିବା ଏନଡ଼ିଆର୍‌ଏଫ ସହାୟତା ପ୍ରଦାନ କରାଯାଇନାହିଁ । ଫଳରେ କ୍ଷତିଗ୍ରସ୍ତଙ୍କ



ସମସ୍ୟା ବୃଦ୍ଧି ପାଇଛି । ଏହା କର୍ଣ୍ଣାଟକ ରାଜ୍ୟର ଲୋକଙ୍କ ମୌଳିକ ଅଧିକାରର ହନନ।

ଏହାର ଜବାବରେ ସଲିସିଟର ଜେନେରାଲ (ଏସ୍‌ଜି) ତୁଷାର ମେହେଟ୍ଟା କହିଥିଲେ ଯେ ସମସ୍ୟା ସମ୍ପର୍କରେ କେନ୍ଦ୍ର ସହ ଆଲୋଚନା ନକରି ଧାରା ୩୨ ଅନୁସାରେ ଆବେଦନ କରିବା ଯଥାର୍ଥ ନୁହେଁ । ଲୋକସଭା ନିର୍ବାଚନ ସମୟରେ ଏଭଳି ଜନସ୍ୱାର୍ଥ ମାମଲା ପଛରେ ଉଦ୍ଦେଶ୍ୟ ସ୍ପଷ୍ଟ, ଖଣ୍ଡପୀଠ ଆବେଦନକୁ ଗ୍ରହଣ କରନ୍ତୁ ନାହିଁ ବୋଲି ସେ ଅନୁରୋଧ କରିଥିଲେ। ଉଭୟ ପକ୍ଷର ଯୁକ୍ତି ଶୁଣିବା ପରେ ଖଣ୍ଡପୀଠ ଏସଜି ମେହେଟ୍ଟା ଓ ଆଟର୍ଣ୍ଣି ଜେନେରାଲ ଆର ଭେଙ୍କେଟେରମଣିଙ୍କୁ ଦୁଇ ସପ୍ତାହ ମଧ୍ୟରେ ନିର୍ଦ୍ଦେଶ ସହ କୋର୍ଟରେ ଉପସ୍ଥିତ ହେବାକୁ ନିର୍ଦ୍ଦେଶ ଦେଇଛନ୍ତି। ସୂଚନାଯୋଗ୍ୟ, ଏହା ପୂର୍ବରୁ କେରଳ ସରକାର ଅଧିକ ଋଣ ଉଠାଇବା ଅଧିକାର ଦାବି କରି କୋର୍ଟର ଦ୍ୱାରସ୍ଥ ହୋଇଥିବା ବେଳେ ତାମିଲନାଡୁ ସରକାର ମଧ୍ୟ ରିଲିଫ ପାଣ୍ଠିରୁ ରାଜ୍ୟର ଭାଗ ଦେଉନଥିବା ଅଭିଯୋଗ କରି ସୁପ୍ରିମ୍‌କୋର୍ଟଙ୍କ ଦ୍ୱାରସ୍ଥ ହୋଇଛି । ପଞ୍ଜାବ ସରକାର ମଧ୍ୟ ଖାଦ୍ୟଶସ୍ୟ ସଂଗ୍ରହ ବେଳେ ୪ ହଜାର କୋଟି ଟଙ୍କାର ବୈଧାନିକ ଫି’ ଖର୍ଚ୍ଚର ଭରଣା କରାଯାଉନଥିବା ଅଭିଯୋଗ କରି ଉଚ୍ଚତମ ନ୍ୟାୟାଳୟର ଦ୍ୱାରସ୍ଥ ହୋଇଛି।

## ସମସ୍ତ ସମ୍ପତ୍ତିର ତାଲିକା ଦେବା ପାଇଁ ପ୍ରାର୍ଥୀ ବାଧ୍ୟ ନୁହନ୍ତି

**ନୂଆଦିଲ୍ଲୀ : ୯।୪**


ପାଖେଇ ଆସିଲାଣି ନିର୍ବାଚନୀ ତାରିଖ। ଜଣକ ପରେ ଜଣେ ପ୍ରାର୍ଥୀ ଏବେ ନିଜ ନିଜର ସମ୍ପତ୍ତି ତାଲିକା ପ୍ରକାଶ କରୁଛନ୍ତି । ତେବେ ପ୍ରାର୍ଥୀଙ୍କୁ ନିଜର ସମସ୍ତ ସମ୍ପତ୍ତିର ତାଲିକା ଦେବା ଜରୁରୀ ନୁହେଁ। ସେ ଏଥିପାଇଁ ବାଧ୍ୟ ନୁହନ୍ତି। ଦାମୀ ତଥା ଲଗ୍‌ଜୁରିୟସ ଜୀବନଶୈଳୀ ସହ ଜଡିତ ସମ୍ପତ୍ତିର ତାଲିକା ଦେଇପାରିବେ ପ୍ରାର୍ଥୀ। ଏକ ଆବେଦନର ଶୁଣାଣି କରି ମଙ୍ଗଳବାର ଏଭଳି କିଛି କହିଛନ୍ତି ସୁପ୍ରିମକୋର୍ଟ।

ଭୋଟରଙ୍କୁ କୌଣସି ବି ପ୍ରାର୍ଥୀଙ୍କ ପ୍ରତ୍ୟେକ ସମ୍ପତ୍ତି ବିଷୟରେ ଜାଣିବାର ସମ୍ପୂର୍ଣ୍ଣ ଅଧିକାର ନାହିଁ । ନିର୍ବାଚନ ଲଢୁଥିବା ପ୍ରାର୍ଥୀମାନେ ନିଜର ତଥା ନିଜ ଘର ଲୋକଙ୍କ ନାଁରେ ଥିବା ପ୍ରତ୍ୟେକ ସମ୍ପତ୍ତିର ଖୁଲାସା କରିବା ଦରକାର ନୁହେଁ। ଅପ୍ରାସଙ୍ଗିକ ପ୍ରସଙ୍ଗରେ ପ୍ରାର୍ଥୀଙ୍କ ପାଖରେ ଗୋପନୀୟତା ଅଧିକାର ରହିଛି । କେବଳ ଅଧିକ ମୂଲ୍ୟ ତଥା ବିଳାସପୂର୍ଣ୍ଣ ଜୀବନଶୈଳୀକୁ ଦର୍ଶାଉଥିବା ସମ୍ପତ୍ତିର ତାଲିକା ପ୍ରାର୍ଥୀ ପ୍ରକାଶ *(ପୃଷ୍ଠା ୭ରେ)*

# ମାଳଦ୍ୱୀପରେ ଗୁପ୍ତ ନୌସେନା ବେସ୍ ନିର୍ମାଣ କରୁଛି ଚୀନ୍: ଭାରତର ଚିନ୍ତା ବଢ଼ିଲା

**ବେଜିଂ : ୯।୪**

ମାଳଦ୍ୱୀପରେ ମହମ୍ମଦ ମଇଜ୍ଜୁ ରାଷ୍ଟ୍ରପତି ଭାବେ କ୍ଷମତାକୁ ଆସିବା ପରେ ଭାରତ ବିରୋଧୀ ପଦକ୍ଷେପ ଉଠାଇବାରେ ଲାଗିଛନ୍ତି। ସେ ଲଗାତାର ଚୀନର ରାଷ୍ଟ୍ରପତି ସି ଜିନପିଙ୍ଗଙ୍କ ସରକାରଙ୍କ ପ୍ରତି ନିଜର ଆନୁଗତ୍ୟ ପ୍ରକାଶ କରୁଛନ୍ତି । ମାଳଦ୍ୱୀପକୁ ଚୀନ ଆସିବା ଦ୍ୱାରା ଭାରତର ସୁରକ୍ଷା ପ୍ରତି ପ୍ରଶ୍ନ ଉଠିବାରେ ଲାଗିଛି । ଚୀନ ମାଳଦ୍ୱୀପରେ କୃଷି ପ୍ରକଳ୍ପ ସ୍ଥାପନ ନାମରେ ଗୁପ୍ତ ଭାବେ ନୌସେନା ବେସ ନିର୍ମାଣ କରୁଥିବା ଅଭିଯୋଗ ହୋଇଛି।




ମାଳଦ୍ୱୀପର ପ୍ରମୁଖ ବିରୋଧୀ ଦଳ ମାଳଦ୍ୱୀପ ଡେମୋକ୍ରାଟିକ ପାର୍ଟି(ଏମଡିପି)ର ମୁଖ୍ୟ ଫେୟାଜ ଇସମାଇଲ କରିଥିବା ଦାବି ଅନୁସାରେ ଚୀନ ଉଥୁରା ଥିଲା ଫାହ୍ଲୁ (ୟୁଟିଏଫ)। ଏଟୋଲ ଠାରେ ଏକ ସୈନ୍ୟ ପରିଯୋଜନା ଉପରେ କାର୍ଯ୍ୟ କରୁଛି।

ମାର୍ଚ୍ଚ ୨୮ରେ ଚୀନର ହାର୍ବର ଇଞ୍ଜିନିୟରିଂ କମ୍ପାନୀ ୟୁଟିଏଫ ମାଳଦ୍ୱୀପ ଉତ୍ତରରେ ଥିବା ଦ୍ୱୀପରେ ଏକ କୃଷି ଆର୍ଥିକ ଜୋନ୍(ଏଇଜେଡ୍) ନିର୍ମାଣ କରିବା ପାଇଁ ମାଳଦ୍ୱୀପ ଔଦ୍ୟୋଗିକ ବିକାଶ ମୁକ୍ତ କ୍ଷେତ୍ର(ଏମଆଇଡିଏଫ୍) ମଧ୍ୟରେ ଏକ ବୁଝାମଣା ହୋଇଛି।

ହାର୍ବର ଇଞ୍ଜିନିୟରିଂ କମ୍ପାନୀର ଚୀନର ପିପୁଲ୍ସ ଲିବରେସନ *(ପୃଷ୍ଠା ୭ରେ)*

# ଓଡ଼ିଶାକୁ ଆନ୍ଧ୍ରର ନାଲିଆଖି : କୋଟିଆ ଭୋଟ ଯୋଜନା କାମ ଦେଉନି

**କୋରାପୁଟ, ୯।୪**
**ନ୍ୟୁଜ୍ ବ୍ୟୁରୋ**

କୋଟିଆ ହେଉଛି ଓଡ଼ିଶାର। କିନ୍ତୁ ଏହି ବାସ୍ତବତାକୁ ଗ୍ରହଣ କରିବାକୁ ଆନ୍ଧ୍ର ନାରାଜ। ଓଡ଼ିଶାର ବିରୋଧ ସତ୍ତ୍ୱେ କୋଟିଆରେ ନିଜର କର୍ତ୍ତୃତ୍ୱ ଜାହିର କରିବାକୁ ଚକ୍ରାନ୍ତ ଚଳାଇଛି। ଏବେ ନିର୍ବାଚନ ଆସିଥିବାରୁ ଯେନତେନ ପ୍ରକାରେଣ କୋଟିଆରୁ ଭୋଟ ହାଇଜାକ ପାଇଁ ଚଳାଇଛି ଷଡଯନ୍ତ୍ର। ପ୍ରଥମେ ଅନୁପ୍ରବେଶ କରି ଭୋଟରଙ୍କୁ ପ୍ରଭାବିତ ଏବଂ ପ୍ରଲୋଭିତ କଲା ତଥାପି କୌଣସି ଫରକ ପଡ଼ିଲା ନାହିଁ। ଏହାପରେ ସମବେଦନା ଜୁଟାଇବାକୁ ବିଳାପ କଲା। କିନ୍ତୁ ତାହା ବି ପ୍ରଭାବଶୂନ୍ୟ ହେଲା। ଶେଷରେ କ୍ରୋଧରେ ଛଟପଟ ହୋଇ ନାଲିଆଖି ଦେଖାଉଛି ଆନ୍ଧ୍ର। ଓଡ଼ିଶା ସରକାର ଏବଂ କୋରାପୁଟ ପ୍ରଶାସନକୁ କାଠଗଡାକୁ ଟାଣିବା ପାଇଁ ଓଲଟା



ଧମକ ଦେଇଛି ଆନ୍ଧ୍ର। ଉପମୁଖ୍ୟମନ୍ତ୍ରୀ ପି. ରାଜନ୍ନା ଦୋରା ସୋମବାର ଭିଡିଓ ଜାରି କରି ସୁପ୍ରିମକୋର୍ଟଙ୍କ ଆଶ୍ରୟ ନେବେ ବୋଲି ଧମକ ଦେଇଛନ୍ତି । ଓଡ଼ିଶା ସ୍ଥିତାବସ୍ଥା ନିର୍ଦ୍ଦେଶକୁ ଉଲ୍ଲଂଘନ କରୁଥିବା ସେ ଅଭିଯୋଗ କରିଛନ୍ତି।

ଧମକ ପଛର ପ୍ରକରଣ ସପ୍ତାହ ତଳେ ଆରମ୍ଭ ହୋଇଥିଲା। ଓଡ଼ିଶା ପକ୍ଷରୁ ସୀମାନ୍ତ ଗାଁରେ ବିଦ୍ୟୁତ ଯୋଗାଣ ନିମନ୍ତେ କାମ ଚାଲିଥିଲା। ଖବର ପାଇ ଆନ୍ଧ୍ରର ଦରମାପ୍ରାପ୍ତ ଏଜେଣ୍ଟ ପହଞ୍ଚି ଯାଇଥିଲେ। କର୍ମଚାରୀଙ୍କୁ କାମ କରିବାକୁ ସୁଯୋଗ ନଦେଇ ପ୍ରବଳ ପାଟିତୁଣ୍ଡ କରିଥିଲେ। ବିରୋଧ ଦେଖି କର୍ମଚାରୀମାନେ ଫେରି ଆସିଥିଲେ । ଏହାପରେ ଆନ୍ଧ୍ର ଏଜେଣ୍ଟ ଘଟଣା ସଂପର୍କରେ ଉପମୁଖ୍ୟମନ୍ତ୍ରୀ ପି. ରାଜନ୍ନା ଦୋରାଙ୍କୁ ଜଣାଇଥିଲେ । ନିର୍ବାଚନ ସମୟ ହୋଇଥିବାରୁ ଏହାକୁ ପ୍ରସଙ୍ଗ କରିବାକୁ ରାଜନ୍ନା ସୋସିଆଲ ମିଡିଆର ସାହାରା ନେଇଛନ୍ତି। ଭିଡିଓ ଜାରି କରି କହିଛନ୍ତି, ଆନ୍ଧ୍ରର କର୍ମଚାରୀ ଯୋଜନା ନେଇ କୋଟିଆରେ ପହଞ୍ଚିଲେ। ଓଡ଼ିଶା ବିରୋଧ କରୁଛି। ଏହି ବିଷୟରେ ସୁପ୍ରିମକୋର୍ଟରେ ସତ୍ୟପାଠ ଦେଇ ସ୍ଥିତାବସ୍ଥାର ଉଲ୍ଲଂଘନ ହେଉଥିବା ଦର୍ଶାଇ ପକ୍ଷ ମଜଭୁତ କରିବାକୁ ଉଦ୍ୟମ କରୁଛନ୍ତି । କହୁଛନ୍ତି ଯେ ଓଡ଼ିଶା ପ୍ରଶାସନ ନିଜେ କୋଟିଆରେ ସ୍ଥିତାବସ୍ଥାକୁ ଉଲ୍ଲଂଘନ କରୁଛନ୍ତି। ସ୍ଥାନୀୟ *(ପୃଷ୍ଠା ୭ରେ)*

## ଗୃହ ମନ୍ତ୍ରଣାଳୟକୁ ଚିଠି ଲେଖିଲେ ଉପରାଜ୍ୟପାଳ



**ନୂଆଦିଲ୍ଲୀ : ୯।୪**

ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲ ଜେଲ ଯିବା ପରେ ଆମ ଆଦମୀ ପାର୍ଟି (ଏଏପି) ସମସ୍ୟାର ସମ୍ମୁଖୀନ ହେବାରେ ଲାଗିଛି । ଏବେ ଏଏପିକୁ ଦିଲ୍ଲୀରେ ରାଷ୍ଟ୍ରପତି ଶାସନ ଜାରି ହେବାର ଭୟ ଡରାଇବାରେ ଲାଗିଛି। ଦିଲ୍ଲୀ ଉପରାଜ୍ୟପାଳ ବିନୟ କୁମାର ସାକ୍ସେନା କେନ୍ଦ୍ରୀୟ ଗୃହମନ୍ତ୍ରଣାଳୟକୁ ଏକ ଚିଠି ଲେଖିଛନ୍ତି। ଏହା ପରେ ରାଷ୍ଟ୍ରପତି ଶାସନ ଜାରି ହେବା ନେଇ ଏଏପି ମନରେ ଛନକା ପଶିଛି। ଉପରାଜ୍ୟପାଳ ଚିଠି ଲେଖି ଦିଲ୍ଲୀର ସାମ୍ପ୍ରତିକ ସ୍ଥିତି ସମ୍ପର୍କରେ ଅବଗତ କରାଇଛନ୍ତି। *(ପୃଷ୍ଠା ୭ରେ)*

TATA MOTORS
Light Commercial Vehicles Dealers
24 hours help line :
Sales : 7873770000

# ନିର୍ବାଚନ ପୂର୍ବରୁ କେତେ ଜଣଙ୍କୁ ଜେଲ୍ ପଠାଇବ ?

**ନୂଆଦିଲ୍ଲୀ : ୯।୪**

ତାମିଲନାଡୁ ମୁଖ୍ୟମନ୍ତ୍ରୀଥ ଏମ୍‌କେ ଷ୍ଟାଲିନଙ୍କ ବିରୋଧରେ ଅପମାନଜନକ ମନ୍ତବ୍ୟ ଦେଇଥିବା ଅଭିଯୋଗରେ ୟୁଟ୍ୟୁବର ସଭାଇ ଦୁରାଇମୁରୁଗାନଙ୍କୁ ମିଳିଥିବା ଜାମିନକୁ ସୁପ୍ରିମ୍‌କୋର୍ଟ କାଏମ ରଖିଛନ୍ତି । ଅଦାଲତ କହିଛନ୍ତି, ଯଦି ନିର୍ବାଚନ ପୂର୍ବରୁ ଆମେ ୟୁଟ୍ୟୁବ୍‌ରେ ସମସ୍ତ ଅଭିଯୋଗ କରୁଥିବା ସମସ୍ତଙ୍କୁ ଜେଲ ପଠାଇବା ଆରମ୍ଭ କରୁ, ତେବେ କଳ୍ପନା କରନ୍ତୁ କେତେ ଜଣ ଜେଲ୍‌ରେ ରହିବେ। ଜଷ୍ଟିସ ଏଏସ ଓକା ଓ ଜଷ୍ଟିସ ଉଜ୍ଜ୍ୱଳ ଭୂୟାଁଙ୍କୁ ନେଇ ଗଠିତ ଖଣ୍ଡପୀଠ ଜାମିନ ମଞ୍ଜୁର କରି କହିଛନ୍ତି,



ଆମେ ଭାବୁନାହୁଁ ଯେ ପ୍ରତିବାଦ ଓ ମତ ପ୍ରକାଶ କରି ସେ ନିଜ ସ୍ୱାଧୀନତାର ଅପବ୍ୟବହାର କରିଛନ୍ତି ବୋଲି କୁହାଯାଇପାରିବ।

ପୂର୍ବରୁ ମାଡ୍ରାସ ହାଇକୋର୍ଟ ଜାମିନ ନାମଞ୍ଜୁର କରି ଦର୍ଶାଇଥିଲେ ଯେ, ଆଉ ଏମିତି କରିବି ନାହିଁ ବୋଲି *(ପୃଷ୍ଠା ୭ରେ)*

# ଏବେ ଛତିଶଗଡ଼ ଢାଞ୍ଚାରେ ମାଓଦମନ: ମଇଦାନରେ ଗୁଇନ୍ଦା ବ୍ୟୁରୋ

**ନୂଆଦିଲ୍ଲୀ : ୯।୪**

ନିର୍ବାଚନ ପରିପ୍ରେକ୍ଷୀରେ ମାଓବାଦୀଙ୍କ ମୁକାବିଲା ପାଇଁ ପ୍ରଥମ ଥର ଗୁଇନ୍ଦା ବିଭାଗକୁ ମାଓ ପ୍ରଭାବିତ ଅଞ୍ଚଳରେ ମୁତୟନ କରାଯାଇଛି। ଗୁଇନ୍ଦା ସୂଚନା ଆଧାରରେ ସୁରକ୍ଷା ବାହିନୀ କାର୍ଯ୍ୟ କରିବେ। ଓଡ଼ିଶା ସମେତ ଦେଶର ୧୦ଟି ରାଜ୍ୟରେ ଏବେ ବି ମାଓବାଦୀଙ୍କ ଉପସ୍ଥିତି ରହିଛି। ଏମାନଙ୍କ ପଟୁ ଉଭୟ ଭୋଟର ଓ ଭିଆଇପିମାନଙ୍କ ସୁରକ୍ଷା ପ୍ରତି ବିପଦ ଥିବାରୁ ଏମାନଙ୍କ ଗତିବିଧି ଉପରେ ଗୁଇନ୍ଦା ବିଭାଗର ନଜର ରହିବ। ମିଳିଥିବା ସୂଚନା ଅନୁସାରେ ଗୁଇନ୍ଦା ବ୍ୟୁରୋ (ଆଇବି) ପକ୍ଷରୁ ମାଓବାଦୀମାନଙ୍କ ବିରୋଧରେ ରଣନୀତି ପ୍ରସ୍ତୁତ କରାଯାଇଛି। ମାଓପ୍ରବଣ ଅଞ୍ଚଳଗୁଡ଼ିକରେ ନିରପେକ୍ଷ,



ହିଂସାମୁକ୍ତ ତଥା ଅବାଧ ନିର୍ବାଚନ ପରିଚାଳନାରେ ବିଭାଗ ପ୍ରାଥମିକତା ଦେଉଛି। ଗୁଇନ୍ଦା ଟିମ ପୁଲିସ ସୂଚନାଦାତାଙ୍କ ଜରିଆରେ ଗ୍ରାମୀଣ ତଥା ଜଙ୍ଗଲର ଆଭ୍ୟନ୍ତରୀଣ କ୍ଷେତ୍ରରୁ ସୂଚନା ସଂଗ୍ରହ କରିବ। ସୂଚନାଦାତାଙ୍କ ତଥ୍ୟକୁ ଆଧାର କରି ସୁରକ୍ଷା ବାହିନୀକୁ ସୁରକ୍ଷିତ ଭାବେ ମୁତୟନ କରାଯିବ ଓ *(ପୃଷ୍ଠା ୭ରେ)*

# ମାଛ କିଲୋ ୬ ହଜାର ୪ଶହ ଟଙ୍କା



**ପାରାଦୀପ, ୯।୪**
**ନ୍ୟୁଜ୍ ବ୍ୟୁରୋ**

ମାଛ କିଲୋ ୬ ହଜାର ୪ଶହ ଟଙ୍କା। ପାରାଦ୍ୱୀପ ନେହେରୁବଙ୍ଗଳା ମାଛଧରା ବନ୍ଦରରେ ପଡିଛି ବିରଳ ତେଲିଆ ବୋରେହି ମାଛ। ଏହି ମାଛ କିଲୋ ପାରାଦ୍ୱୀପରେ ୬ ହଜାର ୪ଶହ ଟଙ୍କାରେ *(ପୃଷ୍ଠା ୭ରେ)*

# ସଂଗଠିତ ପ୍ରଚାର ହିଁ ୨୦୨୪ ନିର୍ବାଚନରେ ବିଜେଡ଼ିର ବିଜୟପଥକୁ ଉଜ୍ଜ୍ୱଳ କରିଛି




**ଭୁବନେଶ୍ୱର, ୯।୪**
**ନ୍ୟୁଜ୍ ବ୍ୟୁରୋ**

ସାଧାରଣ ନିର୍ବାଚନ ମୁଣ୍ଡ ଉପରେ। ଜୋରସୋରରେ ଆରମ୍ଭ ହୋଇଗଲାଣି ନିର୍ବାଚନ ପ୍ରଚାର। ଉଭୟ ଲୋକସଭା ଓ ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ବିଜୁ ଜନତା ଦଳର ଘୋଷିତ ପ୍ରାର୍ଥୀମାନେ ସଂଗଠିତ ଭାବେ ପ୍ରଚାର ଅଭିଯାନରେ ବାହାରି ଲୋକଙ୍କ ପାଖରେ ପହଞ୍ଚିଲେଣି। ହେଲେ ଅଳ୍ପ କେତୋଟି ଆସନକୁ ଛାଡିଦେଲେ ଅଧିକାଂଶ ଆସନରେ ଏପର୍ଯ୍ୟନ୍ତ ବିରୋଧୀ ବିଜେପି ଏବଂ କଂଗ୍ରେସ ନିଜର ଆଭ୍ୟନ୍ତରୀଣ କନ୍ଦଳଜନିତ ସମସ୍ୟା ପାଇଁ ପ୍ରଚାର ଆରମ୍ଭ କରିପାରି ନଥିବା ଜଣାପଡିଛି। ଅଧିକାଂଶ ଆସନ ପାଇଁ ଘୋଷିତ ପ୍ରାର୍ଥୀଙ୍କୁ ବିରୋଧୀ ଦଳ ପାଇଁ ସବୁଠାରୁ ବେଶୀ ଅଡୁଆ ପରିସ୍ଥିତି ସୃଷ୍ଟି କରିଛି। ଏଥି ନେଇ ସମସ୍ୟା ସୁଧୁରିବା ପରିବର୍ତ୍ତେ ଅଧିକ ଜଟିଳ ହେବାରେ ଲାଗିଛି। ହେଲେ ଶାସକ ଦଳରେ କୌଣସି ଠାରେ ଏଭଳି ଅବସ୍ଥା ଦେଖାଯାଇ ନାହିଁ। ବରଂ ଏକାଠି ହୋଇ ଲୋକସଭା ଓ ବିଧାନସଭା ପ୍ରାର୍ଥୀ ନିର୍ବାଚନ ମଇଦାନରେ ଭୋଟ ଭିକ୍ଷା ଚଳାଇଛନ୍ତି।

୨୦୨୪ ନିର୍ବାଚନରେ ବିଜେଡ଼ିର ବିଜୟ ପଥ ସଂପୂର୍ଣ୍ଣ ପରିଷ୍କାର ଏବଂ ଉଜ୍ଜ୍ୱଳ ହେବାରେ ଲାଗିଛି। ଏପରିକି ଏଥର ନିର୍ବାଚନରେ ଏକ ପାଖିଆ ଲଢେଇ ହେଲା ଭଳି ପରିସ୍ଥିତି ସୃଷ୍ଟି *(ପୃଷ୍ଠା ୭ରେ)*

# ୧୩ ପରଠୁ ପୁଣି ବଢ଼ିବ ତାତି

**ଭୁବନେଶ୍ୱର, ୯।୪**
**ନ୍ୟୁଜ୍ ବ୍ୟୁରୋ**

ବର୍ଷା ଯୋଗୁ ତିନି ଦିନ ହେଲାଣି ରାଜ୍ୟରେ ପାଗ ଟିକେ ଭଲ ଅଛି। ଖରାର ପ୍ରକୋପ କମିଛି । ଏମିତି ପାଗ ଆଉ ତିନି ଚାରି ଦିନ ରହିପାରେ । କିନ୍ତୁ ତାପରେ ପୁଣି ଅବସ୍ଥା ଅସମ୍ଭାଳ ହୋଇପାରେ, ତାତି ବଢ଼ିପାରେ।

ଭୁବନେଶ୍ୱର ସ୍ଥିତ ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ କୁହାଯାଇଛି, ୧୩ ତାରିଖ ପରଠୁ ରାଜ୍ୟରେ ପଶ୍ଚିମ ତଥା ଉତ୍ତର-ପଶ୍ଚିମ ଦିଗରୁ ଶୁଷ୍କ ବାୟୁର ପ୍ରଭାବ ବୃଦ୍ଧି ସହିତ ପୁଣି ଦିନର ତାପମାତ୍ରାରେ ଦୃଷ୍ଟାନ୍ତମୂଳକ ବୃଦ୍ଧି ସମ୍ଭାବନା ରହିଛି । ଆଭ୍ୟନ୍ତରୀଣ ଓ ପଶ୍ଚିମ ଓଡ଼ିଶାର କିଛି ଅଞ୍ଚଳରେ ତାପମାତ୍ରା ୪୦ ଡିଗ୍ରୀ ଛୁଇଁବାର ସମ୍ଭାବନା ରହିଛି।




ମଙ୍ଗଳବାର ବଲାଙ୍ଗୀର, ନୂଆପଡ଼ା ଓ ବରଗଡ଼ ଜିଲ୍ଲାର କିଛି ଅଞ୍ଚଳରେ ହାଲୁକା ବର୍ଷା ହୋଇଥିବା ବେଳେ ରାଜ୍ୟର ଆଉ କିଛି ସ୍ଥାନରେ ଦିନ ସାଢ଼େ ୧୧ଟା ସୁଦ୍ଧା ତାପମାତ୍ରା ୩୫ ଡିଗ୍ରୀ ପାର ହୋଇଥିଲା। ପାରାଦୀପରେ ଦିନ ସାଢେ ୧୧ଟା ସୁଦ୍ଧା ତାପମାତ୍ରା ସର୍ବାଧିକ ୩୫.୪ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଥିବା ବେଳେ ଚାନ୍ଦବାଲିରେ ୩୫.୨, ଗୋପାଳପୁରରେ ୩୪.୨, ବାଲେଶ୍ୱରରେ ୩୪.୨, *(ପୃଷ୍ଠା ୭ରେ)*





# କେନ୍ଦୁଝର ଜିଲ୍ଲାରେ ମତଦାନ ହାର ବୃଦ୍ଧି ପାଇଁ ବ୍ୟାପକ ସଚେତନତା କାର୍ଯ୍ୟକ୍ରମ

**କେନ୍ଦୁଝର, ନ୍ୟୁଜ୍**



ଆଗାମୀ ମଇ ୨୫ ତାରିଖରେ କେନ୍ଦୁଝର ଜିଲ୍ଲାରେ ଏକାଦ୍ରିକ୍ରମେ ଉଭୟ ଲୋକସଭା ଓ ବିଧାନସଭା ଲାଗି ନିର୍ବାଚନ ଅନୁଷ୍ଠିତ ହେବ। ପୂର୍ବ ନିର୍ବାଚନ ଅପେକ୍ଷା ଏଥର ବହୁ ସଂଖ୍ୟାରେ ଭୋଟରମାନେ ଯେପରି ନିଜ ମତଦାନ ସାବ୍ୟସ୍ତ କରି ପାରିବେ ସେଥିଲାଗି ଜିଲ୍ଲା ପ୍ରଶାସନ ବ୍ୟାପକ ରଣନୀତି ପ୍ରସ୍ତୁତ କରିଛି।

ପ୍ରଭାବଶାଳୀ ବ୍ୟବସ୍ଥିତ ଭୋଟର ଶିକ୍ଷା ଏବଂ ନିର୍ବାଚନ ଅଂଶଗ୍ରହଣ ମାଧ୍ୟମରେ ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ବିଶାଲ ସିଂହଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଜିଲ୍ଲାରେ ଭୋଟ୍ ହାର ବୃଦ୍ଧି ପାଇଁ ବିଶେଷ କାର୍ଯ୍ୟକ୍ରମର ପରିକଳ୍ପନା କରାଯାଇ ପର୍ଯ୍ୟାୟକ୍ରମେ କାର୍ଯ୍ୟକାରୀ କରାଯାଉଛି। ଭୋଟରମାନଙ୍କୁ ନିଜ ମତଦାନ ସାବ୍ୟସ୍ତ କରିବା ପାଇଁ ଅନୁପ୍ରାଣିତ କରିବା ଏବଂ ଗଣତାନ୍ତ୍ରିକ ରାଷ୍ଟ୍ରରେ ଗୋଟେ ଭୋଟର ମହତ୍ୱ ବାବଦରେ ବ୍ୟାପକ ଜନସଚେତନତା କରାଯାଉଛି ।

ଏହି ପରିପ୍ରେକ୍ଷୀରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରୁ ଏକ ଭୋଟର ସଚେତନତା ପଦଯାତ୍ରା (ୱାକାଥନ) ସହରର ବିଭିନ୍ନ ଜନଗହଳିପୂର୍ଣ୍ଣ ସ୍ଥାନ ଦେଇ ସ୍ଥାନୀୟ ହ୍ୟାଣ୍ଡବଲ ପଡ଼ିଆରେ ପହଞ୍ଚିଥିଲା। ଏହି ପଦଯାତ୍ରାକୁ ଭାରତ ନିର୍ବାଚନ ଆୟୋଗଙ୍କ ବରିଷ୍ଠ ଉପଦେଷ୍ଟା ଡଃ ସାଧନା ରାଉତ ଏବଂ ଜିଲ୍ଲାପାଳ ବିଶାଳ ସିଂହ ଶାଗୁଆ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ।

ଶହ ଶହ ଯୁବକ ଯୁବତୀ ହାତରେ ପ୍ଲାକାର୍ଡ଼ ଧରି ଜନସାଧାରଣଙ୍କୁ ଭୋଟ ଦେବା ପାଇଁ ପ୍ରବର୍ତ୍ତାଇଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ବିଷ୍ଣୁ ପ୍ରସାଦ ଆଚାର୍ଯ୍ୟ, ଉପଜିଲ୍ଲାପାଳ ତ୍ରିଲୋଚନ ମହାନ୍ତି, କେନ୍ଦୁଝରଗଡ଼ ପୌରପାଳିକା ନିର୍ବାହୀ ଅଧିକାରୀ ବସନ୍ତ କୁମାର ସେଠୀ, ଜିଲ୍ଲା କ୍ରୀଡ଼ା ଅଧିକାରୀ ଜିତେନ୍ଦ୍ର ମହାକୁଡ଼, ଓରମାସର ଯୁଗ୍ମ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ସପନ ଗୋସ୍ୱାମୀ, ବ୍ୟାଙ୍କ ଅଫ ଇଣ୍ଡିଆର ବରିଷ୍ଠ ପ୍ରବନ୍ଧକ ରବିନାରାୟଣ ମହାଳିକ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସାର୍ଥକ ରାୟ ଏବଂ ସହରର ଅନେକ ବୁଦ୍ଧିଜୀବୀ ସାମିଲ ହୋଇଥିଲେ।

ସେହିପରି କେନ୍ଦୁଝର ସଦର ମହକୁମା ଠାରେ ଅବସ୍ଥିତ ହ୍ୟାଣ୍ଡବଲ ପଡ଼ିଆରେ ଦସ୍ତଖତ ଅଭିଯାନ ଏବଂ ଭୋଟର ସଚେତନତା ବାର୍ତ୍ତା ସମ୍ବଳିତ ପୋଷ୍ଟର ଉନ୍ମୋଚନ କରାଯାଇଥିଲା। ଏଥିରେ ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ବିଶାଲ ସିଂହ ଓ ଆରକ୍ଷୀ ଅଧିକ୍ଷକ ନୀତିନ କୁଶଲକରଙ୍କ ସମେତ ଜିଲ୍ଲାର ଅନ୍ୟ ପଦାଧିକାରୀ ଉପସ୍ଥିତ ରହି ସାଧାରଣ ଜନତା ବିଶେଷତଃ ଯୁବବର୍ଗଙ୍କୁ ସମ୍ବିଧାନ ଦ୍ୱାରା ପ୍ରଦତ୍ତ ମତାଧିକାର ସାବ୍ୟସ୍ତ କରିବା ପାଇଁ ପ୍ରବର୍ତ୍ତାଇଥିଲେ।

ସୂଚନାଥାଉକି ଜିଲ୍ଲାପାଳ ଶ୍ରୀ ସିଂହ ସମସ୍ତ ଭୋଟରଙ୍କୁ ଭୋଟ ଦେଇ ଗଣତନ୍ତ୍ରର ମହାପର୍ବରେ ସାମିଲ ହେବାକୁ ନିବେଦନ କରିଛନ୍ତି।

# ସୁବର୍ଣ୍ଣପୁର ଜିଲ୍ଲା ମହୁଲ ଗୋଟାଳି ଉପଯୁକ୍ତ ମୂଲ୍ୟ ପାଇବାରୁ ବଞ୍ଚିତ

**ସୁବର୍ଣ୍ଣପୁର, ନ୍ୟୁଜ୍‌ବ୍ୟୁରୋ**

ମାର୍ଚ୍ଚ ମାସର ଖରା ତାତିକୁ ଖାତିର ନକରି ସୁବର୍ଣ୍ଣପୁର ଜିଲ୍ଲା ବିଭିନ୍ନ ଅଞ୍ଚଳର ମହିଳା ମାନେ ପ୍ରତିଦିନ ସକାଳୁ ସକାଳୁ ବାହାରି ପଡୁଛନ୍ତି ମହୁଲ ସଂଗ୍ରହରେ । ହେଲେ ମହୁଲ ଫୁଲର ଦାମ ଚଳିତବର୍ଷ କମ ରହିଛି । ଫଳରେ ମହୁଲ ଗୋଟାଳିଙ୍କ ପାଇଁ ଏହା ଚିନ୍ତାର କାରଣ ପାଲଟିଛି । ଏବେ ମହୁଲ ସଂଗ୍ରହ ଋତୁ।ସାଧାରଣତଃ ଫେବୃୟାରୀ ଶେଷ ଓ ମାର୍ଚ୍ଚ ମାସ ଆରମ୍ଭରେ ମହୁଲ ଫୁଲ ଆସିଥାଏ। ଏଣୁ ସୁବର୍ଣ୍ଣପୁର ସମେତ ସମଗ୍ର ସୁବର୍ଣ୍ଣପୁର ଜିଲ୍ଲା ହଜାର ହଜାର ମହିଳା ମାନେ ହାତରେ ଟୋକେଇ ଧରି ଜଙ୍ଗଲକୁ ବାହାରି ପଡନ୍ତି ମହୁଲ ସଂଗ୍ରହ ପାଇଁ, କେହି କେହି ସାଙ୍ଗରେ ସେମାନଙ୍କ ପିଲା ଛୁଆଙ୍କୁ ବି ନେଇ ଥାନ୍ତି। ଅଧିକା ମହୁଲ ସଂଗ୍ରହ କଲେ ଅଧିକା ଦି ପଇସା ରୋଜଗାର କରିବେ। ଚଳିତବର୍ଷ ମହୁଲ କିଲୋ ପିଛା ୨୦ରୁ ୨୫ ଟଙ୍କା ରହିଛି। ଜଣେ ମହିଳା ଦିନକୁ ଅତି ବେଶିରେ ୫ରୁ ୭କେଜି ମଧ୍ୟରେ ମହୁଲ ଗୋଟାଇ ଥାନ୍ତି। ହେଲେ ଶୁଖିଗଲା ପରେ ଶତକଡ଼ା ୫୦ଭାଗ ଓଜନ କମିଯାଏ, ଆଉ ଖୁବ୍ କମ୍ ଟଙ୍କା ମିଳେ ମହୁଲ ସଂଗ୍ରହକାରୀଙ୍କୁ ଜଙ୍ଗଲରୁ ମହୁଲ ଫୁଲ ସଂଗ୍ରହ କରି ଆଣିବା ପରେ ତାକୁ ଭଲଭାବେ ଖରାରେ ଶୁଖାଇଥାନ୍ତି। ପୂରା ଶୁଖିଗଲା ପରେ ବିକ୍ରି ପାଇଁ ଯାଇଥାଏ।ମହୁଲ ଫୁଲରେ ଗ୍ରାମାଞ୍ଚଳର ମହିଳା ମାନେ ପିଠା ପ୍ରସ୍ତୁତ କରି ଖାଆନ୍ତି ଆଉ ଗୋ ଖାଦ୍ୟ ପ୍ରସ୍ତୁତରେ ମଧ୍ୟ ଏହା ବ୍ୟବହାର ହୁଏ। କମ୍ ଟଙ୍କା ମିଳିଲେ ବି ଗ୍ରାମାଞ୍ଚଳର ମହିଳାମାନେ ମହୁଲ ଗୋଟାଇବା ଲାଗି ବେଶ ଆଗ୍ରହ ପ୍ରକାଶ କରିଥାନ୍ତି। ମହୁଲ ଗୋଟାଇ ଯାହା କିଛି ପାରିଶ୍ରମିକ ପାଆନ୍ତି ସେଥିରେ ପରିବାରର ବୋଝ ଟିକିଏ ହାଲକା ହୋଇ ଥାଏ। ହେଲେ ଚଳିତବର୍ଷ ମହୁଲ ଦର କମ୍ ଥିବାରୁ ଚିନ୍ତାରେ ପଡିଛନ୍ତି ମହୁଲ ଗୋଟାଳୀ। ଗତଥର ଦୁଇ ବର୍ଷ ଆଗରୁ କୋରନା ସଂକ୍ରମଣ ପାଇଁ ଦେଶବ୍ୟାପୀ ଲକ୍‌ଡ଼ାଉନ ଥିବାରୁ ମହୁଲ ଫୁଲ ସଂଗ୍ରହ ଓ ବିକ୍ରୀରେ ବାଧା ସୃଷ୍ଟି ହୋଇଥିଲା। ଫଳରେ ସାହୁକାର ମାନଙ୍କୁ ଶାଗ ମାଛ ଦରରେ ବିକ୍ରୀ କରିଥିଲେ, ତେବେ ଏ ବର୍ଷ ଭଲ ଦି ପଇସା ଉପାର୍ଜନ କରିବେ ବୋଲି ଲକ୍ଷ୍ୟ ରଖିଛନ୍ତି ସୁବର୍ଣ୍ଣପୁର ଜିଲ୍ଲାର ମହୁଲ ଗୋଟାଳି ହେଲେ କ'ଣ ହେଉଛି ଆଗକୁ ଜଣାପଡିବ । ଅବକାରୀ ବିଭାଗ ଏଥି ପ୍ରତି ଦୃଷ୍ଟି ଦେଇ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କଲେ ମହୁଲ ତୋଟାଳୀମାନେ ଉପକୃତ ହୋଇପାରନ୍ତେ ।

# କଟକରେ ଭାରତୀୟ ଜନତା ପାର୍ଟିର ପ୍ରତିଷ୍ଠା ଦିବସ ପାଳିତ

**କଟକ, ନ୍ୟୁଜ୍‌ବ୍ୟୁରୋ**




ଭାରତୀୟ ଜନତା ପାର୍ଟିର ପ୍ରତିଷ୍ଠା ଦିବସ ଉପଲକ୍ଷେ ଗୌରୀ ଶଙ୍କର ପାର୍କ ସ୍ଥିତ ପାର୍ଟିର ନିୟମିତ ଧ୍ୱଜା ସ୍ତମ୍ଭରେ ପାର୍ଟି ପତାକା ଉତ୍ତୋଳନ କରାଯାଇ ଥିଲା। ଏଥିରେ କଟକନଗର ସଭାପତି ଲଲାଟେନ୍ଦୁ ବଡୁ, ଲୋକସଭା ପ୍ରାର୍ଥୀ ଶ୍ରୀ ଭର୍ତ୍ତୃହରି ମହତାବ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବିନୋଦ ଦାଶ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ସ୍ମୃତି ପଟ୍ଟନାୟକ, ନିର୍ବାଚନ ମଣ୍ଡଳୀ ସଂଯୋଜକ ଲକ୍ଷ୍ମୀଧର ପ୍ରଧାନ, ରାଜ୍ୟ ନେତା ଉମେଶ ଖଣ୍ଡେଲବାଲ, ସବ୍ୟସାଚୀ ମହାପାତ୍ର, ଦେବାନନ୍ଦ ସିଂ, ଦେବାଶିଷ ରାୟ,ବିବେକାନନ୍ଦ ନାୟକ, ବିଶ୍ୱରଞ୍ଜନ ମିଶ୍ର, ପବନ ଭାଓ ସିଙ୍ଘା, ପ୍ରକାଶ ଅଗ୍ରୱାଲ, ରତନ ମହାନ୍ତି, ସନ୍ତୋଷ ମହାନ୍ତି, ହରିଚନ୍ଦନ ନାୟକ, କୀର୍ତ୍ତି ସାମଲ, ରବୀନ୍ଦ୍ର ରାଉତ, କବିରଞ୍ଜନ ମହାନ୍ତି, ନିରଞ୍ଜନ ବେହେରା, ରାଜେଶ ସିଂ, ଅନୁପମ ଦାସ, ଦିଲ୍ଲୀପ କୁମାର ସାହୁ, ନମିତା ମିଶ୍ର, ଶିବ ନାୟକ, ଅଭିନ୍ନ ଦେଓ, ବିଜୟ ସେଠୀ, ଜୟକୃଷ୍ଣ ସ୍ୱାଇଁ, ଗଗନ ଓଝା, ଲକ୍ଷ୍ମୀଧର ବେହେରା, ରମେଶ ପ୍ରଧାନ, ଉପେନ୍ଦ୍ର ମହାରଣା, ସମୀର ଘୋଷ, ନିର୍ମଳା ଆଚାର୍ଯ୍ୟ, ରଘୁନାଥ ଦତ୍ତ, ଶରତ ଭୋଳ, ସନ୍ଦୀପ ବିଶ୍ୱାଳ, ବିଶ୍ୱଜିତ ପ୍ରଧାନ, ସୁବାଷ ମହାନ୍ତି, ସୁବାଷ ସେଠୀ, ବିଜୟ ମହାରଣା, ସନ୍ଦୀପ ବିଶ୍ୱାଳ, ତପନ ବେହେରା, ଶଙ୍କରାଚାର୍ଯ୍ୟ ଚୌଧୁରୀ, ଯୋଗେନ୍ଦ୍ର ବେହେରା, ଅଂଶୁମାନ ମିଶ୍ର, ପୌର୍ଣ୍ଣମାସି ମହାପାତ୍ର, କୁମାର ରାଜମନ୍ୟୁ, ଜ୍ୟୋତି ମଲ୍ଲ, ନିଶିକାନ୍ତ ଜେନା,ସତ୍ୟ ଦାସ, ସଂଜୀବ ମହାପାତ୍ର, ପ୍ରକାଶ ସାହୁ, ସମୀର ବେହେରା, ସତ୍ୟଜିତ ମହଲା, କଲ୍ୟାଣୀ ମହଲା ତଥା ଅନ୍ୟାନ୍ୟ ବହୁ ଜିଲ୍ଲା ଓ ମଣ୍ଡଳର ପଦାଧିକାରୀମାନେ ମଧ୍ୟ ଉପସ୍ଥିତ ଥିଲେ। ଶ୍ରୀ ମହତାବ ତାଙ୍କ ଉଦ୍‌ବୋଧନରେ ମୋଦିଜୀଙ୍କ ବିକଶିତ ଭାରତ ସଂକଳ୍ପ ପାଇଁ ଏଥର ବିଜେପିକୁ ଚାରି ଶହ ପାର କରି ଓଡ଼ିଶାରେ ଡବଲ ଇଂଜିନ ସରକାର ଆଣିବାକୁ ନିଶ୍ଚିତ ଭାବେ ଦମ୍ ଲଗାଇବାକୁ ଉପସ୍ଥିତ କାର୍ଯ୍ୟକର୍ତ୍ତାଙ୍କୁ ଆହ୍ୱାନ ଦେଇଥିଲେ।

# ଭୋଟର ଛାତ୍ରଛାତ୍ରୀଙ୍କ ପାଇଁ ପ୍ରଶିକ୍ଷଣ କର୍ମଶାଳା

**ବୌଦ୍ଧ, ନ୍ୟୁଜ୍‌ବ୍ୟୁରୋ**

ଜିଲ୍ଲା ନିର୍ବାଚନ କାର୍ଯ୍ୟାଳୟ ପକ୍ଷରୁ ବୌଦ୍ଧ ପଞ୍ଚାୟତ କଲେଜ ପରିସରରେ ନୂତନ ଭୋଟରଙ୍କ ପ୍ରଶିକ୍ଷଣ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଉକ୍ତ କର୍ମଶାଳାରେ ବୌଦ୍ଧ ଉପ ଜିଲ୍ଲାପାଳ ତଥା ନୋଡାଲ ଅଫିସର ପ୍ରଭାସ ଚନ୍ଦ୍ର ଦଣ୍ଡସେନା, ବୌଦ୍ଧ ତହସିଲଦାର ଲଗ୍ନଜିତ୍ ବେହେରା, ବୌଦ୍ଧ ଏନଏସି ନିର୍ବାହୀ ଅଧିକାରୀ ସ୍ୱସ୍ତିକ ଜମାଦାର, ବୌଦ୍ଧ ପଞ୍ଚାୟତ କଲେଜର ଅଧକ୍ଷ ପ୍ରକାଶ ଚନ୍ଦ୍ର ବେହେରା ଯୋଗ ଦେଇ ମତଦାନ କେମିତି କରାଯାଏ ସେ ସମ୍ପର୍କରେ ନୂତନ ଭୋଟର ମାନଙ୍କୁ ପ୍ରଶିକ୍ଷଣ ଦେଇଥିଲେ । କାର୍ଯ୍ୟକ୍ରମରେ ବିଭିନ୍ନ ବୁଥ୍‌ର ବିଏଲଓ, ମଡେଲ୍ ଡିଗ୍ରୀ କଲେଜର ଅଧକ୍ଷ ଓ ଅଧାପକ ଅଧାପିକା ଏବଂ ନୂତନ ଭାବେ ଭୋଟର ତାଲିକାରେ ନାମ ସାମିଲ୍ ହୋଇଥିବା ଛାତ୍ରଛାତ୍ରୀ ମାନେ ଅଂଶଗ୍ରହଣ କରିଥିଲେ ।




# 'ଏକ ଭାରତ ଶ୍ରେଷ୍ଠ ଭାରତ'ର ବାର୍ତ୍ତା ନେଇ ସାଇକେଲରେ ଭାରତ ଯାତ୍ରା ଆରମ୍ଭ କଲେ ଯୁବକ

**ସୁବର୍ଣ୍ଣପୁର, ନ୍ୟୁଜ୍‌ବ୍ୟୁରୋ**



ଏକ ଭାରତ ଶ୍ରେଷ୍ଠ ଭାରତର ସଂକଳ୍ପକୁ ଜନାଦୃତ କରିବା ପାଇଁ ଏବଂ ଶତ ପ୍ରତିଶତ ମତଦାନ ଦ୍ୱାରା ଗଣତନ୍ତ୍ରକୁ ସମୃଦ୍ଧ କରିବା ବାର୍ତ୍ତା ନେଇ ସାଇକଲରେ ସମଗ୍ର ଭାରତ ଯାତ୍ରା ଆରମ୍ଭ କରିଛନ୍ତି ସୁବର୍ଣ୍ଣପୁରର ଯୁବକ ସତ୍ୟନାରାୟଣ ବାଗ। ସ୍ଥାନୀୟ ସୋନପୁର ମହାବିଦ୍ୟାଳୟର ଏହି ପ୍ରାକ୍ତନ ଏନ୍‌ସିସି କ୍ୟାଡେଟ୍‌ଙ୍କୁ ଜିଲ୍ଲା ପ୍ରଶାସନ ତଥା ବିଭିନ୍ନ ନାଗରିକ ସଂଗଠନ ତରଫରୁ ଉଚ୍ଛ୍ୱସିତ ସମ୍ବର୍ଦ୍ଧନା ଦେଇ ବିଦାୟ ଦିଆଯାଇଥିଲା। 'ଏକ୍ ଭାରତ ଶ୍ରେଷ୍ଠ ଭାରତ' ଭଳି ମହତ୍ତ୍ୱପୂର୍ଣ୍ଣ ବାର୍ତ୍ତାର ପ୍ରଚାର ପ୍ରସାର ପରିପ୍ରେକ୍ଷୀରେ ଭାରତର ମହାନ ସଂସ୍କୃତିକୁ ସମସ୍ତଙ୍କ ପାଖରେ ପହଞ୍ଚାଇବା, ସ୍ୱଚ୍ଛତା ଅବଲମ୍ବନ କରିବା ଓ ଆଗାମୀ ସଧାରଣ ନିର୍ବାଚନରେ ଯୁବକ ଯୁବତୀଠୁଁ ଆରମ୍ଭ କରି ବୃଦ୍ଧ ବୃଦ୍ଧା ଯାଏଁ ସମସ୍ତେ ନିଜର ବହୂ ମୂଲ୍ୟ ମତଦାନକୁ ସାବ୍ୟସ୍ତ କରିବା ଇତ୍ୟାଦି ପ୍ରମୁଖ ସଚେତନତା ବାର୍ତ୍ତା ନେଇ ସାଇକେଲ ଯାତ୍ରାର ପରିକଳ୍ପନା ସେ କରିଛନ୍ତି। ଦୀର୍ଘ ତିନି ଚାରି ମାସ ଧରି ସାରା ଭାରତ ପରିଭ୍ରମଣ ପାଇଁ ପ୍ରସ୍ତୁତି କରିଥିବା ଶ୍ରୀ ବାଗ୍‌ଙ୍କ ଏହି ଦୁଃସାହସିକ ଯାତ୍ରାକୁ ଆଜି ସୁବର୍ଣ୍ଣପୁର ଜିଲ୍ଲାପାଳ ଅନ୍ୟା ଦାସ ଓ ଏସ୍‌ପି ୟସ୍ ପ୍ରତାପ ଶ୍ରୀମାଲ୍ ସବୁଜ ପତାକା ଦେଖାଇ ଶୁଭ ଉଦ୍‌ଘାଟନ କରିଥିଲେ। ଫୁଲ ତୋଡା ଓ ଉପଢୌକନ ପ୍ରଦାନ ପୂର୍ବକ ଶ୍ରୀ ବାଗ୍‌ଙ୍କୁ ଶୁଭ କାମନା ଜଣାଇ ଉତ୍ସାହିତ କରିଥିଲେ। ଏହି ଯୁବକଙ୍କୁ ଉତ୍ସାହିତ କରିବା ପାଇଁ ଆଜି ସକାଳୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଏଡିଏମ୍ ରବୀନ୍ଦ୍ର କୁମାର କହଁର, ଏଡିଏମ୍ ଅଞ୍ଜଳିନା ପ୍ରଧାନ, ଡେପୁଟି କଲେକ୍ଟର ବିଶି କେଶନ ପ୍ରଧାନ, ଆସିଷ୍ଟାଣ୍ଟ କଲେକ୍ଟର ତଥା ଜିଲ୍ଲା କ୍ରିଡ଼ା ଅଧିକାରୀ ଚିତ୍ତ ରଞ୍ଜନ ମିଶ୍ର, ଆସିଷ୍ଟାଣ୍ଟ କଲେକ୍ଟର ରମେଶ ଚନ୍ଦ୍ର ଗୋଛି, କୃଷ୍ଣ ମୋହନ ସିଂ, ଶ୍ରୀମତୀ ତପସ୍ୱିନୀ ଶତପଥି, ସତ୍ୟ ବ୍ରତ ସାହୁ ପ୍ରମୁଖ ବିଭିନ୍ନ ପ୍ରାଶାସନିକ ଅଧିକାରୀ ଓ କର୍ମଚାରୀ ଏକତ୍ରୀତ ହୋଇଥିଲେ ଓ ଏହା ସହିତ ସୁବର୍ଣ୍ଣପୁରର ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତ୍ତା, ସ୍ୱଚ୍ଛ ଭାରତ ସଂଗଠନ ସଭାପତି ଶୟଦ୍ ଅଲିମୂଲ୍ ଇସଲାମ, ଉପ ସଭାନେତ୍ରୀ ଇନ୍ଦୁମତି ପୁରୋହିତ, ବରିଷ୍ଠ ନାଗରିକ ସଂଘର ଜ୍ୟୋତି ରଞ୍ଜନ ପଟ୍ଟନାୟକ, ଆଇନଜୀବୀ ପ୍ରଦୀପ ପୁରୋହିତ, କ୍ରୀଡ଼ା ସଙ୍ଗଠକ ପୀୟୂଷ ପଣ୍ଡା, ରାମଧୁନ କ୍ଲବ୍ ସମ୍ପାଦକ ବିକାଶ ପଣ୍ଡା, ସମାଜସ୍ୱେଁ ଗୋବିନ୍ଦ ମହାରଣା, ପୋଲିସ୍ କନେଷ୍ଟବଳ ସଂଘ ସଭାପତି ଦିନେଶ ମିଶ୍ର ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତି ଏଠାରେ ଉପସ୍ଥିତ ରହି ଶ୍ରୀ ବାଗ୍‌ଙ୍କ ଯାତ୍ରାର ସଫଳ କାମନା କରିଥିଲେ। ଏହା ସହିତ ସୁବର୍ଣ୍ଣପୁରର ଗର୍ବ ଗୌରବ ବଢ଼ାଇ ସୁସ୍ଥ ଭାବରେ ପ୍ରତ୍ୟାବର୍ତ୍ତନ କରିବା ପାଇଁ ଶୁଭ କାମନା ଜଣାଇଥିଲେ। ସୋନପୁର କଲେଜ ଏନ୍‌ସିସି ଅଧିକାରୀ ଲେଫ୍ଟନାଣ୍ଟ ଆଶିଷ ଅଗ୍ରୱାଲା ଏବଂ ବହୁ ସଂଖ୍ୟାରେ ଏନ୍‌ସିସି ଛାତ୍ରଛାତ୍ରୀ ଯୋଗଦେଇ ଯୁବକଙ୍କୁ ଉତ୍ସାହିତ କରିଥିଲେ। ସହରର ସମାଜସେବୀ ତଥା ସାମ୍ବାଦିକ ମନୋ-ରଞ୍ଜନ ତ୍ରିପାଠୀ, ରକ୍ତଦାତା ସଂଘ ସଭାପତି ମନୋଜ ପଣ୍ଡା ଏହି କାର୍ଯ୍ୟକ୍ରମକୁ ଅକ୍ଷୟୋଜନ କରିଥିବା ବେଳେ ସ୍ୱଚ୍ଛ ଭାରତ ସଂଗଠନ, ଗୋପକ୍ଷଲଜି ଯୋଗକ୍ଷଳୟ, ବରିଷ୍ଠ ନାଗରିକ ସଂଘର ସମସ୍ତ କର୍ମକର୍ତ୍ତା, କଲେକ୍ଟ୍ରିଏଟ୍ କର୍ମଚାରୀ, ଇନ୍‌ଫିନିଟି କ୍ଲବ୍ ସଦସ୍ୟ ଓ ବିଭିନ୍ନ ଗଣମାଧ୍ୟମର ପ୍ରତିନିଧି ଏଥିରେ ଯୋଗ ଦେଇ ଶୁଭେଚ୍ଛା ଜଣାଇଥିଲେ।

# ନୂତନ ଭୋଟରଙ୍କୁ ସଚେତନତା ପାଇଁ ଶୋଭାଯାତ୍ରା




**ବୌଦ୍ଧ, ନ୍ୟୁଜ୍‌ବ୍ୟୁରୋ**

ବୌଦ୍ଧ ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ନିର୍ବାଚନ କାର୍ଯ୍ୟାଳୟ ପକ୍ଷରୁ ନୂତନ ଭୋଟରମାନଙ୍କୁ ସଚେତନତା ଉଦ୍ଦେଶ୍ୟରେ ଏକ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଉକ୍ତ ଶୋଭାଯାତ୍ରା ଜିଲ୍ଲା ମ୍ୟୁଜିୟମ ନିକଟରୁ ବାହାରିଥିବା ବେଳେ ଉପ ଜିଲ୍ଲାପାଳ ପ୍ରଭାସ ଚନ୍ଦ୍ର ଦଣ୍ଡସେନା ଶୁଭାରମ୍ଭ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବୌଦ୍ଧ ଏନଏସି ନିର୍ବାହୀ ଅଧିକାରୀ ସ୍ୱସ୍ତିକ ଜମାଦାର, ବୌଦ୍ଧ ତହସିଲଦାର ଲଗ୍ନଜିତ୍ ବେହେରା ଓ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସହକାରୀ ଜିଲ୍ଲାପାଳମାନେ ଉପସ୍ଥିତ ଥିଲେ । ଶୋଭାଯାତ୍ରାଟି ବୌଦ୍ଧ ସହର ପରିକ୍ରମା କରିବା ସହିତ ନୂତନ ଭୋଟରମାନଙ୍କୁ ମତଦାନ ପାଇଁ ଆଗ୍ରହ ସୃଷ୍ଟି ଉଦ୍ଦେଶ୍ୟରେ ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶକ୍ରମେ ଅନୁଷ୍ଠିତ ହୋଇଥିଲା। ଏହି ଶୋଭାଯାତ୍ରାରେ ବୌଦ୍ଧ ପଞ୍ଚାୟତ କଲେଜ, ବାଳିକା ଉଚ୍ଚ ବିଦ୍ୟାଳୟ ଓ ଯୋଗୀନ୍ଦ୍ର ଦେବ ଉଚ୍ଚ ବିଦ୍ୟାଳୟର ଏନ୍‌ସିସି କ୍ୟାଡେଟ୍ ଓ ଛାତ୍ରଛାତ୍ରୀମାନେ ଶୋଭାଯାତ୍ରାରେ ଅଂଶଗ୍ରହଣ କରିଥିଲେ ।

# ବିଦ୍ୟୁତ ଆଘାତରେ ଯୁବକର ଅକାଳ ବିୟୋଗ

**ନିଶ୍ଚିନ୍ତକୋଇଲି, ନ୍ୟୁଜ୍‌ବ୍ୟୁରୋ**

ନିଶ୍ଚିନ୍ତକୋଇଲି ବ୍ଲକ ବଡଖିର ଗ୍ରାମର ଜଣେ ଯୁବକର ବିଦ୍ୟୁତ ଆଘାତରେ ମୃତ୍ୟୁ ହୋଇଥିବାରୁ ସାଧାରଣରେ ଗଭୀର ଶୋକର ଛାୟା ଖେଳିଯାଇଛି । ବଡ଼ଖିର ଗ୍ରାମର ବାସୁଦେବ ବେହେରାଙ୍କ ପୁତ୍ର ସନ୍ତୋଷ କୁମାର ବେହେରା(୩୭) ଭୁବନେଶ୍ୱରରେ ଜଣେ ବ୍ୟକ୍ତିଙ୍କ ଘରେ ବିଦ୍ୟୁତ କାର୍ଯ୍ୟ କରୁଥିଲେ। ଏହି ସମୟରେ ତାଙ୍କୁ ବିଦ୍ୟୁତ ଆଘାତ ହେବା ଯୋଗୁ ସେ ଗୁରୁତର ଭାବେ ଆହତ ହୋଇଥିଲେ। ତାଙ୍କୁ ଚିକିତ୍ସା ନିମନ୍ତେ ଭୁବନେଶ୍ୱର ସରକାରୀ ହସ୍ପିଟାଲରେ ଭର୍ତ୍ତି କରାଯାଇ ଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ୍ୟୁ ଘୋଷଣା କରିଥିଲେ। ତାଙ୍କର ଶବକୁ ବ୍ୟବଚ୍ଛେଦ କରାଯାଇ ପୈତୃକ ଗ୍ରାମକୁ ଅଣାଯାଇ ଶୋକାକୂଳ ପରିବେଶରେ ଦାହ କରାଯାଇଥିଲା। ତାଙ୍କର ଏକ ଦେଢବର୍ଷର ଶିଶୁ ସନ୍ତାନ ଓ ପତ୍ନୀ ରହିଥିବାର ଜଣାଯାଇଛି। ତାଙ୍କ ପରିବାର ସରକାରୀ ସହାୟତା ଯୋଗାଇ ଦିଆଯିବା ନିମନ୍ତେ ସାଧାରଣରେ ଦାବି ହୋଇଛି।


# ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ମୂକସାକ୍ଷୀ ଉତ୍କଳ ଆଶ୍ରମ

**ବ୍ରହ୍ମପୁର, ନ୍ୟୁଜ୍‌ବ୍ୟୁରୋ**



ସ୍ୱତନ୍ତ୍ର ଭାଷାଗତ ରାଜ୍ୟ ଓଡ଼ିଶା ଯାହା ପୂର୍ବରୁ ଉତ୍କଳ ପ୍ରଦେଶ ଭାବେ ପରିଚିତ ଥିଲା । ଏହାର ଗାରିମା ଓ ମହିମା ବିଶ୍ୱବିଦିତ । ଭାଷାଗତ ଭାବେ ଉତ୍କଳ ପ୍ରଦେଶ ଗଠନ ଲାଗି ଏହି ରାଜ୍ୟ କେତେ ଯେ, ସଂଗ୍ରାମ କରିଛି ତାହା ସମସ୍ତେ ଜାଣନ୍ତି । ଏହାରି ପଛରେ ଅନେକ ମହାନ ପୁରୁଷଙ୍କ ଅବଦାନ ରହିଛି । ବିଶେଷ କରି ଗଞ୍ଜାମ ଜିଲ୍ଲାର ବିଦ୍ୱାନ ରାଜାମାନେ ଏହାର ନେତୃତ୍ୱ ନେଇଥିବା ଜଣାଯାଏ । ଏମାନଙ୍କ ଦ୍ୱାରା ଲୋକଙ୍କୁ ସଙ୍ଗଠିତ କରିବାର ଦୃଢ଼ ଇଚ୍ଛା ଓ ସଂକଳ୍ପ ଆଜି ବି ଇତିହାସ ପୃଷ୍ଠାରେ ଚିର ଉଜ୍ଜୀବିତ । ଓଡ଼ିଆ ଭାଷା ଆନ୍ଦୋଳନ କ୍ଷେତ୍ରରେ ଦକ୍ଷିଣ ଓଡ଼ିଶାର ଭୂମିକା ବେଶ୍ ଗୁରୁତ୍ୱପୂର୍ଣ୍ଣ ରହିଥିଲା । ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ସ୍ୱରକୁ ତୀବ୍ର କରିବାରେ ଅଭିଭକ୍ତ ଗଞ୍ଜାମ ଜିଲ୍ଲାର ଅବଦାନ ଯଥେଷ୍ଟ ମନେ ହୁଏ । ଏହି ସ୍ୱରକୁ ସମସ୍ତ ଓଡ଼ିଆଙ୍କ ମଧ୍ୟରେ ଜାଗ୍ରତ କରାଇବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲା ବ୍ରହ୍ମପୁରର ଉତ୍କଳ ଆଶ୍ରମ । ସମସ୍ତଙ୍କୁ ଚାରିକାନ୍ଥ ଭିତରେ ବାନ୍ଧି ରଖି ଓଡ଼ିଆତ୍ୱର ଆହ୍ୱାନ ଦେବାରେ ଏହି ଅନୁଷ୍ଠାନ ଚିରଜୀବିତ ହୋଇ ରହିଛି । ପ୍ରାପ୍ତ ସୂଚନା ମୁତାବକ ଓଡ଼ିଆ ଭାଷା ଆନ୍ଦୋଳନକୁ ସମସ୍ତଙ୍କ ମଧ୍ୟରେ ଜାଗ୍ରତ କରିବାପାଇଁ ତତ୍‌କାଳୀନ ବଡ଼ଖେମୁଣ୍ଡି ରାଜା କୃପାମୟ ଦେଓ ଏହାର ଉତ୍କଳ ଆଶ୍ରମର ଶିଳାନ୍ୟାସ କରିଥିଲେ । ଓଡ଼ିଆ ମାନେ ସଙ୍ଗଠିତ ହେବାକୁ ଏକ ମଞ୍ଚ ପାଇଥିଲେ । ଉତ୍କଳ ସମ୍ମିଳନୀର ଅନେକ ବୈଠକ ଏଠାରେ ହୋଇଥିଲା । ସେତେବେଳର ବିଦ୍ୱାନ ବ୍ୟକ୍ତିମାନେ ଲୋକଙ୍କୁ ସଙ୍ଗଠିତ କରି ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନର ନାରାକୁ ଏଠାରେ ହିଁ ତୀବ୍ର କରୁଥିଲେ । ସମସ୍ତ କାର୍ଯ୍ୟକ୍ରମର ରୂପରେଖ ଉତ୍କଳ ଆଶ୍ରମରେ ହିଁ ପ୍ରସ୍ତୁତ ହୋଇଥିବା ଅନେକ ଗବେଷକ ମତ ଦିଅନ୍ତି । ଉତ୍କଳ ଆଶ୍ରମ ପରବର୍ତ୍ତୀ ସମୟରେ ସ୍ଥାନୀୟ ଓଡ଼ିଆ ଭାଷାପ୍ରେମୀଙ୍କ ଉଦ୍ୟମରେ ଏହାର ବିକାଶ ହେଲା । ଏହିକ୍ରମରେ ୧୯୫୮ ମସିହାରେ ନାଟକ, ନୃତ୍ୟ, ସଙ୍ଗୀତର ଅଭିବୃଦ୍ଧି ଲକ୍ଷ୍ୟ ରଖି ଗଞ୍ଜାମ କଳା ପରିଷଦ ଗଢ଼ି ଉଠିଥିଲା । ସେହିଭଳି ୧୯୭୧ ମସିହାରେ କଳିଙ୍ଗ ସାହିତ୍ୟ ସମାଜର ମୂଳଦୁଆ ପଡ଼ିଥିଲା । ଉତ୍କଳ ଆଶ୍ରମ ପରିସରରେ ସମ୍ପ୍ରତି ୯୯ ବର୍ଷ ଲିଜ୍ ଆକାରରେ ଗଞ୍ଜାମ କଳା ପରିଷଦ ଚାଲିଛି । ସରକାରଙ୍କ ଅନୁଦାନରୁ ଗଞ୍ଜାମ କଳା ପରିଷଦ ପରିସରରେ କବିସୂର୍ଯ୍ୟ ରଙ୍ଗମଞ୍ଚ ଗଢ଼ି ଉଠିଛି । ସେହିଭଳି ଉତ୍କଳ ଆଶ୍ରମ ପରିସରରେ ଭାଷା ଭବନ କକ୍ଷ ଓ ମୁକ୍ତ ମଞ୍ଚ ମଧ୍ୟ ସ୍ଥାନ ପାଇଛି । ପ୍ରତିଦିନ ଏଠାରେ ସାହତ୍ୟାଲୋଚନା, ନାଟକ, ସାଂସ୍କୃତିକ କାର୍ଯ୍ୟକ୍ରମ ଆଦି ଆୟୋଜିତ ହେଉଅଛି । ଅନ୍ୟତମ ପୁରୋଧା ସୀତା ଦେବୀ ଖାଡ଼ଙ୍ଗାଙ୍କ ସହଯୋଗକ୍ରମେ ଏଠାରେ ପାଠାଗାର ମଧ୍ୟ ରହିଛି । ୧୯୯୯ ମହାବାତ୍ୟା ସମୟରେ ଏଠାରେ ସ୍ଥାନିତ ଥିବା ପୁସ୍ତକଗୁଡ଼ିକ ନଷ୍ଟ ହୋଇଯାଇଥିଲା । ପରବର୍ତ୍ତୀ ସମୟରେ ଏଗୁଡ଼ିକର ସୁରକ୍ଷା ଦିଗରେ ଟ୍ରଷ୍ଟ ବିଶେଷ ଗୁରୁତ୍ୱ ଦେଇଛନ୍ତି । ସେହିଭଳି ଟ୍ରଷ୍ଟ ସହାୟତାରେ ଏଠାରେ କିଛି କିଛି ଉନ୍ନତିକରଣ କାର୍ଯ୍ୟ ହାତକୁ ମଧ୍ୟ ନିଆଯାଉଛି । ଏଣେ ଉତ୍କଳ ଆଶ୍ରମର ଏହି ଐତିହାସିକ କୋଠାର ରକ୍ଷଣା ବେକ୍ଷଣ ଦିଗରେ ସ୍ଥାନୀୟ ପ୍ରଶାସନ ବିଶେଷ ଯତ୍ନବାନ୍ ହେବା ଆବଶ୍ୟକ ରହିଛି ବୋଲି ସାହିତ୍ୟପ୍ରେମୀ ମାନେ ମତ ଦେଇଛନ୍ତି । ଏଠାରେ ଆଲୋକୀକରଣକୁ ସୁଦୃଢ଼ କରିବା ସହ ଭିତ୍ତିଭୂମି ସୁରକ୍ଷା ଦିଗରେ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି । ଉତ୍କଳ ମାଟିର ଏହି ଐତିହ୍ୟ ସ୍ୱାକ୍ଷର ବହନ କରୁଥିବା ପବିତ୍ର ପୀଠ, ଗଞ୍ଜାମ ଜିଲ୍ଲାର ଗର୍ବ ଗୌରବ ଉତ୍କଳ ଆଶ୍ରମ । ଓଡ଼ିଆ ଭାଷା ସାହିତ୍ୟ ସଂସ୍କୃତିର ପ୍ରଚାର ପ୍ରସାର ନିମନ୍ତେ ଦୀର୍ଘ ଶହେ ବର୍ଷ ଧରି ନୀରବଚ୍ଛିନ୍ନ ଭାବରେ ଯେଉଁ ପରିସରରେ ଗୁଣୀ, ଜ୍ଞାନୀ ବ୍ୟକ୍ତି ବିଶେଷଙ୍କ ସାଧନା ପାଇଁ ସୁନାମ ଅର୍ଜନ କରି ଆସିଛି । ସେହି ପୀଠର ମର୍ଯ୍ୟାଦା ରକ୍ଷା କରିବା ଦିଗରେ ସମସ୍ତେ ତତ୍ପର ରହିଛନ୍ତି । ଉତ୍କଳ ଆଶ୍ରମକୁ ସମ୍ପ୍ରତି ଐତିହାସିକ କୋଠା ମାନ୍ୟତା ଦାବି ଜୋର ଧରିଛି । ସରକାର ଓ ପ୍ରଶାସନ ଏହାକୁ ମାନ୍ୟତା ପ୍ରଦାନ କରି ଏହାର ଭିତ୍ତିଭୂମି ସୁରକ୍ଷା ଦିଗରେ ଗୁରୁତ୍ୱ ଦେଲେ ଉତ୍କଳ ଆଶ୍ରମ ନ୍ୟାସ ନୂତନ ପରିଚୟ ପାଇବ ବୋଲି ଆଶା କରାଯାଉଛି । ବ୍ରହ୍ମପୁର ସହରରେ ସର୍ବ ପୁରାତନ ଉତ୍କଳ ଆଶ୍ରମ ନ୍ୟାସ ୧୯୨୦ ମସିହାରେ ପ୍ରତିଷ୍ଠା ହୋଇଥିବା ସୂଚନା ମିଳିଛି । ଏହାର ପରିଚାଳନା ନିମନ୍ତେ ଟ୍ରଷ୍ଟ ଗଠିତ ହୋଇଛି । ବରିଷ୍ଠ ଶିକ୍ଷାବିତ୍ ତଥା ସାହିତ୍ୟିକ ଡ଼. ସିଦ୍ଧାର୍ଥ ଶଙ୍କର ପାଢ଼ୀ ଏହାର ସମ୍ପାଦକ ରହିଛନ୍ତି ।

# ଇଂ.ବସନ୍ତ ରାଉତଙ୍କୁ ସମ୍ବର୍ଦ୍ଧନା




**ସାଲେପୁର, ନ୍ୟୁଜ୍‌ବ୍ୟୁରୋ**

କଟକ ଜିଲ୍ଲା ସାଲେପୁର ବ୍ଲକ୍‌ଅନ୍ତର୍ଗତ ସୋଗଲ ନିବାସୀ ପିତା ବଲ୍ଲଭ ଚରଣ ରାଉତ ଓ ମାତା ସ୍ୱର୍ଗତା ସଂଯୁକ୍ତା ରାଉତଙ୍କ ସୁପୁତ୍ର ଇଞ୍ଜିନିୟର ବସନ୍ତ କୁମାର ରାଉତଙ୍କୁ ବିଭିନ୍ନ ସେବାକାର୍ଯ୍ୟ ସହ ବୈଷୟିକ ଶିକ୍ଷା, ଜ୍ଞାନ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ଏମ୍‌ଇପି ବିଭାଗରେ ଉଚ୍ଚ ସ୍ତରୀୟ ଗବେଷଣା, ଅଗ୍ନି ନିରାପତ୍ତା ବିଭାଗରେ ଓଡ଼ିଶା ଏବଂ ଓଡ଼ିଶା ବାହାରେ ବହୁ ସଫଳତା ଆଦି ଉଲ୍ଲେଖନୀୟ କୃତିତ୍ୱ ନେଇ ସାଲେପୁର ଆଞ୍ଚଳିକ ସାମ୍ବାଦିକ ସଂଘର ନବମ ବାର୍ଷିକ ଉତ୍ସବ ପାଳନ ଅବସରେ ସମସ୍ତ କାର୍ଯ୍ୟକର୍ତ୍ତା ଓ ଅତିଥିମାନଙ୍କ ଉପସ୍ଥିତରେ 'ଉତ୍କଳ ଗୌରବ ମଧୁ ବାବୁ ସମ୍ମାନ-୨୦୨୪' ସମ୍ମାନରେ ସମ୍ମାନୀତ କରାଯାଇଛି। ଇଂ.ରାଉତ ଅଧୁନା ପ୍ରତିଷ୍ଠିତ ଘରୋଇ ଉଦ୍ୟୋଗ ଜେଡ୍ ଇଷ୍ଟେଟ ପ୍ରାଇଭେଟ୍ ଲିମିଟେଡ୍ (ଜେଡ଼-୧) ଭୁବନେଶ୍ୱରରେ ଏମଇପି ବିଭାଗରେ ଉଚ୍ଚ ପଦବୀରେ କାର୍ଯ୍ୟରତ ଥିବା ସହ ପୂର୍ବରୁ ଓଡ଼ିଶା ବାହାରେ ବହୁ ପ୍ରତିଷ୍ଠିତ ଉଦ୍ୟୋଗ ମାନଙ୍କରେ କାର୍ଯ୍ୟ କରି ଉଚ୍ଚ ସଫଳତା ଲାଭ କରିବା, କଳା ସାହିତ୍ୟ ସଂସ୍କୃତିର ବିକାଶ ସହ ଓ ବ୍ୟକ୍ତି ବିଶେଷଙ୍କୁ କର୍ମସଂସ୍ଥାନ ଯୋଗାଇଛନ୍ତି।

# ମଣ୍ଡି ନାହିଁ : ଶୋଷଣର ଶିକାର ହେଉଛନ୍ତି ମହୁଲ ଗୋଟାଳି

**ବୌଦ୍ଧ, ନ୍ୟୁଜ୍‌ବ୍ୟୁରୋ**



ବୌଦ୍ଧ ବ୍ଲକ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳର ଅଧିବାସୀ ଚାଷ ସହିତ ଜଙ୍ଗଲ ଜାତ ଦ୍ରବ୍ୟ, ଚାର, ମହୁଲ, ମହୁ ଆଦି ବଜାରରେ ବିକ୍ରି କରି ବେଶ୍ ଦୁଇ ପଇସା ରୋଜଗାର କରି ପରିବାର ଭରଣ ପୋଷଣ କରନ୍ତି। ବର୍ଷର ମାର୍ଚ୍ଚ ଓ ଅପ୍ରେଲ ମାସରେ ମହୁଲ ଗଛରେ ଫୁଲ ଫୁଟିଥାଏ। ମହୁଲ ଫୁଲକୁ ସଂଗ୍ରହ କରିବା ପରେ ବିକ୍ରୀ କରି ବେଶ୍ ଦୁଇ ପଇସା ରୋଜଗାର କରିବାର ଆଶା କରିଥାନ୍ତି। ହେଲେ ମହୁଲ ଫୁଲ ସଂଗ୍ରହ କରୁଥିବା ଗରିବଙ୍କ ମନରେ ନିରାଶ ଭାବ ଦେଖିବାକୁ ମିଳୁଛି। ଉଚିତ୍ ମୂଲ୍ୟ ନପାଇ ଦୁର୍ଦ୍ଦିନରେ ରହିଛନ୍ତି ମହୁଲ ଗୋଟାଳି। ମହୁଲ ବିକ୍ରୀ ପାଇଁ କୌଣସି ମଣ୍ଡି ବା ବଜାର ସୁବିଧା ନାହିଁ। ଫଳରେ ଶାଗ ମାଛ ଦରରେ ଦଲାଲ ହାତକୁ ଟେକିଦେବାକୁ ବାଧ ହେଉଛନ୍ତି। ଗରିବ ମହିଳା ସକାଳୁ ମହୁଲ ଗୋଟାଇବାକୁ ଯାଇ ଦିନ ଗୋଟେ ଦି'ଟା ବେଳକୁ ଆସିଥାନ୍ତି। ଦିନ ଯାକ ପିଲାଛୁଆଙ୍କୁ ଛାଡ଼ି ଖରାର ତାତିରେ ଶିଝି ଯାଉଥିଲେ ମଧ୍ୟ ତେଲ ଲୁଣର ସଂସାର ବଞ୍ଚାଇବା ପାଇଁ ପରିଶ୍ରମ କରିଥାନ୍ତି। ମହୁଲଫୁଲ ଗୋଟାଇ ଶୁଖାଇବା ପରେ ବଜାରରେ ବିକ୍ରି କରାଯାଏ। କିନ୍ତୁ ସରକାର ଉପଯୁକ୍ତ ବଜାର ବ୍ୟବସ୍ଥା କରିବାରେ ବିଫଳ ହେଉଥିବା ମହୁଲ ସଂଗ୍ରହକାରୀମାନେ ଅଭିଯୋଗ କରିଛନ୍ତି। ୨୦୦୨ ମସିହାରୁ ସରକାର ମହୁଲ ଫୁଲର ଦର ନିୟନ୍ତ୍ରଣ ଭାର ପଞ୍ଚାୟତକୁ ଦେଇଛନ୍ତି। ହେଲେ ପଞ୍ଚାୟତ ଦାୟିତ୍ୱ ନେବା ପରେ ମହୁଲ ଗୋଟାଳି ଶୋଷଣର ଶିକାର ହେଉଛନ୍ତି। ବୌଦ୍ଧ ଜିଲ୍ଲାରେ ପ୍ରଚୁର ମାତ୍ରାରେ ମହୁଲ ମିଳୁଥିଲେ ମଧ୍ୟ ଏହାର ସଂରକ୍ଷଣ କିମ୍ବା ପକ୍ରିୟାକରଣ ପ୍ରକଳ୍ପ ହୋଇପାରିଲା ନାହିଁ। ସରକାର ଧାନ ବିକ୍ରି ପାଇଁ ମଣ୍ଡି ବ୍ୟବସ୍ଥା କରିଛନ୍ତି। କେନ୍ଦୁପତ୍ର ତୋଳାଳିମାନଙ୍କ ପାଇଁ ଫଡ଼ିର ବ୍ୟବସ୍ଥା କରିଛନ୍ତି। କିନ୍ତୁ ମହୁଲ ସଂଗ୍ରହକାରୀମାନଙ୍କ ପାଇଁ କୌଣସି ବ୍ୟବସ୍ଥା ଆଜି ପର୍ଯ୍ୟନ୍ତ କରିନାହାନ୍ତି। ମହୁଲ ଅନେକଙ୍କ ଜୀବନ ଜୀବିକା ସହ ଜଡ଼ିତ ହୋଇଥିଲେ ମଧ୍ୟ ସରକାର ଗୁରୁତ୍ୱ ଦେଉନଥିବା ଅଭିଯୋଗ ହେଉଛି। ମହୁଲରୁ କେବଳ ମଦ ପ୍ରସ୍ତୁତ ହୁଏ ତାହା ନୁହେଁ। ମହୁଲ ଫୁଲ ଓ ଫଳରୁ ତେଲ, ଜେଲି, ଜାମ, ପରଫ୍ୟୁମ୍ ଆଦି ପ୍ରସ୍ତୁତ ହୁଏ। ଦେଶର ଅନ୍ୟ ରାଜ୍ୟଗୁଡିକରେ ମହୁଲରୁ ଅନେକ ସାମଗ୍ରୀ ପ୍ରସ୍ତୁତ ହେଉଛି। ଶିଳ୍ପବିହୀନ ବୌଦ୍ଧ ଜିଲ୍ଲାରେ ଏପରି ଶିଳ୍ପ ପ୍ରତିଷ୍ଠା କଲେ ମହୁଲ ସଂଗ୍ରହକାରୀଙ୍କୁ ଉଚିତ୍ ମୂଲ୍ୟ ମିଳିବାସହିତ ବେକାର ଯୁବକ ଯୁବତୀଙ୍କୁ କର୍ମ ସଂସ୍ଥାନ ମିଳିପାରନ୍ତା। କିନ୍ତୁ ଜିଲ୍ଲା ପ୍ରଶାସନର ଆନ୍ତରିକତାର ଅଭାବ ଯୋଗୁଁ ତାହା ହୋଇପାରୁନାହିଁ । ସାଧାରଣ ଗୋଟାଳି ଅଧିକ ମହୁଲ ରଖିବା ମଧ୍ୟ ଅପରାଧ। ଫଳରେ ଗରିବ ପରିବାର ମଦ ଦେପାରୀ ଓ ଦଳାଲମାନଙ୍କୁ କେଉଁ ପ୍ରତି ୨୦ ରୁ ୩୦ ଟଙ୍କାରେ ମହୁର ବିକ୍ରି କରି ଶୋଷଣର ଶିକାର ହେଉଛନ୍ତି। ସରକାର ମହୁଲମଣ୍ଡି ସହିତ ମୂଲ୍ୟ ନିର୍ଦ୍ଧାରଣ ପାଇଁ କଡ଼ାକଡ଼ି ନିୟମ ପ୍ରଣୟନ କଲେ ମହୁଲ ଗୋଟାଳି ଭଲ ଦୁଇପଇସା ରୋଜଗାର କରିବା ସହିତ ପରିଶ୍ରମର ଉଚିତ ମୂଲ୍ୟ ପାଇ ପାରନ୍ତା। ରାଜ୍ୟ ସରକାର ତୁରନ୍ତ ମହୁଲ ଗୋଟାଳି ଗରିବ ପରିବାରର ସ୍ୱାର୍ଥର ସୁରକ୍ଷା ପାଇଁ କଠୋର ପଦକ୍ଷେପ ଗ୍ରହଣ କରିବାକୁ ଦାବି ହେଉଛି।

# କୋର୍ଟ ପରିସରରେ ଅଂଶୁଘାତରେ ୨ ଗୁରୁତର

**କେନ୍ଦ୍ରାପଡ଼ା, ନ୍ୟୁଜ୍‌ବ୍ୟୁରୋ**

କେନ୍ଦ୍ରାପଡ଼ା କୋର୍ଟ ପରିସରରେ ଅଂଶୁଘାତରେ ୨ଜଣ ଗୁରୁତର ହୋଇ ଚିକିତ୍ସାଳୟରେ ଚିକିତ୍ସିତ ହେଉଥିବା ଜଣାପଡିଛି। ଶନିବାର ପ୍ରବଳ ଗ୍ରୀଷ୍ମରେ ତାପମାତ୍ରା ମାତ୍ରାଧିକ ଥିବାରୁ ଆଇନଜୀବୀ ନିହାରିକା ଦାସ ପଟ୍ଟନାୟକ ଅଂଶୁଘାତରେ ଆହତ ହୋଇ ୧୦୮ ଆମ୍ବୁଲାନ୍ସ ଦ୍ୱାରା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେବାପରେ ସୁସ୍ଥ ହୋଇଥିବା ଜଣାପଡିଛି । ସେହିପରି କୋର୍ଟକୁ ଆସିଥିବା ମାର୍ଶାଘାଇ ବ୍ଲକ ଅଙ୍ଗୁଳାଇ ପଞ୍ଚାୟତର ବରେଇ ଗ୍ରାମର ଅଭିରାମ କବି ଅଂଶୁଘାତରେ ଆହତ ହୋଇ ସ୍ଥାନୀୟ ଓକିଲ ବନ୍ଧୁଙ୍କ ସହାୟତାରେ କିଛି ସମୟ ପରେ ସୁସ୍ଥ ହୋଇଥିବା ଜଣାପଡିଛି । ମାତ୍ରାଧିକ ତାପମାତ୍ରା ବଢୁ ଥିବାରୁ ସତର୍କତା ଅବଲମ୍ବନ କରିବା ପାଇଁ ସାଧାରଣରେ ମତ ପ୍ରକାଶ ପାଇଛି ।





# ଗ୍ରାମାଞ୍ଚଳ ପାଇଁ ବରଦାନ ସାଜିଛି ଟିପିଏନ୍‌ଓଡିଏଲ୍ ଭ୍ରାମ୍ୟମାଣ ଆମ୍ବୁଲାନ୍ସ

ବାଲେଶ୍ୱର, ନ୍ୟୁଜ୍

ନିଜର ଉପଭୋକ୍ତାମାନଙ୍କୁ ଗୁଣାତ୍ମକ ବିଜୁଳି ସେବା ଯୋଗାଇବା ଦିଗରେ ସର୍ବଦା ଗୁରୁତ୍ୱ ଦେବା ସହ ସାମାଜିକ ଦାୟିତ୍ୱବୋଧତା ତଥା ସିଏସ୍‌ଆର ବିନିଯୋଗ କ୍ଷେତ୍ରରେ 'ଟିପିଏନ୍‌ଓଡିଏଲ୍' ଗୁରୁଦାୟିତ୍ୱ ବହନ କରୁଛି । ଉପାନ୍ତ ଓ ଗ୍ରାମାଞ୍ଚଳରେ ମୌଳିକ ସ୍ୱାସ୍ଥ୍ୟ ସେବା ଯୋଗାଇବା ପାଇଁ ଆରମ୍ଭ କରାଯାଇଥିବା ଭ୍ରାମ୍ୟମାଣ ସ୍ୱାସ୍ଥ୍ୟସେବା ଯାନ ଜନସାଧାରଣଙ୍କ ପାଇଁ ବରଦାନ ସାଜିଛି। ବିଗତ କିଛି ବର୍ଷ ମଧ୍ୟରେ ୧ ଲକ୍ଷ ୪୦ ହଜାର ଲୋକଙ୍କୁ ମାଗଣାରେ ସ୍ୱାସ୍ଥ୍ୟସେବା ଓ ଔଷଧ ଯୋଗାଇଛି ଟିପିଏନଓଡିଏଲ । ଟିପିଏନଓଡିଏଲ ପକ୍ଷରୁ ମାଗଣା ମୋବାଇଲ ସ୍ୱାସ୍ଥ୍ୟ ସେବା ନିମିତ୍ତ ଭ୍ରାମ୍ୟମାଣ ଆମ୍ବୁଲାନ୍ସ ବାଲେଶ୍ୱର ଜିଲ୍ଲା ସମେତ ଯାଜପୁର, କେନ୍ଦୁଝର, ଭଦ୍ରକ ଓ ମୟୂରଭଞ୍ଜ ଜିଲ୍ଲାର ଜନସାଧାରଣଙ୍କ ପାଇଁ ଆରମ୍ଭ କରାଯାଇଛି। ପ୍ରତ୍ୟେକ ଜିଲ୍ଲା ପାଇଁ ଗୋଟିଏ ଲେଖାଏଁ




ମୋଟ ୫ଟି ଭ୍ରାମ୍ୟମାଣ ଆମ୍ବୁଲାନ୍ସ ଉପଲବ୍ଧ କରାଯାଇଥିବା ବେଳେ ଏଯାବତ୍ ମୋଟ ୧ ହଜାର ୨୮୭ଟି ସ୍ୱାସ୍ଥ୍ୟ କ୍ୟାମ୍ପ ଆୟୋଜନ କରାଯାଇଛି। ଏହି ଆମ୍ବୁଲାନ୍ସ ପ୍ରାଥମିକ ଓ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଉପଲବ୍ଧ ନଥିବା ଆଦିବାସୀ, ଉପାନ୍ତ ଓ ଗ୍ରାମାଞ୍ଚଳ ଗସ୍ତ କରି ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ମାଗଣା ସ୍ୱାସ୍ଥ୍ୟ ସେବା ଯୋଗାଉଛି। ଆମ୍ବୁଲାନ୍ସ ଗୁଡିକରେ ଅତ୍ୟାବଶ୍ୟକୀୟ ଚିକିତ୍ସା ଉପକରଣ ଓ ଔଷଧ ସହ ଜଣେ ଲେଖାଏଁ ଡାକ୍ତର, ଫାର୍ମାସିଷ୍ଟ, ଏଏନଏମ ଏବଂ ଡ୍ରାଇଭର ନିୟୋଜିତ ହୋଇଛନ୍ତି । ଚିକିତ୍ସା ସେବା ସହିତ ଲୋକଙ୍କୁ ସ୍ୱାସ୍ଥ୍ୟ ସମ୍ପର୍କିତ ବିଭିନ୍ନ ସଚେତନ କରିବା ଦିଗରେ ମଧ୍ୟ ଏହି ଆମ୍ବୁଲାନ୍ସ କାର୍ଯ୍ୟ କରୁଛି । ଏ ସମ୍ପର୍କରେ ସୂଚନା ଦେଇ ଟିପିଏନଓଡିଏଲ ସିଇଓ ଦ୍ୱିଜଦାସ ବସକ କହିଛନ୍ତି ଯେ ଆମେ ଅଭିଜ୍ଞ ଡାକ୍ତର, ଫାର୍ମାସିଷ୍ଟ ଏବଂ ଅନ୍ୟ କର୍ମଚାରୀ ପ୍ରତ୍ୟେକ ଆମ୍ବୁଲାନ୍ସରେ ନିୟୋଜିତ କରିଛୁ । ଏହି ଆମ୍ବୁଲାନ୍ସ ବିଭିନ୍ନ ପଞ୍ଚାୟତ ଗସ୍ତ କରି ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରୁଛି। ଆବଶ୍ୟକ ସ୍ଥଳେ ଚିକିତ୍ସା ସେବା ଓ ଔଷଧ ଯୋଗାଉଥିବା ବେଳେ ଏ ସମସ୍ତ ପ୍ରକ୍ରିୟା ସ୍ଥାନୀୟ ସରପଞ୍ଚଙ୍କ ସହଯୋଗରେ ସମ୍ପାଦିତ ହେଉଛି । ସମ୍ପୂର୍ଣ୍ଣ ମାଗଣାରେ ଜନସାଧାରଣଙ୍କୁ ସ୍ୱାସ୍ଥ୍ୟ ସେବା ଓ ଔଷଧ ଯୋଗାଇ ଦିଆଯାଉଥିବା ସେ ଦର୍ଶାଇଛନ୍ତି। ତେବେ ସିଏସଆର ବିନିଯୋଗ କ୍ଷେତ୍ରରେ ଅନେକ ମହତ୍ୱପୂର୍ଣ୍ଣ ପଦକ୍ଷେପ ଟିପିଏନଓଡିଏଲ ଗ୍ରହଣ କରିଛି। ଶିକ୍ଷାରୁ ବଞ୍ଚିତ ପିଲାମାନଙ୍କୁ ଶିକ୍ଷାଦାନ, ବିଭିନ୍ନ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ଜରିଆରେ ଯୁବବର୍ଗଙ୍କୁ ଆତ୍ମନିର୍ଭରଶୀଳ ହେବା ପାଇଁ ପ୍ରଶିକ୍ଷଣ, ନିରକ୍ଷର ମହିଳାମାନଙ୍କୁ ଶିକ୍ଷାଦାନ ଓ ଦକ୍ଷତା ବିକାଶ ଆଦି କାର୍ଯ୍ୟକ୍ରମ ଆୟୋଜନ କରୁଛି। ଟିପିଏନଓଡିଏଲର ପ୍ରଶିକ୍ଷଣ କେନ୍ଦ୍ରଗୁଡ଼ିକରୁ ତାଲିମ ନେଇ ଯୁବବର୍ଗ ବିଭିନ୍ନ ବହୁରାଷ୍ଟ୍ରୀୟ କମ୍ପାନୀରେ ନିଯୁକ୍ତି ପାଇବାର ସୁଯୋଗ ପାଇଛନ୍ତି। ସେହିଭଳି ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ସଦସ୍ୟମାନଙ୍କୁ ଟେଲରିଂ, ବ୍ୟୁଟିସିଆନ ଆଦି ପ୍ରଶିକ୍ଷଣ ଦିଆଯିବା ସହ ସେମାନଙ୍କୁ ଆତ୍ମନିର୍ଭରଶୀଳ କରାଇବା ଦିଗରେ ମଧ୍ୟ ଟିପିଏନଓଡିଏଲ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି ।

# ଆଶୀର୍ବାଦଙ୍କ ଆଶୀର୍ବାଦ ଲୋଡ଼ିଲେ ପ୍ରକାଶ



କଟକ, ନ୍ୟୁଜ୍ ବ୍ୟୁରୋ

ବାରବାଟୀ କଟକ ବିଜେଡି ପ୍ରାର୍ଥୀ ପ୍ରକାଶ ବେହେରା ରବିବାର ଆଶୀର୍ବାଦ ବେହେରାଙ୍କୁ ଭେଟି ବିଜୟ ପାଇଁ ତାଙ୍କ ଆଶୀର୍ବାଦ ଲୋଡିଛନ୍ତି । ବିଜେଡି ପ୍ରାର୍ଥୀ ପ୍ରକାଶ ରବିବାର ଆଶୀର୍ବାଦଙ୍କ ବାସଭବନରେ ତାଙ୍କୁ ଭେଟିବା ସହ ନିର୍ବାଚନ ରଣନୀତି ନେଇ ଆଲୋଚନା କରିଛନ୍ତି । ଆଶୀର୍ବାଦ ଜଣେ ବରିଷ୍ଠ କ୍ରୀଡ଼ା ସଙ୍ଗଠକ ହୋଇଥିବା ବେଳେ ଯାଦବ ସମାଜର ଭୋଟ୍ ପ୍ରଭାବିତ କରିବାର ଦକ୍ଷତା ଆଶୀର୍ବାଦଙ୍କର ରହିଛି । ବାରବାଟୀ କଟକରେ ପ୍ରାୟ ୧୫ ହଜାର ଯାଦବ ଭୋଟ୍ ଥିବା ବେଳେ କ୍ରୀଡା ସଙ୍ଗଠନ ଗୁଡ଼ିକର ରାଜନୀତିରେ ଏକ ପ୍ରମୁଖ ଭୂମିକା ରହିଥାଏ । ଏହା ସହ ଆଶୀର୍ବାଦଙ୍କ ପୁଅ ସଞ୍ଜୟ ବେହେରା ମଧ୍ୟ ବାରବାଟୀ କଟକରୁ ବିଜେଡି ପ୍ରାର୍ଥୀ ହେବାର ଆଲୋଚନା ହେଉଥିଲା । ତେଣୁ ବିଜେଡି ପ୍ରାର୍ଥୀ ପ୍ରକାଶ ବେହେରାଙ୍କର ଆଶୀର୍ବାଦଙ୍କ ସହ ସାକ୍ଷାତ ଆଲୋଚନାର ଯଥେଷ୍ଟ ଗୁରୁତ୍ୱ ରହିଛି । ଏହି ସାକ୍ଷାତ ଆଲୋଚନା ପରେ ଆଶୀର୍ବାଦଙ୍କ ଆଶୀର୍ବାଦ ନେଇ ପ୍ରକାଶ ଆଶା ପ୍ରକାଶ କରିଥିବା ବେଳେ ଆଶୀର୍ବାଦ ବେହେରା ମଧ୍ୟ ସବୁ ପ୍ରକାର ସହଯୋଗ ଯୋଗାଇ ଦେବାପାଇଁ ପ୍ରତିଶ୍ରୁତି ଦେଇଛନ୍ତି ।

# ନିଆଁ ଲାଗି ଜଳିଗଲା ୩ ପରିବାରର ଲକ୍ଷ ଲକ୍ଷ ଟଙ୍କାର ସମ୍ପତ୍ତି

ସାଲେପୁର, ନ୍ୟୁଜ୍

ସାଲେପୁର ବ୍ଲକ ଅନ୍ତର୍ଗତ ପୁରୁଣାହାଟ ପଞ୍ଚାୟତ ଓଡକିମିରା ଗ୍ରାମରେ ଘଟିଛି ଭୟଙ୍କର ଘଟଣା । ଭିନ୍ନ ଭିନ୍ନ ସମୟରେ ତୁହାକୁ ତୁହା ନିଆଁ ଲାଗି ଲକ୍ଷ ଲକ୍ଷ ଟଙ୍କାର ଆସବାବପତ୍ର ଓ ଘରକରଣା ସାମଗ୍ରୀ ପୋଡି ପାଉଁଶ ହୋଇଯାଇଛି। ସାଲେପୁର ବ୍ଲକ ଅନ୍ତର୍ଗତ ପୁରୁଣାହାଟ ପଞ୍ଚାୟତ ଓଡକିମିରା ଗ୍ରାମର ତିନି ଭାଇ ଜନ୍ମେଜୟ ରାଉତରାୟ, ଯଶୋବନ୍ତ ରାଉତରାୟ ଓ ଜଗଦୀଶ ରାଉତରାୟଙ୍କ ଘରେ ଲାଗ ଲାଗ ପ୍ରାୟ ସାତ ଥର ନିଆଁ ଲାଗି ଧାନ, ମୁଗ, ବିରି, ଟିଭି, ଫ୍ରିଜ୍, ଆଲମାରୀ, ଆଲେଣା, ମଟର ସାଇକେଲ, ନଗଦ ଟଙ୍କା, ପୋଷାକ ଓ ଖାଦ୍ୟ ସାମଗ୍ରୀ ଆଦି ଲକ୍ଷ ଲକ୍ଷ ଟଙ୍କାର ଆସବାବପତ୍ର ପୋଡି ପାଉଁଶ ହୋଇଯାଇଛି । ଏହା ଦେଖି ଗ୍ରାମବାସୀମାନେ ସାଲେପୁର ଦମକଳ କେନ୍ଦ୍ରକୁ ଖବର ଦେଇଥିଲେ। ଗ୍ରାମବାସୀ ମାନେ ନିଆଁ ଲିଭାଇ ଥିଲେ । ସାଲେପୁର ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ, ହେଲେ ଅଲଗା ଅଲଗା ଜାଗାରେ ହଠାତ୍ କେମିତି ନିଆଁ ଲାଗୁଛି । ଏହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ ଚକିତ କରିଛି । ଏ ସମ୍ପର୍କରେ କିଶନ ନଗର ତହସିଲଦାରଙ୍କୁ ଜଣାଇବା ପରେ ଆରଆଇ ତଦନ୍ତ କରିଛନ୍ତି । ତେବେ ନିଆଁ ଲାଗିଯିବା ଆଶଙ୍କା କରି ତିନିଟି ପରିବାର ନିଆଁ ଜାଳି ରୋଷେଇ କରୁନାହାନ୍ତି । ସରକାରୀ ତଦନ୍ତ ପାଇଁ ଅଞ୍ଚଳରେ ଦାବି ହେଉଛି ।

# ସଡ଼କ ଦୁର୍ଘଟଣା:୨ ବାଇକ୍ ଆରୋହୀ ମୃତ

ନିଷ୍ଚିନ୍ତକୋଇଲି, ନ୍ୟୁଜ୍ ବ୍ୟୁରୋ

ସୋମବାର ସକାଳେ କଟକ-ଚାନ୍ଦବାଲି ରାସ୍ତାର ନିଶ୍ଚିନ୍ତକୋଇଲି ତହସିଲ ଛକ ନିକଟରେ ୨ ବାଇକ୍ ମଧ୍ୟରେ ଧକ୍କା ହେବା ଯୋଗୁ ୨ ଜଣ ବାଇକ୍ ଆରୋହୀ ଅକାଳରେ ମୃତ୍ୟୁବରଣ କରିଛନ୍ତି। ଖୋର୍ଦ୍ଧା ଜିଲ୍ଲା ଭୁବନେଶ୍ୱର ଧଉଳି ଅଞ୍ଚଳର ବୈକୁଣ୍ଠ ବାରିକଙ୍କ ପୁତ୍ର ନାରାୟଣ ବାରିକ କେନ୍ଦ୍ରାପଡା ଜିଲ୍ଲା ଡିଏଫଓଙ୍କ କାର୍ଯ୍ୟାଳୟରେ ହିସାବ ରକ୍ଷକ ରୂପେ କାର୍ଯ୍ୟ କରନ୍ତି। ସକାଳେ ସେ ବାଇକ୍ ଯୋଗେ କେନ୍ଦ୍ରାପଡା ଅଭିମୁଖେ ଯାଉଥିଲେ। ଏହି ସମୟରେ ନିଶ୍ଚିନ୍ତକୋଇଲି ବ୍ଲକ ଜିଗ୍ନିପୁର ଗ୍ରାମପଞ୍ଚାୟତ ମହାଜନପୁର ଗ୍ରାମର କ୍ଷୀରୋଦ କୁମାର ସାହୁ ବାଇକ୍ ଯୋଗେ ନିଶ୍ଚିନ୍ତକୋଇଲି ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟକୁ ଯାଉଥିଲେ। ଏହି ସମୟରେ ୨ ବାଇକ୍ ମଧ୍ୟରେ ଧକ୍କା ହୋଇଥିଲା। ଉଭୟ ବାଇକ୍ ଆରୋହୀ ଗୁରୁତର ଭାବେ ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ଆହତ ଦୁହିଙ୍କୁ ଉଦ୍ଧାର କରି ଚିକିତ୍ସା ନିମନ୍ତେ ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ନାରାୟଣଙ୍କୁ ମୃତ୍ୟୁ ଘୋଷଣା କରିଥିଲେ। ଅବସ୍ଥା ଗୁରୁତର ଥିବାକାରଣରୁ କ୍ଷୀରୋଦଙ୍କୁ ଅଧିକ ଚିକିତ୍ସା ନିମନ୍ତେ କଟକ ବଡ ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଥିଲା। ଅବସ୍ଥା ଉଦ୍‌ବେଗଜନକ ହେବାରୁ କ୍ଷୀରୋଦଙ୍କୁ କଟକର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା । ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା । ଖବରପାଇ ଖାଲେପୁର ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଗାଡ଼ିକୁ ଜବତ କରିବା ସହ ମୃତ ନାରାୟଣଙ୍କ ଶବକୁ ଜବତ କରି ବ୍ୟବଚ୍ଛେଦ ନିମନ୍ତେ କଟକ ବଡ ଡାକ୍ତରଖାନାକୁ ପଠାଇଛନ୍ତି। ତେବେ ନିଶ୍ଚିନ୍ତକୋଇଲି ତହସିଲ ଛକ ଠାରେ ଦ୍ରୁତଗତିରେ ଓ ବେପରୁଆ ଭାବେ ଗାଡି ଚାଳନା ହେତୁ ବାରମ୍ବାର ଦୁର୍ଘଟଣା ଘଟି ବହୁ ଧନଜୀବନ ହାନୀ ହେଉଥିବାର ଅଭିଯୋଗ ହୋଇଛି । ପୋଲିସ ପ୍ରଶାସନ ତରଫରୁ ଏହାର ପ୍ରତିକାର ଦିଗରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନିମନ୍ତେ ସାଧାରଣରେ ଦାବି ହୋଇଛି ।

# 'ମହାନଦୀ ଚରିତ୍ରରେ ବଢ଼ି ବଢ଼ି ଚାଲିଛି ବ୍ୟାପକ ପରିବର୍ତ୍ତନ'

ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ



ଓଡ଼ିଶାର ଜୀବନରେଖା ମହାନଦୀର ଚରିତ୍ରରେ ବ୍ୟାପକ ପରିବର୍ତ୍ତନ ହୋଇଛି ଏବଂ ସେହି ପରିବର୍ତ୍ତନର ହାର ଓ ବ୍ୟାପକତା ଆହୁରି ବଢି ବଢି ଚାଲିଛି ବୋଲି ସୋନପୁରରେ 'ମହାନଦୀର ଚରିତ୍ରରେ ପରିବର୍ତ୍ତନ ଏବଂ ଜନସମୁଦାୟ ଓ ନଦୀ ଉପରେ ତାହାର ପ୍ରଭାବ' ଶୀର୍ଷକ କର୍ମଶାଳାରେ ମତ ପ୍ରକାଶ ପାଇଛି । ନଦୀର ଚରିତ୍ରରେ ଘଟିଥିବା ଓ ଘଟୁଥିବା ସେହିସବୁ ପରିବର୍ତ୍ତନ ତଥା ଅନ୍ୟ ସାମାଜିକ ଓ ରାଜନୈତିକ କାରଣ ଯୋଗୁଁ ନଦୀ ନିଜେ ବିପଦଗ୍ରସ୍ତ ହେବା ସହିତ ନଦୀ ସହିତ ଜଡିତ ଅନେକ ଜନସମୁଦାୟର ଜୀବନ ଓ ଜୀବିକା ଅନେକ ମାତ୍ରାରେ ପ୍ରଭାବିତ ହୋଇଛି । ସୋନପୁର ସହିତ ମହାନଦୀର ଅତି ଅନ୍ତରଙ୍ଗ ସମ୍ପର୍କ ରହିଛି । ସେହି ସମ୍ପର୍କ ଅତି ବ୍ୟାପକ । ନଦୀ ସହିତ ସୋନପୁରର ଜୀବନ-ଜୀବିକା ଯୋଡି ହୋଇ ରହିଛି, ସୋନପୁରର ଇତିହାସ ଓ ସଂସ୍କୃତି ନଦୀ ପର୍ଯ୍ୟବେସିତ ହୋଇ ରହିଆସିଛି । ନଦୀର ଚରିତ୍ରରେ ବିଭିନ୍ନ ପରିବର୍ତ୍ତନ ଅନେକ କ୍ଷେତ୍ରରେ ବାରି ହୋଇଯାଉଛି ବୋଲି କର୍ମଶାଳାରେ ଆଲୋଚନା ହୋଇଥିଲା । ଜୀବିକା, ଜୀବନ, ଚଳଣି, ସଂସ୍କୃତି, ସଭ୍ୟତା, ବିପର୍ଯ୍ୟୟ ଆଦି ପ୍ରସଙ୍ଗ ସହିତ ପ୍ରଦୂଷଣ, ନଦୀ ପରିଚାଳନା, ନଦୀ ଉପରେ ଅଧିକାର ତଥା ନଦୀର ନିଜର ଅଧିକାର ଉପରେ ଆଲୋଚନା ହୋଇଥିଲା । ବିଭିନ୍ନ ଜୀବିକା ଉପରେ ଚର୍ଚ୍ଚା ହୋଇଥିଲା । ନଦୀରେ ବ୍ଲାଷ୍ଟିଙ୍ଗ ଓ ବିଷ ପ୍ରୟୋଗ କରି ଅବାଧ ମାଛ ଧରା କାରଣରୁ ପରିବେଶ ଓ ଜୀବିକାର ଅପୂରଣୀୟ କ୍ଷତି ବିଷୟରେ ବିଷଦ ଚର୍ଚ୍ଚା ହୋଇଥିଲା । କର୍ମଶାଳାରେ ଅନେକ ପ୍ରମୁଖ ପ୍ରସଙ୍ଗ ସହିତ ପ୍ରଭାବିତ ହୋଇଥିବା ଜନସମୁଦାୟଙ୍କ ବିଷୟରେ ଆଲୋଚନା ହୋଇଥିଲା ତଥା ସମ୍ଭାବ୍ୟ ପ୍ରତିକାର ଓ ନଦୀ ସଂରକ୍ଷଣ ବ୍ୟବସ୍ଥା ଉପରେ ମଧ୍ୟ ଆଲୋଚନା ହୋଇଥିଲା । ସଭ୍ୟତା ଓ ବିକାଶ ସହିତ ନଦୀର ନିବିଡ ସମ୍ପର୍କ ଥିବା ସତ୍ତ୍ୱେ ନଦୀ ସହ ସମ୍ପର୍କକୁ ନେଇ ବିଶେଷ ନୀତି ଓ ବ୍ୟବସ୍ଥା ଏପର୍ଯ୍ୟନ୍ତ ନାହିଁ ବୋଲି ମତପ୍ରକାଶ ପାଇଥିଲା । ନଦୀର ପରିଚାଳନା ତଥା ନଦୀ ସମ୍ପର୍କିତ ନିଷ୍ପତ୍ତି ଗ୍ରହଣ ପ୍ରକ୍ରିୟାରେ ସ୍ଥାନୀୟ ଲୋକଙ୍କର ତଥା ପଞ୍ଚାୟତ ଭଳି ସ୍ଥାନୀୟ ସଂସ୍ଥାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିବା ଆବଶ୍ୟକ ବୋଲି ମତ ପ୍ରକାଶ ପାଇଥିଲା । ସୋନପୁରର ଇଙ୍କଫେଷ୍ଟ ଓ ପୁରୀର ଜନମଙ୍ଗଳ ମହିଳା ସମିତି ଦ୍ୱାରା ଆୟୋଜିତ ଏହି କର୍ମଶାଳା ସୋନପୁର ଜିଲ୍ଲାପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଥିଲା । ଶିକ୍ଷାବିତ ଗତିକୃଷ୍ଣ ମିଶ୍ରଙ୍କ ପରିଚାଳନାରେ ଆରମ୍ଭ ହୋଇଥିବା ପ୍ରଥମ ଅଧିବେଶନର ଇଙ୍କଫେଷ୍ଟର ସଭାପତି ସ୍ୱାଧୀନ ମେହେରଙ୍କ ସ୍ୱାଗତ ବକ୍ତବ୍ୟ ପରେ ଜନମଙ୍ଗଳ ମହିଳା ସମିତିର ସଚିବ ସନ୍ଦୀପ ପଟ୍ଟନାୟକ କର୍ମଶାଳାର ଉଦ୍ଦେଶ୍ୟ ରଖିଥିବା ବେଳେ ବିମଳ ପାଣ୍ଡିଆ ମହାନଦୀର ଚରିତ୍ରକୁ ନେଇ ପ୍ରାରମ୍ଭିକ ଉପସ୍ଥାପନା ରଖିଥିଲେ, ଏବଂ ଗୌରୀଶ୍ୟାମ ପଣ୍ଡା ସୋନପୁର ସହିତ ମହାନଦୀର ସମ୍ପର୍କକୁ ଉପସ୍ଥାପନା ରଖିଥିଲେ । ଏହାପରେ ବିଶିଷ୍ଟ ସାମାଜିକ କର୍ମୀ ଘାସିରାମ ପଣ୍ଡାଙ୍କ ପରିଚାଳନାରେ ଅନୁଷ୍ଠିତ ଖୋଲା ଅଧିବେଶନରେ ସୋନପୁର ଏବଂ ବୌଦ୍ଧ ଜିଲ୍ଲାର ବିଭିନ୍ନ ବର୍ଗରୁ ଆସିଥିବା ବ୍ୟକ୍ତିମାନେ ନିଜ ନିଜର ମତ ରଖିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଡଃ ଦେବାଶିଷ ପାଣ୍ଡିଆ, ଅଧିବକ୍ତା ତଥା ସଂସ୍କୃତି କର୍ମୀ ଶ୍ୟାମ ଓଁ ପ୍ରସାଦ ମିଶ୍ର, ବେଣୁଧର ପ୍ରଧାନ, କେଉଟ, କୈବର୍ତ୍ତ ଓ ଝରା ସମୁଦାୟର ପ୍ରତିନିଧି, ଚାଷୀ ପ୍ରତିନିଧି, ପଞ୍ଚାୟତ ପ୍ରତିନିଧି, ସାମ୍ବାଦିକ ଓ ବିଭିନ୍ନ ସାମାଜିକ ଅନୁଷ୍ଠାନର ପ୍ରତିନିଧି ଯୋଗ ଦେଇଥିଲେ ।



# ରାସନ ନପାଇ ବ୍ଲକ ଘେରିଲେ ଶତାଧିକ ମହିଳା

ଆନନ୍ଦପୁର, ନ୍ୟୁଜ୍ ବ୍ୟୁରୋ

ଆନନ୍ଦପୁର ଉପଖଣ୍ଡ ହାଟଡିହି ବ୍ଲକରେ ଯୋଗାଣ ବିଭାଗର ତ୍ରୁଟି ଯୋଗୁଁ ସଖୋ ଗ୍ରାମର ଶତାଧିକ ମହିଳା ଦୀର୍ଘ ଚାରିମାସ ହେଲା ରାସନ ଚାଉଳ ନପାଇ ଯୋଗାଣ ବିଭାଗ ଅଧିକାରୀଙ୍କୁ ବାରମ୍ବାର ଜଣାଇଥିଲେ ମଧ୍ୟ କିଛି ଫଳ ନମିଳିବାରୁ ଗ୍ରାମରେ ସମସ୍ତେ ଏକଜୁଟ୍ ହୋଇ ହାଟଡିହି ବ୍ଲକ ଘେରାଉ କରିବା ସହିତ ବିଡ଼ିଓଙ୍କୁ ଅଭିଯୋଗ କରି ଧାରଣାରେ ବସିଥିଲେ । ହାଟଡିହି ବ୍ଲକର ବିଡ଼ିଓ ସୌମ୍ୟଶ୍ରୀ ପାଣିଗ୍ରାହୀ ଯୋଗାଣ ବିଭାଗ ଅଧିକାରୀଙ୍କୁ ସମସ୍ୟାର ସମାଧାନ ବାହାରକରି ଆସନ୍ତା ଦୁଇଦିନ ମଧ୍ୟରେ ଚାଉଳ ଦେବାକୁ ପ୍ରତିସ୍ରୁତି ଦେବାରୁ ମହିଳାମାନେ ଧାରଣାରୁ ଉଠିଥିଲେ ।

# ଖାପରାଖାଇରେ ବିଜେପିର କାର୍ଯ୍ୟକର୍ତ୍ତା କର୍ମଶାଳା:ଯୋଗଦେଲେ ମୋହନ ମାଝୀ

କେନ୍ଦୁଝର, ନ୍ୟୁଜ୍




କେନ୍ଦୁଝର ସଦର ବିଧାନସଭା ନିର୍ବାଚନ ମଣ୍ଡଳୀର ପଳାସପଙ୍ଗା ନିକଟସ୍ଥ ଖାପରାଖାଇ ଠାରେ ଭାରତୀୟ ଜନତା ପାର୍ଟି ପଳାସପଙ୍ଗା ମଣ୍ଡଳର କାର୍ଯ୍ୟକର୍ତ୍ତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଅୟୋଜିତ କର୍ମଶାଳାରେ ମୁଖ୍ୟଅତିଥି ଭାବେ ସଦର ନିର୍ବାଚନ ମଣ୍ଡଳୀର ବିଜେପି ଦଳର ବିଧାୟକ ପ୍ରାର୍ଥୀ ମୋହନ ଚରଣ ମାଝୀ ଯୋଗଦେଇଥିବା ବେଳେ ନିର୍ବାଚନ ମଣ୍ଡଳୀ ଅଧିନସ୍ଥ ଉକ୍ତ ଅଞ୍ଚଳରେ ବିଜେପିର ବିଜୟକୁ ସୁନିଶ୍ଚିତ କରିବାପାଇଁ କାର୍ଯ୍ୟକର୍ତ୍ତାଙ୍କ ସହିତ ଆଲୋଚନା ହୋଇଥିଲା । ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥିଭାବେ ପଳାସପଙ୍ଗା ମଣ୍ଡଳର ସଭାପତି ଲମ୍ବୋଦର ମହାନ୍ତ, ପୂର୍ବତନ ମଣ୍ଡଳ ସଭାପତି ତଥା ଜିଲ୍ଲା କୃଷକ ମୋର୍ଚ୍ଚା ଉପସଭାପତି କୃଷ୍ଣଚନ୍ଦ୍ର ମହାନ୍ତ, କେନ୍ଦୁଝର ବିଧାନସଭା ସଂଯୋଜକ ବିବେକାନନ୍ଦ ମହାନ୍ତ ଯୋଗଦେଇଥିବା ବେଳେ ଜଗନ୍ନାଥ ମୋଦି ସଭାପରିଚାଳନା କରିଥିଲେ । ଏହି କାର୍ଯ୍ୟକ୍ରମରେ ଏକ ବିଶେଷ ମିଳନ ପର୍ବ ଅନୁଷ୍ଠିତ ହୋଇଥିବା ବେଳେ ଏଥିରେ କେନ୍ଦୁଝରଗଡ଼ ଗ୍ରାମପଞ୍ଚାୟତର ନାଏବ ସରପଞ୍ଚ ରଞ୍ଜିତ ମାଝୀ ଏବଂ ୱାର୍ଡ ମେମ୍ବର କାଇଡ଼ିପୋଷ୍ଟ ରମେଶ ନାଏକ ବିଜେଡି ଛାଡି ବିଧିବଦ୍ଧ ଭାବେ ବିଜେପିରେ ସାମିଲ ହୋଇଛନ୍ତି। ସେହିପରି ହାଣ୍ଡିଭଙ୍ଗା ଗ୍ରାମପଞ୍ଚାୟତର କଇଁଶୀ ଗ୍ରାମର ପୂର୍ବତନ ୱାର୍ଡମେମ୍ବର ଟଙ୍କଧର ପରିଡା, ପଳାସପାଙ୍ଗ ଗ୍ରାମପଞ୍ଚାୟତର ଭୁପେନ ନାଏକ, ରାଇକଳା ଗ୍ରାମପଞ୍ଚାୟତର ପୂର୍ବତନ ସରପଞ୍ଚ ପ୍ରାର୍ଥୀ ସୁରେଶ ଚନ୍ଦ୍ର ନାଏକ ମଧ୍ୟ ବିଜେଡି ଛାଡି ମୋହନ ମାଝୀଙ୍କ ନେତୃତ୍ୱ ଉପରେ ଭରସା କରି ବିଜେପିରେ ସାମିଲ ହୋଇଛନ୍ତି। କାଣ୍ଡିଭଙ୍ଗା ଗ୍ରାମପଞ୍ଚାୟତର ପୂର୍ବତନ ସରପଞ୍ଚ ରଞ୍ଜିତ ମୁଣ୍ଡା, ଅବସରପ୍ରାପ୍ତ ସୈନିକ ଜନ୍ମେଜୟ ସର୍ଦ୍ଦାର ମଧ୍ୟ ନରେନ୍ଦ୍ର ମୋଦୀ ତଥା ଶ୍ରୀ ମାଝୀଙ୍କ ନେତୃତ୍ୱକୁ ସମର୍ଥନ କରି ବିଜେପିରେ ସାମିଲ ହୋଇଥିବା ମୋହନ ମାଝୀ ସୂଚନା ଦେଇଛନ୍ତି।

# ମହାକାଳପଡ଼ା ପୁଲିସ ହାବୁଡ଼ରେ ପଡ଼ିଲେ ଚୋରା ମଦ ବେପାରୀ



ମହାକାଳପଡ଼ା, ନ୍ୟୁଜ୍ ବ୍ୟୁରୋ

ମହାକାଳପଡ଼ା ପୋଲିସ ଜମ୍ବୁ-ମାର୍ଶାଘାଇ ରାସ୍ତାର କଲେଜଛକ ଓ ମହାକାଳପଡ଼ା ଗଡ଼ ମଝିରେ ରାସ୍ତାରେ ଏକ ବାଇକ ଯୋଗେ ଚୋରା ମଦ ନେଉଥିବା ବେଳେ ମହାକାଳପଡ଼ା ପୋଲିସ ତାଙ୍କୁ ଧରିଛି । କୁଜାଙ୍ଗଗଡ଼ା ଥାନା ଅନ୍ତର୍ଗତ କଳାକୁଦା ଗ୍ରାମର ନୀଳମାଧବ ନାଥ ଏକ ବାଇକ୍ ଯୋଗେ ୧୫୫ ବୋତଲ ବିୟର ଦିନ ୮.୩୦ ସମୟରେ ନେଉଥିବା ବେଳେ ପୋଲିସ ହାବୁଡ଼ରେ ପଡ଼ିଥିଲେ । ପୋଲିସ ତାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ।

# ରେଲଲାଇନ୍ କଡ଼ରୁ ଅଜଣା ବୃଦ୍ଧଙ୍କ ଶବ ଉଦ୍ଧାର

ରମ୍ଭା, ନ୍ୟୁଜ୍ ବ୍ୟୁରୋ

ସୋମବାର ଦିନ ପୂର୍ବତଟ ରେଳପଥ ରମ୍ଭା ରେଲଷ୍ଟେସନ ଗେଟ୍ ପାର୍ଶ୍ୱ ରେଲଲାଇନ କଡ଼ରୁ ଏକ ଅଜଣା ବୃଦ୍ଧଙ୍କ ଶବ ପଡ଼ିଥିବା ଲକ୍ଷ୍ୟ କରାଯାଇଛି । କେହି କେହି ଏହାକୁ ଦେଖିଥିବା ଲୋକ ଦର୍ଶାଇଥିବା ବେଳେ କେହି କେହି ବେକରେ କଳା ମାଳିଥିବା କହୁଛନ୍ତି । ଏହି ଲୋକ ଭିନ୍ନ ରୂପ ଚୋଲାଉଥିବା ଜଣାପଡ଼ିଛି । କେବିନ୍ ପାର୍ଶ୍ୱରେ ଅଳ୍ପଟି ଦୂରରେ ଶବ ପଡ଼ିଥିବା ଯୋଗୁଁ ଚିହ୍ନଟ କରିବା କିମ୍ବା ବିଭାଗୀୟ ଦପ୍ତରୀ ମାନଙ୍କର ତଦାରଖରେ ଶିଥିଳତା ଅନୁଭବ ହେଉଥିବା ଓ ସନ୍ଧ୍ୟା ପର୍ଯ୍ୟନ୍ତ ଶବ ପଡିରହିଥିବା ଘଟଣାସ୍ଥଳରୁ ଲକ୍ଷ୍ୟ କରାଯାଇଛି।

## କୁମ୍ଭକର୍ଣ୍ଣ ନିଦ୍ରାରେ ଜିଲ୍ଲା ଅବକାରୀ ବିଭାଗ

# ବେଆଇନ୍ ମଦ ବିକ୍ରି ବନ୍ଦ କରିବାକୁ ଅଣ୍ଟା ଭିଡ଼ିଲେ ଗ୍ରାମର ମହିଳା

କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ



କେନ୍ଦ୍ରାପଡା ଜିଲ୍ଲାର ବିଭିନ୍ନ ଗ୍ରାମରେ ବେଆଇନ୍ ଭାବେ ମଦ ବିକ୍ରି ଦିନକୁ ଦିନ ବଢିବାରେ ଲାଗିଛି । ଜିଲ୍ଲା ଅବକାରୀ ବିଭାଗ ଜାଣିଥିଲେ ମଧ୍ୟ କୁମ୍ଭକର୍ଣ୍ଣ ନିଦ୍ରାରେ ଶୋଇଥିବା ଅଭିଯୋଗ ହେଉଛି । କେନ୍ଦ୍ରାପଡା ଜିଲ୍ଲା ପାଟକୁରା ଥାନା ଅନ୍ତର୍ଗତ ପାଇଲୋ ଗ୍ରାମର ଶତାଧିକ ମହିଳା ଜିଲ୍ଲାପାଳଙ୍କୁ ଭେଟି ତାଙ୍କ ଗ୍ରାମରେ ଦୀର୍ଘଦିନ ହେଲା ବେଆଇନ୍ ଭାବେ ମଦ ବିକ୍ରି ହେଉଥିବା ଅଭିଯୋଗ କରିଛନ୍ତି। ଅଭିଯୋଗରୁ ପ୍ରକାଶ ଯେ, ସେହି ଗ୍ରାମର ପିତାମ୍ବର ବେହେରା ଏବଂ ତାଙ୍କ ପତ୍ନୀ ଦୀର୍ଘଦିନ ହେଲା ବେଆଇନ୍ ଭାବେ ମଦ ବିକ୍ରି କରି ଆସୁଥିବାରୁ ଏ ବିଷୟରେ ଜିଲ୍ଲା ଅବକାରୀ ବିଭାଗ, ପାଟକୁରା ଥାନାରେ ବାରମ୍ବାର ଅଭିଯୋଗ ହୋଇଥିଲେ ମଧ୍ୟ ଏମାନେ କୌଣସି ପଦକ୍ଷେପ ନନେବାରୁ ଉକ୍ତ ଅଞ୍ଚଳରେ କଲେଜର ଛାତ୍ର କୁସଙ୍ଗତାର ଶୀକାର ହୋଇ ମଦ୍ୟପାନ କରୁଛନ୍ତି । ଏଥି ସହିତ ଉକ୍ତ ରାସ୍ତାରେ ଯାତାୟାତ କରୁଥିବା କଲେଜ ଛାତ୍ରୀ ଓ ଗ୍ରାମର ମହିଳାମାନଙ୍କୁ ମଦ୍ୟପମାନେ ଅସଭ୍ୟ ଭାଷାରେ ଗାଳି ଗୁଲଜ କରିବା ସହିତ ଅଶ୍ଳୀଳ ଇଙ୍ଗିତ କରୁଛନ୍ତି । ମଦ ବିକ୍ରି କରୁଥିବା ଦମ୍ପତିଙ୍କୁ ଗ୍ରାମର ଭଦ୍ରବ୍ୟକ୍ତି ମାନେ ଡାକି ବାରମ୍ବାର ତାଗିଦା କରିଥିଲେ ଯେ, ଗାଁ ଭିତରେ ମଦ ବିକ୍ରି କରି ପରିବେଶ ନଷ୍ଟ କରନାହିଁ । କିନ୍ତୁ ଏହି ଦମ୍ପତି ଗ୍ରାମରେ ମଦ ବିକ୍ରି ବନ୍ଦ କରିବା ପାଇଁ ପ୍ରତିଶୃତି ଦେଲାପରେ ମଧ୍ୟ ମଦ ବିକ୍ରି ବନ୍ଦ କରୁନାହାନ୍ତି । ସୋମବାର ଗ୍ରାମର ବିଜୟଲକ୍ଷ୍ମୀ ନାୟକ, ନିରୁପମା ନାୟକ, ଉଷାରାଣୀ ବେହେରା, କଲ୍ୟାଣୀ ସାହୁ, ଉର୍ମିଳା ସାହୁ, କଳ୍ପନା ବସନ୍ତିଆ, ତପସ୍ୱିନୀ ସାହୁ, ସନ୍ଧ୍ୟା ଶୁକ୍ଳା ପ୍ରମୁଖ ଜିଲ୍ଲାପାଳଙ୍କୁ ଭେଟି ପାଇଲୋ ଗ୍ରାମରେ ବିକ୍ରି ହେଉଥିବା ବେଆଇନ୍ ମଦ ବନ୍ଦ ବିକ୍ରି ବନ୍ଦ କରିବା ସହିତ ଉକ୍ତ ଦମ୍ପତିଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନେବାକୁ ଲିଖିତ ଦାବି ଜଣାଇଛନ୍ତି। ନଚେତ୍ ଗ୍ରାମର ମହିଳାମାନେ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି ।

# ଶ୍ରୀଜଗନ୍ନାଥ ସଂସ୍କୃତି ପରିଷଦ ପକ୍ଷରୁ ୨୧୩ତମ କଥାମୃତ ଓ ଭଜନ କାର୍ଯ୍ୟକ୍ରମ



ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ

ମାସର ପ୍ରଥମ ରବିବାର ଅବସରରେ ସଭାପତି ସଞ୍ଜିତା ମହାନ୍ତିଙ୍କ ଅଧ୍ୟକ୍ଷତାରେ ଜୟଦେବ ବିହାର ରାମେଶ୍ୱର ମନ୍ଦିର ପରିସରରେ ଶ୍ରୀ ଜଗନ୍ନାଥ ସଂସ୍କୃତି ପରିଷଦ ପକ୍ଷରୁ ୨୧୩ ତମ କଥାମୃତ ଓ ଭଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଭଜନ କାର୍ଯ୍ୟକ୍ରମରେ ଭାରତୀ ଭୂଷଣ ପଟ୍ଟନାୟକ, କେ.ଲକ୍ଷ୍ମୀ ନାରାୟଣ ଜ୍ୟୋତ୍ସ୍ନା ପଟ୍ଟନାୟକ, ସୌଦାମିନୀ ପଣ୍ଡା, ବିମ୍ବାଧର ପଣ୍ଡା ପ୍ରମୁଖ ଭଜନ ଗାଇ ଥିଲେ। ମୁଖ୍ୟ ଉପଦେଷ୍ଟା ପ୍ରଭାତ କୁମାର ନନ୍ଦ ସ୍କନ୍ଦ ପୁରାଣ ଉପରେ ସମ୍ୟକ୍ ସୂଚନା ସମସ୍ତଙ୍କୁ ଦେଇଥିଲେ । ପ୍ରାଧ୍ୟପକ ଡ. ପ୍ରଶାନ୍ତ କୁମାର ରଥ ସ୍କନ୍ଦ ପୁରାଣ ବର୍ଣ୍ଣିତ ଶ୍ରୀ ଜଗନ୍ନାଥଙ୍କ ବିଷୟରେ ବହୁ ରୋଚକପୂର୍ଣ୍ଣ କଥା ସମସ୍ତଙ୍କୁ ଜଣାଇଥିଲେ । ଏହି ଅବସରରେ ଉପଦେଷ୍ଟା ବାଳକୃଷ୍ଣ ପଣ୍ଡା, ଉପ ସଭାପତି ରବି ନାରାୟଣ ମହାପାତ୍ର, ନିରଞ୍ଜନ ପଣ୍ଡା, ବିଷ୍ଣୁ ମହାନ୍ତି ସମ୍ପାଦକ, ଡ଼ ନାରାୟଣ ମହାପାତ୍ର ଯୁଗ୍ମ ସମ୍ପାଦକ, ଅଜୟ ହରି ଚନ୍ଦନ, ଗୌରାଙ୍ଗ ନାୟକ, ରବୀନ୍ଦ୍ର ମହାପାତ୍ର, ଅକ୍ଷୟ ଉପାଧ୍ୟାୟ ଅକ୍ଷୟ ସାହୁ, ତ୍ରିଲୋଚନ ନାୟକ, ବଂଶୀଧର ନାୟକ, ରବି ନାରାୟଣ କର, ଶ୍ରୀନିବାସ ରାଓ, ମନୋରଞ୍ଜନ ମହାନ୍ତି ଓ ମନ୍ଦିରର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ରହି ସହଯୋଗ କରିଥିଲେ। ଶେଷରେ ସମସ୍ତେ ମିଶି ପ୍ରସାଦ ସେବନ କରିଥିଲେ ।

# ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଯୋଗୁଁ ଜିଲ୍ଲାରେ ବଦଳିଲା ବିଦ୍ୟାଳୟ ସମୟ ନିର୍ଘଣ୍ଟ


ଜଗତସିଂହପୁର, ନ୍ୟୁଜ୍ ବ୍ୟୁରୋ

ଚଳିତବର୍ଷ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ବିଦ୍ୟାଳୟ ଗୁଡିକର ସମୟ ନିର୍ଘଣ୍ଟରେ ପରିବର୍ତ୍ତନ କରାଯାଇଛି। ଜଗତସିଂହପୁର ଜିଲ୍ଲାରେ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ପୂର୍ବ ନିର୍ଘଣ୍ଟ ସକାଳ ୭ଟାରୁ ୧୧.୩୦ ପରିବର୍ତ୍ତେ ବିଦ୍ୟାଳୟ ଗୁଡିକରେ ପାଠପଢା ସକାଳ ୬.୩୦ରୁ ୧୦.୩୦ ପର୍ଯ୍ୟନ୍ତ ଚାଲିବ । ଏନେଇ ଜଗତସିଂହପୁର ଜିଲ୍ଲାପାଳ ଅନୁପମ ସାହା ଜିଲ୍ଲାର ସମସ୍ତ ସରକାରୀ ତଥା ବେସରକାରୀ ବିଦ୍ୟାଳୟ ଗୁଡିକରେ ସୋମବାର ଠାରୁ ଶ୍ରେଣୀ ପ୍ରଥମରୁ ଦ୍ୱାଦଶ ପର୍ଯ୍ୟନ୍ତ ଶିକ୍ଷାଦାନ ସମୟ ସକାଳ ୬.୩୦ ରୁ ୧୦.୩୦ ପର୍ଯ୍ୟନ୍ତ ଆରମ୍ଭ ହୋଇଛି ।

## ଆଜିର ଭଲମନ୍ଦ



ଉଦୟକାଳୀନ ଗ୍ରହଚକ୍ର





ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଆ ପାଞ୍ଜି ଗଣନାକାର)
ମୋବାଇଲ୍-୯୩୩୭୬୯୩୦୨୨
csnastrology@gmail.com

**କଳିକା ପଞ୍ଜିକା :** ଉତ୍କଳୀୟ ସନ -୧୪୩୧ ସାଲ, ଶକାବ୍ଦଃ -୧୯୪୩, ସମ୍ବତ୍ - ୨୦୮୧, ହିଜରୀ - ୧୪୪୫, କଳିଯୁଗାବ୍ଦଃ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୭ଙ୍କ


**ତା୧୦।୪।୨୦୨୪, ଚୈତ୍ର ଦି୨୮ନ, ବୁଧବାର**

**ସୂର୍ଯ୍ୟୋଦୟ- ଘ୫।୩୩।୩୮** **ଚନ୍ଦ୍ରୋଦୟ- ପ୍ରାଘ ୬।୨୯।୦୩**


ଦ୍ୱିତୀୟା- ସଂଘ ୫।୩୩ ପର୍ଯ୍ୟନ୍ତ । ଦ୍ୱିଜା ନକ୍ଷତ୍ର- ରାଘ ୩।୦୬ ପର୍ଯ୍ୟନ୍ତ । ମେଷ ଚନ୍ଦ୍ର- ଅହୋରାତ୍ର । **ଚନ୍ଦ୍ରଶୁଦ୍ଧି -** ମିଥୁନ, କର୍କଟ, ସିଂହ, ତୁଳା, ବିଛା, ଧନୁ, କୁମ୍ଭ ଓ ମୀନ ରାଶିର । **ଘାତଚନ୍ଦ୍ର-** ମେଷ ରାଶିର। **ଶ୍ରାଦ୍ଧ ନିର୍ଣ୍ଣୟ-** ଦ୍ୱିତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ବୋଇତି କଖାରୁ ସଂଘ ୫।୩୩ ପରେ ପୋଟଳ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୫।୩୬ ଗତେ ଘ ୭।୧୫ ମଧ୍ୟେ। ଦିଘ ୧।୫୧ ଗତେ ଘ ୫।୧୦ ମଧ୍ୟେ। **ପର୍ବୋତ୍ସବ-** ଦ୍ୱିତୀୟା ଚନ୍ଦ୍ର ଦର୍ଶନ ଓ ପୂଜା, ରମ୍‌ଜାନ୍ ବା ରୋଜା ଶେଷ ।




**ମେଷ:** ପରୋପକାରୀ ହେବେ । ବ୍ୟବସାୟରେ ଲାଭବାନ୍ ହେବେ । ବନ୍ଧୁଙ୍କ ସହଯୋଗ ପ୍ରାପ୍ତ ହେବ । ରୋଜଗାର ମଧ୍ୟମ ଧରଣର ହେବ । ପାରିବାରିକ ଜୀବନ ସୁଖ ଶାନ୍ତିରେ କଟିବ । ମନ ଭଲ ରହିବ ।




**ବୃଷ:** ଆଜି ଆପଣଙ୍କର ଦିନଟି ଭଲରେ କଟିବ । ନୂତନ କର୍ମାରମ୍ଭ କରିପାରନ୍ତି । ମହିଳାମାନେ ସୁଖୀ ହେବେ । ଉତ୍ତମ ଭୋଜନରେ ଆପ୍ୟାୟିତ ହୋଇପାରନ୍ତି । ପାରିବାରିକ ସୁଖ ଶାନ୍ତି ଅବ୍ୟାହତ ରହିବ ।



**ମିଥୁନ:** କର୍ମକ୍ଷେତ୍ରରେ ସଫଳତା ପ୍ରାପ୍ତ ହେବ । ଦୂରଯାତ୍ରା କରି ସଫଳତା ହାସଲ କରିବେ । ଆୟ ଠାରୁ ବ୍ୟୟର ମାତ୍ରା ଅଧିକ ହେବ । ପାରିବାରିକ ଜୀବନ ସୁଖମୟ ହେବ । ନୂତନ ବନ୍ଧୁ ଦର୍ଶନର ସୂଚନା ।



**କର୍କଟ:** ବିବାଦୀୟ କ୍ଷେତ୍ରରୁ ଦୂରେଇ ରହିବା ଭଲ । କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହ ତିକ୍ତତା ସୃଷ୍ଟି ହୋଇପାରେ । ବ୍ୟୟର ମାତ୍ରା ବଢ଼ିବ । ପରିବାରରେ ଅସହଯୋଗ ଦେଖାଦେବ । ମନ ଅସ୍ଥିର ରହିବ ।




**ସିଂହ:** ବେପାର ବାଣିଜ୍ୟ କ୍ଷେତ୍ରରେ ଲାଭବାନ୍ ହେବେ । ଶରୀର ସୁସ୍ଥ ରହିବ । ମାଲିମୋକଦ୍ଦମା କ୍ଷେତ୍ରରେ ଶୁଣାଣି ଆପଣଙ୍କ ସାପେକ୍ଷ ଜନିତ ହେବ । ରୋଜଗାର ଭଲ ହେବ । ଘରେ ଆନନ୍ଦ ଦେଖାଦେବ ।




**କନ୍ୟା:** କର୍ମକ୍ଷେତ୍ରରେ ମଧ୍ୟମ ଧରଣର ଫଳ ପାଇବେ । ରୋଜଗାର ସ୍ଥିର ରହିବ । ପରିବାରରେ ପିଲାଙ୍କ ପାଇଁ ଚିନ୍ତିତ ହେବେ । କଚେରି ମାମଲାରେ ଶୁଣାଣି ବିଳମ୍ବ ହେବ । ନୂତନ ବନ୍ଧୁ ଦର୍ଶନ ।



**ତୁଳା:** ସାଧନାରେ ସିଦ୍ଧି ଲାଭ କରିବେ । ରୋଜଗାର ଭଲ ହେବ । ସମସ୍ତ କାର୍ଯ୍ୟ ସୁରୁଖୁରୁରେ ସମ୍ପାଦନ ହେବ। ଶତ୍ରୁ ନାଶ ହେବେ । ଗୃହେ ଆନନ୍ଦ ଲାଭ ହେବ । ଦେହ ଓ ମନ ଭଲ ରହିବ ।




**ବିଛା:** ଆଜି ଆପଣଙ୍କର ଦିନଟି ଭଲରେ କଟିବ ନାହିଁ । ଏଣୁ ସାବଧାନତା ଶ୍ରେୟସ୍କର । ପରିଶ୍ରମ ତୁଳନାରେ ପାରିଶ୍ରମିକ ମିଳିବ ନାହିଁ । ଖର୍ଚ୍ଚର ପରିମାଣ ବଢ଼ିବ । ଘରେ କଳହ ଓ ଅଶାନ୍ତି ଦେଖାଦେବ ।




**ଧନୁ:** ସାମାଜିକ କ୍ଷେତ୍ରରେ ପ୍ରତିଷ୍ଠା ଲାଭ କରିବେ । ଘରେ ଶାନ୍ତିର ବାତାବରଣ ରହିବ । ଆୟ ଓ ବ୍ୟୟ ସମାନ ରହିବ । ଦେବ ଦର୍ଶନ କରିପାରନ୍ତି । ମହିଳାମାନେ ସୁଖୀ ହେବେ । ପରୋପକାର କରିବେ ।



**ମକର:** ଶୁଭ ଖବର ପାଇ ଆନନ୍ଦିତ ହୋଇପାରନ୍ତି । କର୍ମକ୍ଷେତ୍ରରେ ସଫଳତା ପ୍ରାପ୍ତ ହେବ । ବନ୍ଧୁ ଦର୍ଶନ ସହ ଆମୋଦ ପ୍ରମୋଦର ସୁଅ ଛୁଟିବ । ଆର୍ଥିକ ସ୍ଥିତି ସୁଦୃଢ଼ ହେବ । ଘରେ ଶାନ୍ତି ଲାଭ ।



**କୁମ୍ଭ:** ଦାମ୍ପତ୍ୟ ଜୀବନ ସୁଖମୟ ହେବ । ବ୍ୟବସାୟ ମଧ୍ୟମ ଧରଣର ହେବ । ପାରିବାରିକ ସୁଖ ଶାନ୍ତି ଅକ୍ଷୁର୍ଣ୍ଣ ରହିବ । ରୋଜଗାର ମଧ୍ୟମ ଧରଣର ହେବ । ପିଲାମାନେ ଖେଳକୁଦରେ ମାତିବାର ସୂଚନା ।



**ମୀନ:** ଅନେକ ଦିନର ଆଶା ଅଭିଳାଷା ଆପଣଙ୍କର ପୂର୍ଣ୍ଣ ହେବ । ଅସମ୍ପୂର୍ଣ୍ଣ କାର୍ଯ୍ୟଟି ସମ୍ପୂର୍ଣ୍ଣ ହେବ । ପାରିବାରିକ ଜୀବନ ସୁଖମୟ ହେବ । ଆୟ ଓ ବ୍ୟୟ ସମାନ ରହିବ । ମନ ଭଲ ରହିବ ।

# ମହୁମାଛି ଆକ୍ରମଣରେ ଜଣେ ମୃତ, ୬ ଆହତ

ଧର୍ମଶାଳା, ନ୍ୟୁଜ୍ ବ୍ୟୁରୋ

ଧର୍ମଶାଳା ବ୍ଲକ ଅନ୍ତର୍ଗତ କଣ୍ଟିଗଡ଼ିଆ ପଞ୍ଚାୟତର ପିପଳିଡିହ ଗ୍ରାମର ଗଙ୍ଗାଧର ମହାପାତ୍ର (୭୨)ଙ୍କର ମହୁମାଛି ଆକ୍ରମଣରେ ମୃତ୍ୟୁ ଘଟିଛି । ସୂଚନା ଅନୁଯାୟୀ ରବିବାର ଦିନ ଗଙ୍ଗାଧର ରାସ୍ତାରେ ଯାଉଥିବା ସମୟରେ ନାଳବନ୍ଧ ନିକଟରେରେ ତାଙ୍କୁ ମହୁମାଛି ଆକ୍ରମଣ କରିଥିଲେ । ସ୍ଥାନୀୟ ଲୋକେ ତାଙ୍କୁ ଧର୍ମଶାଳା ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାଥମିକ ଚିକିତ୍ସାପରେ କଟକ ବଡ଼ ଡାକ୍ତରଖାନାକୁ ପଠାଇଥିଲେ । ସେଠାରେ ଚିକିତ୍ସା ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି । ଅନ୍ୟ ୬ ଜଣ ମଧ୍ୟ ମହୁମାଛି ଆକ୍ରମଣରେ ଆହତ ଚିକିତ୍ସିତ ହେଉଛନ୍ତି ।

## ଆଗାମୀ କାଲିର ପଞ୍ଜିକା

**କଳିକା ପଞ୍ଜିକା :** ଉତ୍କଳୀୟ ସନ -୧୪୩୧ ସାଲ, ଶକାବ୍ଦଃ -୧୯୪୩, ସମ୍ବତ୍ - ୨୦୮୧, ହିଜରୀ - ୧୪୪୫, କଳିଯୁଗାବ୍ଦଃ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୭ଙ୍କ

**ତା୧୧।୪।୨୦୨୪, ଚୈତ୍ର ଦି୨୯ନ, ଗୁରୁବାର**

**ସୂର୍ଯ୍ୟୋଦୟ- ଘ୫।୩୨।୫୦** **ଚନ୍ଦ୍ରୋଦୟ- ପ୍ରାଘ ୭।୧୪।୫୮**

ତୃତୀୟା- ଦିଘ ୩।୦୪ ପର୍ଯ୍ୟନ୍ତ । କୃତିକା ନକ୍ଷତ୍ର- ରାଘ ୧।୩୯ ପର୍ଯ୍ୟନ୍ତ । ମେଷ ଚନ୍ଦ୍ର- ଦିଘ ୮।୪୧ ପର୍ଯ୍ୟନ୍ତ । **ଚନ୍ଦ୍ରଶୁଦ୍ଧି -** ମିଥୁନ, କର୍କଟ, ସିଂହ, ତୁଳା, ବିଛା, ଧନୁ, କୁମ୍ଭ ଓ ମୀନ ରାଶିର । ଦିଘ ୮।୪୧ ଗତେ ମେଷ, ବୃଷ, କର୍କଟ, ସିଂହ, କନ୍ୟା, ଧନୁ, ମକର ଓ ମୀନ ରାଶିର । **ଘାତଚନ୍ଦ୍ର-** ମେଷ ରାଶିର। ଦିଘ ୮।୪୧ ଗତେ ବିଛା ରାଶିର । **ଶ୍ରାଦ୍ଧ ନିର୍ଣ୍ଣୟ-** ତୃତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଏବଂ ଚତୁର୍ଥୀର ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ପୋଟଳ ଦିଘ ୩।୦୪ ପରେ ମୂଳା ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୫।୩୫ ଗତେ ଘ ୭।୧୫ ମଧ୍ୟେ। ଦିଘ ୧୦।୩୩ ଗତେ ଘ ୧।୦୨ ମଧ୍ୟେ। **ପର୍ବୋତ୍ସବ-** ଇଦ୍-ଉଲ୍-ଫିତର ।

ସମ୍ପାଦକୀୟ
30 YEARS
ସମ୍ବାଦ କଳିକା

# ଛାତ୍ରଛାତ୍ରୀଙ୍କୁ ଘାରିଲାଣି ଚାକିରି ଚିନ୍ତା

ପାଠପଢ଼ା ଶେଷ କରିବା ପରେ ଚାକିରି ଦୁନିଆରେ ପ୍ରବେଶ କରିବାକୁ ଯାଉଥିବା ଛାତ୍ରଛାତ୍ରୀମାନଙ୍କ ଲାଗି ଏବେ ସବୁଠୁ ଆହ୍ୱାନପୂର୍ଣ୍ଣ ସ୍ଥିତି ସୃଷ୍ଟି ହୋଇଛି। ନିଜ ପସନ୍ଦର କମ୍ପାନିରେ ଚାକିରି ଖଣ୍ଡିଏ ପାଇବା ବେଶ୍ କଷ୍ଟକର ମନେ ହେଉଛି। ପ୍ରତିଷ୍ଠିତ ଶିକ୍ଷାନୁଷ୍ଠାନଗୁଡ଼ିକର ଅବସ୍ଥା ଦୟନୀୟ ହୋଇପଡ଼ିଥିବାରୁ ସାଧାରଣ ଶିକ୍ଷାନୁଷ୍ଠାନଗୁଡ଼ିକର ଅବସ୍ଥା କ'ଣ ଥିବ ତାହା ସହଜରେ ଅନୁମାନ କରାଯାଇପାରିବ। ସୂଚନା ପ୍ରଯୁକ୍ତି ଶିଳ୍ପରେ ଚାକିରି ଜୀବନ ଆରମ୍ଭ କରିବାକୁ ଚାହୁଁଥିବା ଛାତ୍ରଛାତ୍ରୀମାନଙ୍କ ଲାଗି ଖରାପ ଖବର ହେଉଛି ଯେ ଫ୍ରେସର୍ ନିଯୁକ୍ତିରେ ୫୦ ପ୍ରତିଶତ ହ୍ରାସ ହେବାର ଆଶଙ୍କା ଦେଖାଦେଇଛି। ଗତ କିଛି ବର୍ଷ ହେଲାଣି ଆଇଟିରେ ଫ୍ରେସର୍ ନିଯୁକ୍ତି କମୁଥିଲା। ଚଳିତ ବର୍ଷ ତାହା ଆହୁରି ୫୦ ପ୍ରତିଶତ କମ୍ ହେବାର ଆଶଙ୍କା ରହିଛି। ଟିମ୍ଲିଜ୍ ସର୍ଭିସେସ୍ର ସିଏଫ୍ଓ ରମଣ ଦାଥି କହିଛନ୍ତି ଯେ ଗତବର୍ଷ କ୍ୟାମ୍ପସ୍ରୁ ଫ୍ରେସର୍ ନିଯୁକ୍ତି କମ୍ ଥିଲା। ଚଳିତ ବର୍ଷ ତାହା ଆହୁରି କମିବ। ଦାଥିଙ୍କ ମତରେ ଆଇଟି କମ୍ପାନିଗୁଡ଼ିକ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) ଓ ମେସିନ୍ ଲର୍ଣ୍ଣିଂ (ଏମ୍ଏଲ୍) ଉପରେ ସ୍ୱତନ୍ତ୍ର ଦକ୍ଷତା ଥିବା ପିଲା ଖୋଜୁଛନ୍ତି ଯାହା କ୍ୟାମ୍ପସ୍ରୁ ମିଳିବା କଷ୍ଟକର ହେଉଛି। ଶିଳ୍ପର ଆବଶ୍ୟକତା ଅନୁଯାୟୀ ପାଠ୍ୟକ୍ରମରେ ପରିବର୍ତ୍ତନର ଆବଶ୍ୟକତା ରହିଛି। କିଛି ଶିକ୍ଷାନୁଷ୍ଠାନ ଇନଫୋସିସ୍, ୱିପ୍ରୋ ଓ ଟିସିଏସ୍ ଭଳି ଆଇଟି କମ୍ପାନିର ଆବଶ୍ୟକତା ଅନୁସାରେ ନିଜ ପାଠ୍ୟକ୍ରମରେ ପରିବର୍ତ୍ତନ ଆଣିଛନ୍ତି। ଏମିତିରେ ଆଇଟି ଶିଳ୍ପର ନିଯୁକ୍ତି ସ୍ଥିତି ନୈରାଶ୍ୟଜନକ ରହିଛି। ଗତ ୧୫ ମାସ ଭିତରେ ନିଯୁକ୍ତି ଲାଗାତାର ଭାବେ କମୁଥିବା ବେଳେ କେବଳ ଫେବ୍ରୁଆରି ଓ ମାର୍ଚ୍ଚରେ କିଛି ନିର୍ଦ୍ଦିଷ୍ଟ କମ୍ପାନିରେ ନିଯୁକ୍ତି ବଢ଼ିଥିଲା। ଅନ୍ୟ ପକ୍ଷରେ, ଆଇଆଇଟି ଛାତ୍ରଛାତ୍ରୀମାନେ କ୍ୟାମ୍ପସ ଚୟନ ବେଳେ ନିଯୁକ୍ତି ପ୍ରସ୍ତାବ ପାଇବାକୁ ସଂଘର୍ଷ କରୁଥିବାର ମଧ୍ୟ ଚର୍ଚ୍ଚା ହେଉଛି। ଗୋଟିଏ ପଟେ ବହୁ ଛାତ୍ରଛାତ୍ରୀଙ୍କୁ ନିଯୁକ୍ତି ମିଳିନଥିବା ବେଳେ ଅନ୍ୟ ପଟେ ଯେଉଁମାନଙ୍କୁ ନିଯୁକ୍ତି ପ୍ରସ୍ତାବ ମିଳିଛି, ସେମାନଙ୍କୁ ଦିଆଯାଇଥିବା ବେତନ ପ୍ରସ୍ତାବ ଏତେ କମ୍ ରହିଛି ଯେ ତାହାକୁ ଗ୍ରହଣ କରିବେ ନା ନାହିଁ ତାହାକୁ ନେଇ ଛାତ୍ରଛାତ୍ରୀମାନେ ଚିନ୍ତାରେ ରହିଛନ୍ତି। ଚଳିତ ବର୍ଷ କିଛି ଛାତ୍ରଛାତ୍ରୀଙ୍କୁ ବାର୍ଷିକ ୩-୪ ଲକ୍ଷ ଟଙ୍କା ଭଳି କମ୍ ବେତନ ପ୍ରସ୍ତାବ ଦିଆଯାଇଛି।

## ଶ୍ରୀଶ୍ରୀ ଅଭିରାମ ସରସ୍ୱତୀଙ୍କ ଦିବ୍ୟ ସନ୍ଦେଶ


ଶ୍ରୀ ଅଭିରାମ ସରସ୍ୱତୀ

### ସତ୍ୟ ଭାଗବତ

**ପ୍ରଥମ ଅଧ୍ୟାୟ**

**ଓଁ**

**'ଲକ୍ଷ୍ମୀ, ପଦ୍ମାଳୟା, ପଦ୍ମା,**
**କମଳା, ଶ୍ରୀ ହରପ୍ରିୟା**
**ଇନ୍ଦିରା, ଲୋକ ମାତା, ମା'**
**କ୍ଷୀରବ୍ଧୀ ତନୟା ରମା ।'**

ଦ୍ୱାପର ଯୁଗରେ ପ୍ରଭୁ
କି ମନ୍ତ୍ର ଧରିଲେ
ଦ୍ୱାପରର ଲୀଳାମାନ
ଭକତ ଦେଖିଲେ (୧୪୮)

ମନ୍ତ୍ର ଯନ୍ତ୍ର ତନ୍ତ୍ରମାନ
ତିନି ଯୁଗେ ହେଲା
କଳିରେ ଦେଖ ମାନବ
ଭିନ୍ନ ରୂପ ନେଲା (୧୪୯)

ହିନ୍ଦୁ, ଖ୍ରୀଷ୍ଟ, ମୁସଲିମ୍
କିଛି ଜାତି ନାହିଁ
ଭିନ୍ନା ଭିନ୍ନ କରୁଅଛି
ପ୍ରକୃତିଟି ତହିଁ (୧୫୦)

ଭାଗବତ ପଢି ଥୋକେ
ଭଗବାନ ହେଲେ
ରାମାୟଣ ପଢି ଥୋକେ
ରାମ ରାମ ହେଲେ (୧୫୧)

ବେଦକୁ ପଢିଣ ଥୋକେ
ବ୍ରାହ୍ମଣ ହୋଇଲେ
ଗୀତାକୁ ପଢିଣ ଥୋକେ
ତ୍ୟାଗ ଶିକ୍ଷା ଦେଲେ
(୧୫୨)

କୋରାନ୍‌କୁ ପଢି ଥୋକେ
ନିର୍ବିକାର ହେଲେ
ବାଇବେଲ୍ ପଢି ଥୋକେ
ସେବା କାର୍ଯ୍ୟ କଲେ
(୧୫୩)

ଆସୁଛି ଯାଉଛି ଜୀବ
ତତ୍ତ୍ୱ ନ ବୁଝିଲେ
ଭଜନକୁ ଛାଡି ଜୀବ
ଭାବ ନ ବୁଝିଲେ (୧୫୪)

ମୋର ମୋର କହି ସବୁ
ବାଉଳା ହୋଇଲେ
ଭକ୍ତ ଭଗବାନ ତତ୍ତ୍ୱ
କେହି ନପାଇଲେ (୧୫୫)

ଚାରି ଯୁଗ ପାଠ ଏକ
କଳିରେ ପୁରିଛି
ଏକ ଜଗନ୍ନାଥ ନାମ
ପାପୀକୁ ତାରୁଛି (୧୫୬)

ଏକାକ୍ଷର ଏକ ପଦ
ଓଁ କାରୁ କ୍ଷରୁଛି
ଭାବ ଜାଣି ସେବା କଲେ
ଉଦ୍ଧାର ହେଉଛି (୧୫୭)

ରକ୍ତ, ମାଂସ, ହାଡ, ଦେହ
ପୂଜା ପାଉଅଛି
କଳି ଯୁଗେ ଜଗନ୍ନାଥ
କାଠ ହୋଇଅଛି (୧୫୮)

କାହିଁ ପାଇଁ ଭଗବାନ
ଦାରୁ ପାଲଟିଲେ
କହି ପାରିବ ଭକତ
ପ୍ରଭୁ ସେବିଥିଲେ (୧୫୯)

ତିନି ଯୁଗେ ଯୋନିଜନ୍ମ
ପ୍ରଭୁ, ହୋଇଥିଲେ
ତନ୍ତ୍ର ମନ୍ତ୍ର ଯନ୍ତ୍ର ତତ୍ତ୍ୱେ
ଶରୀରେ ଖେଳିଲେ
(୧୬୦)

ତେଣୁ କରି ଶୂନ୍ୟତତ୍ତ୍ୱ
କଳିରେ ହୋଇଛି
ନିର୍ବିକାର ଭାବମାନ
ଗୁପତେ ଖେଳୁଛି (୧୬୧)

କେ ରାମ ଭଜୁଛି ବସି କଳି
ଯୁଗେ ଦେଖ
କେ କୃଷ୍ଣ ଭଜୁଛି ବସି
ପଢି ଭାଗବତ (୧୬୨)

କିଏ ଆଲ୍ଲା କିଏ ଖ୍ରୀଷ୍ଟ
ଭଜେ ଦିନ ରାତି
ପ୍ରଭୁଙ୍କୁ ଭେଟିବା ତତ୍ତ୍ୱ
କେହି ନ ଜାଣନ୍ତି (୧୬୩)

ଘର ଦ୍ୱାର ଛାଡି କେତେ
ବାବାଜୀ ହେଲେଣି
ନିଜ ଘରକୁ ନଚିହ୍ନି
ତପସ୍ୟା କଲେଣି (୧୬୪)

ଜୀବ ଉଦ୍ଧାର ପାଇଁ କି
ସମସ୍ତେ ତତ୍ପର
ନିଜ ରକ୍ଷା ନ ଜାଣନ୍ତି
ଏ ମୂର୍ଖ ବର୍ବର (୧୬୫)
(କ୍ରମଶଃ)

# ବ୍ରଜ ପରିକ୍ରମା



ଡ. ପ୍ରଫୁଲ୍ଲ ଚନ୍ଦ୍ର ତ୍ରିପାଠୀ
ମୋ : ୯୩୩୭୧୦୨୫୫୩
Email ID: prafulla1941@gmail.com

ମାତ୍ର ଗାଈଟି ବଡ଼ ଆତୁରରେ ବାଘକୁ କହିଥିଲା ଯେ ସେ ତାର ବାଛୁରୀଟିକୁ ଦୁଗ୍ଧ ପାନ କରାଇ ପ୍ରତ୍ୟାବର୍ତ୍ତନ କରିଲେ ସେ ତାକୁ ଖାଇବ। ଗାଈ କଥାରେ ବିଶ୍ୱାସ କରି ବାଘ ତାକୁ ଛାଡ଼ି ଦେଇଥିଲା। ଗାଈ ବାଛୁରୀ ପାଖରେ ପହଞ୍ଚି ବଣରେ ଘଟିଥିବା ସମସ୍ତ କଥା କହିଦେଲା। ମାତ୍ର ବାଛୁରୀଟି ପ୍ରତିଜ୍ଞା କଲା, "ତୋତେ ବଞ୍ଚାଇ ନପାରିଲେ ମୁଁ ତୋଠାରୁ କ୍ଷୀର ଖାଇବି ନାହିଁ।" ବ୍ରାହ୍ମଣଟି ଗାଈ ଓ ବାଛୁରୀ ଉଭୟଙ୍କୁ ନେଇ ବାଘ ନିକଟକୁ ଗଲା। ବାଘ ଏହି ତିନି ଜଣକୁ ଦେଖି କହିଲା, "ମୁଁ ତ ଜଣକୁ ଖାଇବାକୁ କହିଛି। ତୁମେ ତିନିଜଣ ଆସିଲ କାହିଁକି ?" ବ୍ରାହ୍ମଣ, ବାଛୁରୀ ଓ ଗାଈକୁ ଖାଇବାକୁ ନକହି ନିଜକୁ ଖାଇବା ପାଇଁ ବାଘକୁ କହିଲେ। ପ୍ରଭୁ ତାଙ୍କ ଭକ୍ତ ବ୍ରାହ୍ମଣର ଏପରି ସଙ୍କଟ ଅବସ୍ଥା ଜାଣିପାରି ଦେବର୍ଷି ନାରଦଙ୍କୁ ଉକ୍ତ ବ୍ରାହ୍ମଣର ଉଦ୍ଧାର ନିମନ୍ତେ ସେଠାକୁ ପଠାଇଲେ ଓ ସେଠାରେ ସମସ୍ତ କଥା ନାରଦଙ୍କଦ୍ୱାରା ସମାଧାନ ହୋଇଗଲା। ବାଘ ଆଉ କାହାକୁ ଖାଇପାରିଲା ନାହିଁ। ଏହି ବହୁଳାକୁଣ୍ଡ ନିକଟରେ ଶ୍ରୀକୃଷ୍ଣ, ନାରଦ, ବାଘ, ଗାଈ, ବତ୍ସା ଓ ବ୍ରାହ୍ମଣର ମୂର୍ତ୍ତିମାନ ରହି ସେ ଦିନର ଘଟଣାକୁ ମନେପକାଇ ଦେଉଛି। ବହୁଳାକୁଣ୍ଡ ନିକଟରେ ଅଛି **ସଙ୍କର୍ଷଣ କୁଣ୍ଡ** ଓ **ମାନସରସୀ**। ବହୁଳାକୁଣ୍ଡର ଅନତିଦୂରରେ ରହିଛି ରାସମଣ୍ଡଳ ମନ୍ଦିର। ଶ୍ରୀଚୈତନ୍ୟ ମହାପ୍ରଭୁ ବ୍ରଜବିହାର ସମୟରେ ଏଠାକୁ ଆସିଥିବାର କିମ୍ବଦନ୍ତୀ ପ୍ରଚଳିତ। ଭକ୍ତି ରତ୍ନାକରର ୫ମ ତରଙ୍ଗ ୪୬୩ ପଦରେ ଏହାର ବିସ୍ତୃତ ବର୍ଣ୍ଣନା ରହିଛି। ବହୁଳାବନ ପରେ ପଡ଼େ **ରାଲ ସହର**। ଏଠାରେ ବୃଷାସୁର ନାମକ ଅସୁରର ବଧ ପ୍ରଭୁ କରିଥିଲେ। ବୃଷାସୁର ନିଧନ ପରେ ଶ୍ରୀକୃଷ୍ଣ ଗୋପୀମାନଙ୍କ ନିକଟରେ ପହଞ୍ଚିବାରୁ ସେମାନେ ତାଙ୍କୁ ଗୋବଧ କରିଥିବା କହି ତାଙ୍କ ସହ ମିଶିବାକୁ ବାରଣ କଲେ। ଏହାର ଉତ୍ତରରେ ପ୍ରଭୁ ତାହାର ପ୍ରାୟଶ୍ଚିତ କ'ଣ ବୋଲି ପଚାରିବାରୁ ସମସ୍ତ ତୀର୍ଥ ଜଳରେ ଗାଧୋଇବା ନିମନ୍ତେ ଗୋପୀମାନେ ତାଙ୍କୁ ପରାମର୍ଶ ଦେଇଥିଲେ। ଶ୍ରୀକୃଷ୍ଣ ନିଜର ମୋହନବଂଶୀକୁ ମାଟିରେ ଛୁଇଁଦେବା ଫଳରେ ଗୋଟିଏ କୁଣ୍ଡର ସୃଷ୍ଟି ହେଲା। ତାଙ୍କରି ଆଦେଶରେ ସମସ୍ତ ତୀର୍ଥ ଜଳ ଆସି ସେଥିରେ ଭର୍ତ୍ତି ହୋଇଗଲା। ଏହା ଦେଖି ଭାବପ୍ରବଣା ରାଧାରାଣୀ ଓ ଗୋପୀମାନେ ସେହି କୁଣ୍ଡ ଭଳି ଆଉ ଗୋଟିଏ କୁଣ୍ଡ କରିବା ନିମନ୍ତେ ବିଚାର କଲେ। ସମସ୍ତେ ଏକ ହୋଇ ପ୍ରତ୍ୟେକ ଏକ ଏକ ଆଞ୍ଜୁଳା ମାଟି ଉଠାଇ ଅନ୍ୟ କୁଣ୍ଡର ସୃଷ୍ଟି କରିଥିଲେ ଓ ନିଜ ଭିତରେ ବିଚାର କଲେ ଯେ ମାନସ ଗଙ୍ଗାର ଜଳ ଆଣି ଉକ୍ତ କୁଣ୍ଡରେ ଭର୍ତ୍ତି କରିଦେବେ। ମାତ୍ର ଏହିକଥାକୁ ନେଇ ଶ୍ରୀକୃଷ୍ଣଙ୍କୁ ଅନୁରୋଧ କରନ୍ତେ ସେ ତାହା କରିବାକୁ ବାରଣ କରି କହିଲେ ଯେ ସମସ୍ତ ତୀର୍ଥର ଜଳ ତ ଏବେ ମୋ ନିର୍ମିତ କୁଣ୍ଡରେ ଭର୍ତ୍ତି ହୋଇ ରହିଛି। ଆଉ ତୁମ କୁଣ୍ଡରେ ତାହା ଅବା ଭର୍ତ୍ତି ହେବ କିପରି ? ତେଣୁ ଗୋପୀମାନଙ୍କ ଅନୁରୋଧରେ ଶ୍ରୀକୃଷ୍ଣ ନିଜ ରଚିତ କୁଣ୍ଡରୁ ବଂଶୀଦ୍ୱାରା ଗୋଟିଏ ଗାର ଗୋପୀମାନଙ୍କ ନିର୍ମିତ କୁଣ୍ଡ ପଟକୁ ଟାଣିଦେଲେ। ଯାହା ଫଳରେ ଶ୍ରୀକୃଷ୍ଣଙ୍କ ନିର୍ମିତ କୁଣ୍ଡର ତୀର୍ଥଜଳ ବି ଉକ୍ତ କୁଣ୍ଡରେ ଭର୍ତ୍ତି ହୋଇଗଲା ଓ ତାହା ରାଧାକୁଣ୍ଡ ନାମରେ ସେହିଦିନଠାରୁ ସର୍ବତ୍ର ପରିଚିତ ହେଲା। ଶ୍ରୀକୃଷ୍ଣଙ୍କଦ୍ୱାରା ନିର୍ମିତ ପ୍ରଥମ କୁଣ୍ଡର ନାମ ହେଲା **ଶ୍ୟାମକୁଣ୍ଡ**। ବର୍ତ୍ତମାନ ବି ଗୋଟିଏ ନଳାଦ୍ୱାରା ଦୁଇ କୁଣ୍ଡର ଜଳ ସଂଯୁକ୍ତ ରହିଛି। ଭକ୍ତି ରତ୍ନାକର ଗ୍ରନ୍ଥରେ ମଧ୍ୟ ଏହି କୁଣ୍ଡ ସମ୍ପର୍କରେ ବିଶେଷ ବର୍ଣ୍ଣନା ରହିଛି। ଏହି କୁଣ୍ଡ ଦ୍ୱୟର ଚତୁଃପାର୍ଶ୍ୱରେ ଗୌଡ଼ୀୟ ବୈଷ୍ଣବମାନଙ୍କର ଭଜନ କୁଟୀର, ସମାଧି, ମନ୍ଦିର ଓ ତାହା ସହ ଶ୍ରୀଚୈତନ୍ୟ ଓ ନିତ୍ୟାନନ୍ଦ ମହାପ୍ରଭୁଙ୍କ ବସିବାର ସ୍ଥାନ ଆଦି ରହିଛି। ଏହି **ରାଧାକୁଣ୍ଡ ଓ ଶ୍ୟାମକୁଣ୍ଡ**ର ବର୍ଣ୍ଣନା ମଧ୍ୟ ବିଭିନ୍ନ ପ୍ରକାର କାବ୍ୟ ଓ କବିତାରେ ବିଶେଷ ଭାବରେ ଉଲ୍ଲେଖ ହୋଇଛି। ଓଡ଼ିଆ କବି ସାଲବେଗ ବି ଏଥିରୁ ବାଦ୍ ଯାଇନାହାଁନ୍ତି।

"ସତେ କି ମୋ
ଭାଗ୍ୟ ହେବ ଯିବି ବୃନ୍ଦାବନ
ରାଧା କୁଣ୍ଡେ
ଶ୍ୟାମକୁଣ୍ଡେ କରିବି ସ୍ନାହାନ।"

ଏହି ପ୍ରାଚୀନ କୁଣ୍ଡ ଦୁଇଟି କ୍ରମଶଃ ଲୁପ୍ତ ହୋଇଯାଇଥିଲା। ଶ୍ରୀଚୈତନ୍ୟ ବୃନ୍ଦାବନର ଉଦ୍ଧାର କରିବା ନିମନ୍ତେ ଚୌରାଶୀ କ୍ରୋଶ ବ୍ରଜ ପରିକ୍ରମା କରୁଥିବାବେଳେ ଏହି ସ୍ଥାନଟିର ସନ୍ଧାନ ପାଇଥିଲେ। ଏହାକୁ ସେଠାରେ କାଳିଗୋରୀ କ୍ଷେତ ବୋଲି କୁହାଯାଉଥିଲା ଏବଂ ସେହି ଦୁଇଟି ସ୍ଥାନକୁ ଚିହ୍ନଟ କରି ଚୈତନ୍ୟ ଦେବ ରାଧାକୁଣ୍ଡ ଓ ଶ୍ୟାମକୁଣ୍ଡର ପୁନଃ ଖନନ କରି ଏପରି ନାମ ଦେଇଥିଲେ। କେନ୍ଦ୍ର ପ୍ରତ୍ନତତ୍ତ୍ୱ ବିଭାଗଦ୍ୱାରା କୀର୍ତ୍ତିଦ୍ୱୟ ସଂରକ୍ଷିତ। ଏହି ରାଧାକୁଣ୍ଡ ଓ ଶ୍ୟାମକୁଣ୍ଡ ହେଉଛି ଏକ ତୀର୍ଥ ସ୍ଥାନ। ଗୌଡ଼ୀୟ ବୈଷ୍ଣବ ରଘୁନାଥ ଗୋସ୍ୱାମୀ ଏହି ରାଧାକୁଣ୍ଡ ନିକଟରେ ରହି ଦେହତ୍ୟାଗ କରିଥିଲେ। ଏଠାରେ ତାଙ୍କର ସମାଧି ମନ୍ଦିର ରହିଛି। ଏହା ସହିତ ରହିଛି ରଘୁନାଥ ଭଟ୍ଟ ଗୋସ୍ୱାମୀ ଓ କୃଷ୍ଣଦାସ ଗୋସ୍ୱାମୀଙ୍କ ସ୍ମୃତି ମନ୍ଦିରମାନ। ଏଠାରେ ରାଧାରାଣୀ ଭକ୍ତମାନଙ୍କୁ ରକ୍ଷା କରନ୍ତି ବୋଲି ପ୍ରବାଦ ଅଛି। ଏହି କୁଣ୍ଡ ନିକଟରେ ରହିଛି ପଞ୍ଚପାଣ୍ଡବ ବୃକ୍ଷ। ସହର ଭିତରେ ଶ୍ରୀଚୈତନ୍ୟ ମହାପ୍ରଭୁଙ୍କ ମନ୍ଦିର ରହିଛି ଓ ବହୁ ବଙ୍ଗୀୟ ବୈଷ୍ଣବ ଭକ୍ତ ଏଠାରେ ସ୍ଥାୟୀ ଭାବରେ ବାସ କରୁଛନ୍ତି। ଶ୍ରୀଚୈତନ୍ୟଙ୍କ ମନ୍ଦିର ନିକଟରେ ରହିଛି ଗୌଡ଼ୀୟ ସନ୍ଥ ପୁରୀଦାସ ଗୋସ୍ୱାମୀଙ୍କ ମନ୍ଦିର। ଏହି ସ୍ଥାନରୁ କିଛି ଦୂରକୁ ଗଲେ ପଡ଼େ **ମୁଖରାଇ ଗ୍ରାମ**। ଏଠାରେ ରାଧାରାଣୀଙ୍କର ଆଈ ଘର ଥିବାର କୁହାଯାଏ। ସେଠାର ମନ୍ଦିରରେ ବହୁ ଭକ୍ତ ରାଧାରାଣୀଙ୍କ ମହିମା ଗାନ କରି କୀର୍ତ୍ତନ କରିଥାନ୍ତି ଓ ଏପରି କୀର୍ତ୍ତନରେ ସେମାନଙ୍କ ଉପରେ ରାଧାରାଣୀଙ୍କର ଆଶୀର୍ବାଦ ହୁଏ ବୋଲି ବିଶ୍ୱାସ। ମନ୍ଦିର ମଧ୍ୟର ମୁଗୁନି ପଥରକୁ ବାଡେଇଲେ ଠିକ୍ କଂସା ଭଳି ଶବ୍ଦ ହୁଏ। ଏହା ଏପରି କାହିଁକି ହୁଏ ତାହା ଭୂତତ୍ତ୍ୱବିଦ୍‌ମାନେ ପରୀକ୍ଷା କରି କହିପାରିବେ।

ପ୍ରସିଦ୍ଧ **ଗିରିଗୋବର୍ଦ୍ଧନ**ର ଲମ୍ବ ପ୍ରାୟ ୨୩ କିଲୋମିଟର। ଉତ୍ତର ପ୍ରଦେଶର ମଥୁରା ଓ ରାଜସ୍ଥାନର ଭରତପୁର ଜିଲ୍ଲା ଦ୍ୱୟ ମଧ୍ୟରେ ଏହା ବିସ୍ତୃତ। ଏହାକୁ ଏକ ପାହାଡ଼ିଆ ବନ୍ଧ କହିଲେ ଅତ୍ୟୁକ୍ତି ହେବ ନାହିଁ। ଉତ୍ତରପ୍ରଦେଶର ମଥୁରା ଜିଲ୍ଲାରେ ଏହାକୁ ସୁସଂରକ୍ଷିତ କରାଯାଇଥିବାବେଳେ ରାଜସ୍ଥାନରେ ତାହା ସେପରି ହୋଇନାହିଁ। ଭାରତୀୟ ପ୍ରତ୍ନତତ୍ତ୍ୱ ବିଭାଗଦ୍ୱାରା ଏହା ଅବଶ୍ୟ ସଂରକ୍ଷିତ ହୋଇଛି। ପର୍ବତର ଦୁଇପଟରେ ଲୁହା ରେଲିଂ ସହ ତାରବାଡ଼ ଦିଆଯାଇଛି ଏବଂ ବିଭିନ୍ନ ପ୍ରକାରର ଗଛଲତାରେ ପାହାଡ଼ଟିର ପାଦଦେଶ ସୁଶୋଭିତ। ବର୍ତ୍ତମାନ ଏହି ଗିରିଗୋବର୍ଦ୍ଧନକୁ ଭକ୍ତମାନେ ପରିକ୍ରମା କରୁଥିବାର ଦେଖାଯାଏ। ସେମାନେ ପାଦରେ ଚାଲି ଚାଲି କିମ୍ବା ଦୁଇଚକିଆ, ତିନିଚକିଆ ବା ଚାରିଚକିଆ ଯାନ ମାଧ୍ୟମରେ ଏହାର ପରିକ୍ରମା କରିଥାନ୍ତି। ତାହାର ଖଣ୍ଡିଏ ପଥର ଅତି ପବିତ୍ର ବୋଲି ଭକ୍ତମାନଙ୍କର ବିଶ୍ୱାସ ରହିଛି। ଏହି ଗୋବର୍ଦ୍ଧନ ପାଦଦେଶରେ ପ୍ରତ୍ନତତ୍ତ୍ୱ ବିଭାଗଦ୍ୱାରା ଲଗା ଯାଇଥିବା ବୃକ୍ଷରାଜିର ଗହଳରେ ଅସଂଖ୍ୟ ମୟୂରମୟୂରୀ ଓ ବିଭିନ୍ନ ଜାତିର ପକ୍ଷୀମାନଙ୍କ କଳରବରେ ସେହି ଗିରିଭୂମି ସର୍ବଦା ମୁଖରିତ। ଗିରିଗୋବର୍ଦ୍ଧନ ତଳେ **ଆନିଓର୍** ନାମକ ଗ୍ରାମ ରହିଛି। ଯେଉଁଠାରେ ପ୍ରଭୁ ଗିରିରାଜ ଉପରେ ରହି ମୁଖ ବ୍ୟାଦାନ କରି ବ୍ରଜବାସୀମାନଙ୍କର ଭୋଗ ସାମଗ୍ରୀକୁ ଗ୍ରହଣ କରୁଥିଲେ। ଏହା ଦେଖି ନନ୍ଦ ମହାରାଜା ଉଲ୍ଲସିତ ହୋଇ "ଆନାଔର" ଅର୍ଥାତ୍ "ଆହୁରି ଆଣ" ବୋଲି କହୁଥିଲେ।

(କ୍ରମଶଃ)

# ଯାଯାବରର ଡାଇରୀ–୫୪

## ଛତରଖିଆଙ୍କ ଦେଶ



ମନ୍ମଥ କୁମାର ଶତପଥୀ
ଲୋକ ସଂସ୍କୃତି ଗବେଷକ
ଆରଚିଡ ରୟାଲ
ଆପାର୍ଟମେଣ୍ଟ, ନାଗେଶ୍ୱର
ଟାଙ୍ଗୀ, ଭୁବନେଶ୍ୱର
ମୋ–୯୪୩୯୭୧୯୮୫୭

ପ୍ରାତଃ ଭ୍ରମଣ ସାରି ଘରକୁ ଫେରି ଦେଖେ, ଘରର ବାୟୁ ମଣ୍ଡଳ ଖୁବ୍ ଉତ୍ତପ୍ତ। ଘରଣୀ ଝାଳନାଳ ହୋଇ ଘରପୋଛା ଯନ୍ତ୍ର ସାହାଯ୍ୟରେ ଘର୍ ସଫା କରିବାରେ ବ୍ୟସ୍ତ। ଘଟଣା ବୁଝିବାରେ କିଛି ଅସୁବିଧା ହେଲାନି। ବୋଧହୁଏ କାମବାଲୀ ଆଜି ଆସିନି। ମୋତେ ଦେଖିବା ପରେ ଘରଣୀଙ୍କ ରାଗର ମାତ୍ରା ଆହୁରି ବଢ଼ିଗଲା। ସହଜେ ସେ ରୋଗୀଣା ମଣିଷ, ହେଲେ ଘର କାମରେ ସେ କୌଣସି ସାଲିସ କରନ୍ତିନି। କେବଳ ସେ ନୁହଁନ୍ତି, ଦକ୍ଷିଣାଞ୍ଚଳର ଅଧିକାଂଶ ମହିଳା ମାନଙ୍କର ଏହା ଏକ ସାଧାରଣ ପ୍ରକୃତି। ବିଲେଇ, କୁକୁର କଥା ଛାଡନ୍ତୁ, ମୂଷା, ଅସରପା, ଝିଟିପିଟି ଠାରୁ ଆରମ୍ଭ କରି ମଶା, ମାଛି ସମସ୍ତଙ୍କୁ ଗୃହ ପ୍ରବେଶ ମନା। ଯାହା ପିମ୍ପୁଡି ମାନଙ୍କର ଘରେ ଅନଧିକାର ପ୍ରବେଶ। ସେମାନେ ଘରଣୀଙ୍କ କଥା ମାନନ୍ତି ନାହିଁ। ମୃତ୍ୟୁକୁ ଭୟ ନକରି, ଲକ୍ଷ୍ମଣରେଖାକୁ ଡେଇଁ ସେମାନେ ଚାଲି ଆସନ୍ତି।

ପରିସ୍ଥିତିର ଗୁରୁତ୍ୱ ଦୃଷ୍ଟିରୁ, କିଛି ସମୟ ନୀରବ ରହିବା ପରେ, ସାହସ ସଞ୍ଚୟ କରି ଧୀର ସ୍ୱରରେ ପଚାରିଲି କଣ କାମବାଲି ଆଜି ଆସିନି ? ଯାହା ଆଶା କରୁଥିଲି ସେପରି ଏକ ଉତ୍ତର ଘରଣୀଙ୍କ ମୁହଁରୁ ଭାଷି ଆସିଲା, କଣ ତମ ଆଖିକୁ ଦେଖା ଯାଉନି ? କି ଭାଗ୍ୟନେଇ ମଣିଷ ଜନ୍ମ ହେଉଥିଲା ଯେ ଦିନସାରା ଖଟି ଖଟି ମଲାଣି। ଘରଲୋକ ଯେମିତି, ପରଲୋକ ମଧ୍ୟ ସେମିତି ମୋ ଉପରେ ଦାଉ ସାଧୁଛନ୍ତି। ଯେତେ ଯାହା ଦେଲେ'ବି ସେ ଛତର ଖାଇ ଠକିବାର କଥା ଠକିବ । ମାସରେ ଅଧାଦିନ କାମ ବନ୍ଦ। କେତେବେଳେ ଛତାପାଇଁ ତ, କେତେବେଳେ ଗାଁକୁ ଯିବ। ବହୁତ ହେଇଗଲା, ଆଉ ତାକୁ ନେଇ ଚଳି ହବନି। ତମର ତ କୋଉ କୋଉ କଥାକୁ ଖାତିରି ନାହିଁ, ସକାଳୁ ଉଠିଲେ, ଯୋଗ, ପ୍ରାଣାୟମ, ତାପରେ ଫରେଷ୍ଟ ପାର୍କ ଯିବ ବୁଲିବା ପାଇଁ। ସେଠାରୁ ଫେରିବା ପରେ ନିତ୍ୟକର୍ମ ସାରି ଖବର କାଗଜ ପଢିବ, ନହେଲେ ଲେଖା ପଢା କରିବ। ଘରେ ଯାହା ହେଲେ ତମର ଯାଏ କେତେ, ଆସେ କେତେ। କେତେଦିନ ମୁଁ ଆଉ ଘରକୁ ଜଗି ବସିଥିବି ? ମୁଁ ମୋର ଆମ ଘରକୁ ଯାଉଛି, କାମବାଲୀ ଆସିବାପରେ, ଖବରଦେଲେ ଘରକୁ ଫେରିବି। ଭାବୁଥିଲି ଆଉ କିଛି ବୁଝେଇ କହିବି, କିନ୍ତୁ ସମ୍ଭାବ୍ୟ ବିପଦ ଭୟରେ ଚୁପ୍ ରହିବା ଶ୍ରେୟସ୍କର ମନେକଲି।

ଅବଶ୍ୟ ଘରଣୀଙ୍କ ଏପରି ଧମକ ନୁହେଁ, ଏହା ଆମ ଘରେ ନିତିଦିନିଆ କଥା। ଆଉ ଏକଥା ବି ଜାଣେ, ସେ ଘରଛାଡି କୁଆଡେ ଯିବେନି। ଗାନ୍ଧାରୀଙ୍କ ତୁଲ୍ୟ, ସେ ଶତ ପୁତ୍ରର ଜନନୀ। ଘର ଉପର ଛାତରେ ତାଙ୍କର ଫୁଲ ବଗିଚା। ଶହେ କଣ ଦେଢଶହ ପାଖା–ପାଖି ପୁତ୍ର- କନ୍ୟାଙ୍କ ଅଳି ଅର୍ଦ୍ଦଳୀ ସେ ସହନ୍ତି। କାହାର ମୁହଁ ସୁଖିଗଲେ, ତାଙ୍କର ଦେହ ସୁଖିଯାଏ। ତାଙ୍କର ଅଣ୍ଠାର ଅବସ୍ଥା ଖୁବ୍ ଖରାପ। ଡାକ୍ତର କଡା ତାଗିଦ୍ କରିଛନ୍ତି। ଅଣ୍ଠାନୁଆଇ କିଛି କାମ କରିବା ପାଇଁ। କିନ୍ତୁ ଡାକ୍ତରଙ୍କ କଥାକୁ ପଚାରେ କିଏ ? ବରଂ ଓଲଟା ଯୁକ୍ତି କଲେ, ଆମେ ଯେମିତି, ଗଛମାନେ ବି ସେମିତି। କଥା କହି ପାରୁନାହାଁନ୍ତି ବୋଲି, ତାଙ୍କର କଣ ଜୀବନ ନାହିଁ ? ଆମକୁ ସିନା ଡାକ୍ତର ଦେଖୁଛନ୍ତି, ଗଛମାନଙ୍କୁ ରୋଗହେଲେ, ସେମାନଙ୍କ କଥା, ମୋ ଛଡା ବୁଝୁଛି କିଏ ? କଣ ବା ଉତ୍ତର ଦେଇଥାନ୍ତି, ବାଧ୍ୟ ହୋଇ, ଚୁପ-ଚାପ ମୋର ନିତ୍ୟ କର୍ମ ପାଇଁ ବାଥ୍‌ରୁମ୍‌କୁ ଚାଲିଗଲି।

ଦକ୍ଷିଣାଞ୍ଚଳର ଝିଅମାନେ ଯେମିତି ଅଳଙ୍କାର ପ୍ରିୟ, ଭଲରେ ହେଉ, କି ମନ୍ଦରେ ହେଉ, କାହାକୁ କିଛି କହିବା ବେଳେ, ଆଳଙ୍କାରିକ ଶବ୍ଦ ପ୍ରୟୋଗ କରିବା ସକାଶେ ଭୁଲନ୍ତି ନାହିଁ। ସେମିତି କିଛି ଆଳଙ୍କାରିକ ଶବ୍ଦ ଯଥା, ଅଳପେଇସି, ଛତରଖାଇ ପ୍ରଭୃତିରୁ କିଛି କାମବାଲୀ ଉଦ୍ଦେଶ୍ୟରେ ପ୍ରୟୋଗ କରି, ତାଙ୍କର ଘରସଫା କାମ ଅବିରାମ ଗତିରେ ଚାଲିଥାଏ। ମୁଁ ବାଥ୍‌ରୁମ୍ ମଧ୍ୟରେ ରହି, ଘରଣୀଙ୍କ ପ୍ରାୟୋଗିକ ଶବ୍ଦର ଭାବାର୍ଥକୁ ନେଇ ଗବେଷଣା କରୁଥାଏ। ହଠାତ୍ ଗୋଟିଏ ଶବ୍ଦ ଛତରଖାଇ ମୋର ଭାବନା ରାଜ୍ୟକୁ ଆନ୍ଦୋଳିତ କଲା।। ବାଥ୍‌ରୁମ୍‌ରୁ ଫେରି ଦେଖିଲି, ଘରଣୀ କ୍ଳାନ୍ତ ହୋଇ ପଙ୍ଖାତଳେ ବସି ଟେଲିଭିଜନରେ ଦେଉଥିବା ରୋଷେଇ କାର୍ଯ୍ୟକ୍ରମ ଦେଖୁଛନ୍ତି। ଘରସଫା କାମ ସରିବା ପରେ, ଘରର ବାତାବରଣ କ୍ରମଶଃ ଶୀତଳ ହୋଇ ଆସୁଥାଏ। କୋମଳ ସ୍ୱରରେ ପଚାରିଲି, ଆଛା କହିଲ ଦେଖି 'ଛତରଖାଇ'ଶବ୍ଦର ଅର୍ଥ କଣ ? ମୁଁ ଯାହା କହିଲେ, ସେ ଭାବନ୍ତି ମୁଁ ତାଙ୍କୁ ସମାଲୋଚନା କରୁଛି। ସାମାନ୍ୟ ବିରକ୍ତ ହୋଇ କହିଲେ ମୁଁ କଣ ତମରପରି ଏତେ କଥା ଜାଣିଛି ? ହେଲେ ଏ କଥା ଜାଣେ ଗାଆଁରେ ମାଆମାନେ, ପୁଅ-ଝିଅ ଭୁଲକଲେ ଗାଳି କରନ୍ତି। ସେମିତି ମୋ ପାଟିରୁ କିଛି ବାହାରିଗଲା, କ'ଣ କ୍ଷତି ହେଲା ସେଥୁ ? 'ଛତରଖାଇ' ଇଚ୍ଛା ଅନୁଯାଇ, କିଛି ନକହି, ଚାଲିଯିବ, ମୁଁ ତାକୁ କିଛି କହିବିନି ? ଫେରେ ସେଇ ଶବ୍ଦର ପ୍ରୟୋଗ ଶୁଣି, ଖୁବ୍ ହସ ମାଡିଲା, ହେଲେ ସମ୍ଭାବ୍ୟ ବିପଦର ଭୟରେ ମୁହଁର ଭାବକୁ ଚାପିରଖି କହିଲି, କାହିଁ, ତମେ ତ କିଛି ଭୁଲ କଥା କହିନ। 'ଛତରଖାଇ' ଯାହା କହିଛ ଠିକ୍ କହିଛ। ହେଲେ ଧୀରସ୍ଥିର ଚିତ୍ତରେ ମୁଁ ଯାହା କହୁଛି, ମନଦେଇ ଶୁଣ। ତମର ଠିକ୍ ମନେଥିବ, ତମର ଗାଆଁ (ଆସିକା)ରେ ଗୋଟିଏ ଛତରଘର ଥିଲା। ରାସ୍ତା କଡରେ ବୁଲୁଥିବା ଦୁଃଖୀ,ରଙ୍କି, କୁଷ୍ଠରୋଗୀ ଓ ଭୋକିଲା ଲୋକମାନଙ୍କୁ, କିଛି ଧନୀ ଲୋକ ସେଠାରେ ଖାଇବାକୁ ଦିଅନ୍ତି। ସେଠାରେ ଖାଉଥିବା ପୁରୁଷ ମାନଙ୍କୁ 'ଛତରଖିଆ' ଓ ମହିଳାମାନଙ୍କୁ କୁହାଯାଏ 'ଛତରଖାଇ'। ସେମାନଙ୍କୁ ବାଦଦେଲେ ଆଉକିଛି ନିଷ୍କର୍ମା, ଅଳସୁଆ ମଣିଷ ଘରଲୋକଙ୍କ ଅଜାଣତରେ ନିଜକୁ ଭିକାରୀ ବୋଲି ପରିଚୟ ଦେଇ ସେଠାରେ ଯାଇ ଖାଆନ୍ତି। ଯେତେବେଳେ ଘରଲୋକମାନେ ଏକଥା ଜାଣନ୍ତି, ସେମାନଙ୍କୁ ଘୃଣା ଚକ୍ଷୁରେ ଦେଖନ୍ତି। ସ୍ତ୍ରୀ ସ୍ୱାମୀକୁ ଧିକ୍‌କାର କରି କହେ, ଛତରଖିଆ ତୁ ଘରେ ବସି ଖାଇବୁ। ମୁଁ ଯାଇ ବାହାରେ ଖଟିବି ? ଯାଉନୁ ପୋଖରୀରେ ବୁଡି ମରିବୁ। ଲାଜଲାଗୁନି, ବଡରୋଗୀଆମାନଙ୍କ ସହିତ ବସି ଛତର ଖାଉଛୁ ? କାମ କରିବୁ ଯଦି ଘରେ ରହ, ନହେଲେ ଯୁଆଡେ ଯାଉଛୁ ଯାଆ। ମୋର ପ୍ରବଚନ ଶୁଣିବାରେ ଘରଣୀଙ୍କ ମନ ନଥାଏ, ତାଙ୍କର ଆଖି ଲାଖି ରହିଥାଏ ଟେଲିଭିଜନ ପରଦା ଉପରେ। ବେପରୁଆ ଭାବେ କହିଲେ, ଯାହାତ କହିବ ସିଧାକଥା କହିବ, ଏମିତି ବୁଲେଇ ବଙ୍କେଇ କହୁଛ କାହିଁକି ? ସେ ସବୁ କଥା ମୁଁ ଜାଣିଛି। ସତ କହୁଛି, କାମବାଲୀ ଯଦି ନଆସେ ମୁଁ ଆଉ ଘରେ ରହିବିନି।

ଜଳଖିଆ ପର୍ବପରେ ଘରଣୀଙ୍କୁ ବୁଝେଇ କହିଲି, କାମବାଲୀ ଉପରେ ରାଗି ଲାଭ କଣ ? ରାଜଧାନୀରେ ତମେ ଯାହା ଘରକୁ ଯାଅ, ସେଇ ଗୋଟିଏ ସମସ୍ୟା। କାମବାଲୀର ଦାଉରୁ କାହାରି ମୁକ୍ତି ନାହିଁ। ଆମ ନବୀନ ବାବୁତ, ସେମାନଙ୍କୁ ସବୁଦେଲେ। କାହିଁକି ସେମାନେ ଆସି ତମଘରେ କାମ କରିବେ ? ମାଗଣାରେ ଘର, ମାଗଣାରେ ଆଲୁଅ, ମାଗଣାରେ ପାଣି, ପାଦକୁ ଯୋତା, ମୁଣ୍ଡକୁ ଛତା, ଟଙ୍କାକରେ କିଲେ ଚାଉଳ ସାଙ୍ଗକୁ ଦେହ ଖରାପ ହେଲେ ମାଗଣା ଚିକିତ୍ସା ସହିତ, ତାଙ୍କର ପିଲାମାନେ ପାଠ ପଢିବା ପାଇଁ, ବହି, ପ୍ୟାଣ୍ଟ-ସାର୍ଟ, ସାଇକେଲ ସାଙ୍ଗକୁ ମଧ୍ୟାହ୍ନ ଭୋଜନର ବ୍ୟବସ୍ଥା। ଆଛା କହିଲ, ସେମାନେ କାହିଁକି ତମର ହାତଟେକା ଦାନକୁ ଅପେକ୍ଷା କରିବେ ? ବରଂ ଚୁପ୍-ଚାପ ସବୁକଥା ସହିଯାଅ, ନଚେତ୍ ନିଜ କାମ, ନିଜେ କରିବାକୁ ପଡିବ। ସହଜେ ସେ'ତ ହାରିବା ଲୋକ ନୁହଁନ୍ତି। ଭାଙ୍ଗିଯିବେ ପଛେ, ନଇଁବେ ନାହିଁ। ବୀରଦର୍ପରେ କହିଲେ, କାହିଁ ସହିବି ଯେ ? ସେ କଣ ମାଗଣାରେ କରୁଛି ? ଟଙ୍କା ଫୋପାଡିଲେ, କଣ କାମବାଲି ଅଭାବ ହେବେ ? ଯଦି ସେ ଯିବାର କଥା ଯାଉ, ମୋର ନିଜର କାମ, ମୁଁ ନିଜେ କରିବି।

କଣ କହି ତାଙ୍କୁ ବୁଝେଇବି, ସେ କଥା ଭାବି ଭାବି, ମୁଣ୍ଡମୋର ଚକର ମାରୁଥାଏ। ଦିନସାରା ଘର କାମରେ ନିମଗ୍ନ ରହି, ବାହାର ଦୁନିଆର କଥା ଜାଣିବା ସକାଶେ ତାଙ୍କର ସମୟ ନଥାଏ। ଯାହା କିଛି ସମୟ ମିଳେ, ଟି.ଭି. ପାଖରେ ବସି ରୋଷେଇ ସୋ ଓ କିଛି ଧାରାବାହିକି ଦେଖିବାରେ ଯାଏ। ଦେଶ ବିଦେଶର ଖବର ଦେଖିବାରେ ତାଙ୍କର ବିଶେଷ ଆଗ୍ରହ ନଥାଏ। ଏକତରଫା ଭାବେ, ଯଦି କିଛି ଚାଞ୍ଚଲ୍ୟକର ସମ୍ବାଦ ମୁଁ ତାଙ୍କୁ ଜଣାଏ, ବେପରୁଆ ଭାବେ କହନ୍ତି, ସେ ସବୁ ଶୁଣିବା ମୋର ଦରକାର ନାହିଁ। ଯେତେବେଳେ ଶୁଣିବ, ଚୋରି, ଡାକାୟତି, ନାରୀହତ୍ୟା, ଅତ୍ୟାଚାର, ଧର୍ଷଣ, ଭ୍ରଷ୍ଟାଚାର, ଛଡା ଆଉ କିଛି ସମ୍ବାଦ ଅଛି ? ମନ୍ତ୍ରୀ ଅଫିସରଙ୍କ ଠାରୁ ଆରମ୍ଭ କରି ସମସ୍ତେ'ତ ଚୋରି କରୁଛନ୍ତି, କଣ ଭଲ କଥା ଅଛି ଯେ ମଣିଷ ଶୁଣିବ ? ତମେ ତମର ମୁଣ୍ଡ ଗରମ କରି ରାତିରେ ନଶୋଇ ଭାବୁଥାଆ, ମୁଁ ମୋର ଘରକଥା ବୁଝେ। ଘରଣୀ ଯାହା କହୁଛନ୍ତି, ଠିକ୍ କଥା। ହେଲେ ଅସୁବିଧାରେ ପଡି, ଭଗବାନ'ତ ଗଧ ପାଦ ଧରିଥିଲେ, ଆମେ ଅବା କି ଛାର ମଣିଷ ! ଆମରତ କାମବାଲୀ ନିହାତି ଦରକାର, ପରିସ୍ଥିତି ଦୃଷ୍ଟିରୁ ତା ସହିତ ସାଲିସ କଲେ କ୍ଷତି କଣ? ଫେରେ ବୁଝେଇ ବାକୁ ଯାଇ କହିଲି, ଆଛା ତମେ ସୋନିଆଗାନ୍ଧୀଙ୍କ ଖାଦ୍ୟ ସୁରକ୍ଷା ବିଲ୍ କଥା ଶୁଣିଲଣି ? ସତେ ଯେମିତି ତାଙ୍କ ଦେହରେ ନିଆଁ ଲାଗିଗଲା ସୋନିଆ ଗାନ୍ଧୀଙ୍କ ନାଆଁ ଶୁଣି, ଅତ୍ୟନ୍ତ ବିରକ୍ତ ହୋଇ କହିଲେ, ତା' କଥା, ମୋତେ ଶୁଣାଅନି। ସତେ ଯେମିତି, ସେ ଘରୁ ଆଣି ଲୋକଙ୍କୁ ଦଉଛି। କୋଉ ଇଟାଲୀରୁ ଆସି, ଦେଶଟାକୁ ଲୁଟିକରି, ନେଲାଣି।

ସମସ୍ତେ ଗୋଟିଏ ନାଉର ମଞ୍ଜି। ଜଣେ ଟଙ୍କାକରେ କିଲେ ଚାଉଳ ଦେଲାବେଳେ, ଆଉ ଜଣେ ଚାଉଳ କିଲୋ ଦବ ତିନି ଟଙ୍କାରେ। ତମେ କିଲେ ଚାଉଳ କିଣୁଛ ପଚାଶ ଟଙ୍କାରେ। ତମଠାରୁ ଚଢାଦରରେ ଟିକସ ନେଇ, ସେମାନଙ୍କୁ ପୋଷୁଛନ୍ତି। ଘରେ ବସିଛିବୋଲି, ମୁଁ କଣ କିଛି ଜାଣୁନି ? ଭୋଟ ସକାଶେ ଏତେ ସବୁ ନାଟ ଚାଲିଚି। ଦେଖିବା କେତେଦିନ ନବୀନ ପଟ୍ଟନାୟକ ଆଉ ସୋନିଆଗାନ୍ଧୀ ଦେଉଥିବା 'ଛତର' ଖାଇ ସେମାନେ ବଞ୍ଚି ରହିବେ ? ଭୋଟ ସରିବା ପରେ ଯୋଉ ନଙ୍ଗଳାକୁ ସେଇ ନଙ୍ଗଳା। ବରଂ, ମୁଁ ଯାହା କହୁଛି ଶୁଣ, ଅଯଥାରେ ସେ ଫାଲତୁ କଥା ଗୁଡାକ ଭାବି ମୁଣ୍ଡ ଖରାପ କରନି। ତମେ ତମର ଯାହା ଲେଖାପଢା କରିବାର କଥା, ତମେ କର, କାମବାଲୀ ଆସିବ ଯିବ, ସେ କଥା ମୁଁ ବୁଝିବି। ପ୍ରତ୍ୟେକ ଘରବାଲା ଭାବନ୍ତି। ସେମାନେ ଜଣେ ଜଣେ ସର୍ବଜ୍ଞ, ଘରଣୀମାନେ ଘର କଣର ଲୋକ, ବାହାର ଦୁନିଆଁରେ କଣ ସବୁ ଘଟୁଛି କିଛି ଜାଣନ୍ତିନି। ଆଜି ଘରଣୀଙ୍କ ପ୍ରବଚନ ଶୁଣି ତାଜୁବ ଲାଗିଲା। ମୁଣ୍ଡରେ ଏତେ ବୁଦ୍ଧି ? କାହିଁ ବାହାହେବାର ଚାଳିଶି ବର୍ଷ ଭିତରେ ଏପରି ପ୍ରବଚନ ତାଙ୍କ ମୁହଁରୁ କେବେ ମୁଁ ଶୁଣି ନଥିଲି। ମନେ ମନେ ଭାରି ଖୁସୀ ହେଲି। ଏହାତ ହେଲା ଆମ ଘରର ହାଲଚାଲ। ଆସନ୍ତା ଏହି ପୃଷ୍ଠଭୂମିରେ ଆମେ ଆମର ଦେଶ ଓ ରାଜ୍ୟର କଥା ବିଚାର କରିବା।

(କ୍ରମଶଃ)

# ଚିକିତ୍ସା ବିଜ୍ଞାନ ଇତିହାସର ଏକ ବଳିଷ୍ଠ ବ୍ୟକ୍ତିତ୍ୱ- ଡା. ସାମୁଏଲ ହ୍ୟାନିମାନ (୧)

## (ଡା ସାମୁଏଲ ହ୍ୟାନିମାନଙ୍କ ୨୭୦ତମ ଜୟନ୍ତୀ ଏବଂ ବିଶ୍ୱ ହୋମିଓପ୍ୟାଥି ଦିବସ ଅବସରରେ)

ଡା. ରାଜେନ୍ଦ୍ର କୁମାର ଦାଶ
ଶିକ୍ଷକ
ଡା. ଅଭିନ୍ନଚନ୍ଦ୍ର ଭେଷଜ
ମହାବିଦ୍ୟାଳୟ ଓ ଚିକିତ୍ସାଳୟ
ୟୁନିଟ୍-୩, ଭୁବନେଶ୍ୱର

ଅଷ୍ଟାଦଶ ଶତାବ୍ଦୀର ମଧ୍ୟଭାଗରେ ୟୁରୋପ ମହାଦେଶର ଜର୍ମାନ ଦେଶର ସାକ୍ସୋନୀ ପ୍ରଦେଶର ମିଶେନ ସହରରେ ଜନ୍ମ ନିଅନ୍ତି ଏକ ଚିକିତ୍ସା ବିଜ୍ଞାନୀ ଯିଏ କି ତତ୍କାଳୀନ ପ୍ରଚଳିତ ଚିକିତ୍ସା ପଦ୍ଧିରେ ଆଣନ୍ତି ଏକ ବିରାଟ ପରିବର୍ତ୍ତନ। ୧୭୫୫ ମସିହା ଏପ୍ରିଲ ୧୦ ତାରିଖରେ ଜନ୍ମଲାଭ କରିଥିବା ଏହି ମହାତ୍ମା ଜଣଙ୍କ ହେଉଛନ୍ତି ଡା. ସାମୁଏଲ ହ୍ୟାନିମାନ। ସେ ଏକ ଅନନ୍ୟ ପ୍ରତିଭା ସମ୍ପନ୍ନ ବ୍ୟକ୍ତିଥିଲେ ଯେ କି ନିଜର ଅଧ୍ୟବସାୟ ଓ ଦୃଢ ଇଚ୍ଛାଶକ୍ତି ତଥା ଅନୁସନ୍ଧିତ୍ସୁ ମନୋଭାବ ଦ୍ୱାରା ଅନେକ କଷ୍ଟସାଧ୍ୟ କାମକୁ ସହଜରେ କରି ପାରିଥିଲେ। ତାଙ୍କୁ ସମସ୍ତେ ହୋମିଓପ୍ୟାଥି ଚିକିତ୍ସା ବିଜ୍ଞାନର ଜନକ ବୋଲି ଜାଣିଛନ୍ତି ଏବଂ ଆଜି ତାଙ୍କର ୨୭୦ ତମ ଜୟନ୍ତୀ। ଆସନ୍ତୁ ଆଲୋଚନା କରିବା ସେହି ମହାତ୍ମାଙ୍କର ଜୀବନ ତଥା ଚିକିତ୍ସାବିଜ୍ଞାନକୁ ତାଙ୍କର ଅବଦାନ ସଂପର୍କରେ.. ସେ ଜଣେ ଅତ୍ୟନ୍ତ ଦୃଢମନା ବ୍ୟକ୍ତିଥିଲେ। ବାଲ୍ୟକାଳରୁ ପଠନ ପ୍ରତି ତାଙ୍କର ଅହେତୁକ ଶ୍ରଦ୍ଧା ଓ ଚିକିତ୍ସା ବିଜ୍ଞାନ ପ୍ରତି ତାଙ୍କର ଦୁର୍ବଳତା ଆଗରେ ହାରମାନିଥିଲା ସମସ୍ତ ପ୍ରକାର ପାରିବାରିକ ତଥା ଆର୍ଥିକ ସଙ୍କଟ। ତାଙ୍କର ପରିବାରର ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ନଥିବାରୁ ତାଙ୍କର ପିତା ଅନେକ ଥର ତାଙ୍କୁ ପାଠପଢାରୁ ଛଡାଇ ଆଣି ତାଙ୍କର କୌଳିକ ବୃତ୍ତି ବା ଅନ୍ୟାନ୍ୟ ବ୍ୟବସାୟରେ ନିୟୋଜିତ କରିବାକୁ ଚେଷ୍ଟା କରିଥିଲେ ମଧ୍ୟ ତାଙ୍କର ଅଦମ୍ୟ ଚେଷ୍ଟା ଆଗରେ ସବୁ ହାର ମାନିଯାଇଥିଲା। ବାପାଙ୍କ ଅଜାଣତରେ ସେ ନିୟୋଜିତ ଥିବା ଦୋକାନରୁ ଲୁଚି ଘରକୁ ଚାଲିଆସନ୍ତି ଏବଂ ତାଙ୍କ ମା, ବାପାଙ୍କୁ ନ ଜଣାଇ ତାଙ୍କୁ ଘରେ ଲୁଚାଇ ରଖି ପରେ ବାପାଙ୍କୁ ବୁଝାଇ ପୁଣି ତାଙ୍କୁ ପାଠପଢିବାକୁ ଛାଡିଥାନ୍ତି। ଏହି କ୍ରମରେ ବିଦ୍ୟାଳୟ ଶିକ୍ଷା ସମାପ୍ତି ପରେ କୋଡିଏ ବର୍ଷ ବୟସରେ ମାତ୍ର ୫ଟି ତତ୍କାଳୀନ ଜର୍ମାନ ମୁଦ୍ରା ଧରି ସେ ବାହାରିଲେ ଚିକିତ୍ସା ବିଜ୍ଞାନରେ ଶିକ୍ଷାଲାଭ କରିବାକୁ। ମହାତ୍ମା ହ୍ୟାନିମାନ ପ୍ରଚଣ୍ଡ ଧୀଶକ୍ତି ସମ୍ପନ୍ନ ଥିଲେ। ତାଙ୍କର ଭାଷାଗତ ଦକ୍ଷତା ଅତ୍ୟନ୍ତ ଉଚ୍ଚକୋଟୀର ଥିଲା। ସେ ଏକାଧାରରେ ଜର୍ମାନୀ, ଇଂରାଜୀ, ଫ୍ରେ, ଇଟାଲୀ, ଗ୍ରୀକ୍ ଓ ଲାଟିନ୍ ଇତ୍ୟାଦି ପରି ଅନେକ ଭାଷାରେ ଦକ୍ଷ ଥିଲେ। ନିଜର ଉତ୍କୃଷ୍ଟ ଭାଷାଜ୍ଞାନ ଯୋଗୁଁ ସେ ଅନ୍ୟପିଲାମାନଙ୍କୁ ପାଠ ପଢାଇ ଏବଂ ଅନୁବାଦ କାର୍ଯ୍ୟ ତଥା ପାଠାଗାରରେ ସାମୟିକ ସେବା ପ୍ରଦାନ କରି ଚିକିତ୍ସା ବିଜ୍ଞାନ ପାଠପଢାର ଖର୍ଚ୍ଚ ତୁଲାଉଥିଲେ। ଘର ଛାଡିବା ପରେ ସେ ଘରୁ ଟଙ୍କାଟିଏ ମଧ୍ୟ ଆଣି ନଥିଲେ। ନିଜର ପରିଶ୍ରମ ଦ୍ୱାରା ତାଙ୍କର ଗୁଜରାଣ ମେଣ୍ଟାଉଥିଲେ। ଚିକିତ୍ସା ବିଜ୍ଞାନ ଜନିତ ପାଠପଢାର ଗୁଣବତ୍ତା ଏବଂ ଆର୍ଥିକ ଅଭାବ କାରଣରୁ ଚିକିତ୍ସା ବିଜ୍ଞାନ ପାଠ୍ୟକ୍ରମ ସାରିବାକୁ ତାଙ୍କୁ ତିନୋଟି ବିଶ୍ୱବିଦ୍ୟାଳୟ ବୁଲିବାକୁ ପଡ଼ିଥିଲା। ପ୍ରଥମେ ଲିପ୍‌ଜିଗ୍‌ର ବିଶ୍ୱବିଦ୍ୟାଳୟରେ ପ୍ରବେଶ କରିଥିଲେ ମଧ୍ୟ ସେଠାରେ ଉପଯୁକ୍ତ ଶିକ୍ଷଣୀୟ ପରିବେଶର ଅଭାବଥିବାରୁ ଅନ୍ୟ ଏକ ନାମକରା ବିଶ୍ୱବିଦ୍ୟାଳୟରେ ପ୍ରବେଶ କରିଥିଲେ ମଧ୍ୟ ଆର୍ଥିକ ସମସ୍ୟା କାରଣରୁ ସେଠାରେ ରହିପାରିନଥିଲେ। ଶେଷରେ ତୃତୀୟ ବିଶ୍ୱବିଦ୍ୟାଳୟରୁ କିବ୍ରତ ସହ ଚିକିତ୍ସା ବିଜ୍ଞାନ ଶିକ୍ଷା ସମାପ୍ତି କରିପାରିଥିଲେ। ଡା. ସାମୁଏଲ ହ୍ୟାନିମାନ ସତ୍ୟର ଏକନିଷ୍ଠ ପୂଜାରୀ ଥିଲେ। ସେ ଚିକିତ୍ସା ବିଜ୍ଞାନରେ ଶିକ୍ଷା ସମାପ୍ତି ପରେ ସେହି ଚିକିତ୍ସା ବିଜ୍ଞାନର ଉପଯୋଗ କରି ରୋଗୀ ଚିକିତ୍ସା କରୁଥିବା ସମୟରେ ତତ୍କାଳୀନ ଚିକିତ୍ସା ପଦ୍ଧିରେ ରହିଥିବା ଅନେକ ତୃଟିବିଚ୍ୟୁତି ତାଙ୍କ ନଜରକୁ ଆସିଥିଲା। ବିଭିନ୍ନ ପ୍ରକାର ଯନ୍ତ୍ରଣାଦାୟକ ଚିକିତ୍ସା ପଦ୍ଧି ଯଥା ଶରୀରର ନର୍ଦ୍ଦିଷ୍ଟ ଅଙ୍ଗକୁ କାଟିଦେଇ ରକ୍ତକ୍ଷରଣ କରାଇବା, ଗରମ ତେଲରେ ନର୍ଦ୍ଦିଷ୍ଟ ଅଙ୍ଗକୁ ବୁଡାଇବା, ମାନସିକ ବିକୃତି ରୋଗୀମାନଙ୍କୁ ଶାରିରୀକ ଯନ୍ତ୍ରଣା ଦେବା ଇତ୍ୟାଦି ପରି ତତ୍କାଳୀନ ବ୍ୟବସ୍ଥାରେ ସେ ମ୍ରିୟମାଣ ହୋଇପଡିଲେ।

**(କ୍ରମଶଃ)**

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : ଜୟାଶୀଷ ରାୟ

30 YEARS
ସମ୍ବାଦ କଳିଙ୍ଗ
ଭୁବନେଶ୍ୱର, ୧୦ ଅପ୍ରେଲ ୨୦୨୪ ବୁଧବାର

# ଆଭା

# ଅନେକ ରୋଗରୁ ମୁକ୍ତିଦିଏ ହୋମିଓପ୍ୟାଥି




ହୋମିଓପ୍ୟାଥିର ପ୍ରତିଷ୍ଠାତା ଡ.ସାମୁଏଲ ହାନିମାନଙ୍କ ଜନ୍ମ ବାର୍ଷିକୀ ପାଳନ ପାଇଁ ପ୍ରତିବର୍ଷ ୧୦ ଏପ୍ରିଲରେ ବିଶ୍ୱ ହୋମିଓପ୍ୟାଥି ଦିବସ ପାଳନ କରାଯାଏ। ଏହି ଦିବସ ପାଳନର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ହୋମିଓପ୍ୟାଥି ଔଷଧ ବିଷୟରେ ଲୋକଙ୍କୁ ସଚେତନ କରାଇବା ଏବଂ ଏହି ବିକଳ୍ପ ବ୍ୟବସ୍ଥାର ବ୍ୟବହାରକୁ ପ୍ରୋତ୍ସାହିତ କରିବା।

ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ କୁହନ୍ତି, ହୋମିଓପ୍ୟାଥି ହେଉଛି ଏକ ଚିକିତ୍ସା ବ୍ୟବସ୍ଥା, ଯାହା ଶରୀର ନିଜେ ନିଜକୁ ସୁସ୍ଥ କରିପାରେ। ଆରୋଗ୍ୟ ପ୍ରକ୍ରିୟାକୁ ପ୍ରୋତ୍ସାହିତ କରିବା ପାଇଁ ରୋଗ ଉପରେ ନିର୍ଭର କରି ଔଷଧ ଦିଆଯାଏ, ଯାହା ଦ୍ୱାରା ଶରୀର ଏହି ଦୋଷକୁ ନିଜେ ଭଲ କରିପାରେ।

ବିଶ୍ୱ ହୋମିଓପ୍ୟାଥି ଦିବସ ପାଳନର ମୁଖ୍ୟ ଉଦ୍ଦେଶ୍ୟ ହେଲା ହୋମିଓପରିବାର: ଏକ ସ୍ୱାସ୍ଥ୍ୟ, ଏକ ପରିବାର। ବିଶେଷଜ୍ଞମାନେ କହିଛନ୍ତି, ହୋମିଓପ୍ୟାଥିକ ଔଷଧ ଏବଂ ଏହାର ସଫଳତା ହାର ବିଷୟରେ ସଚେତନତା ବଢ଼ାଇ ଅନେକ ପ୍ରକାରର ସମସ୍ୟା ଉପଶମ ହୋଇପାରିବ।

ବିଶେଷଜ୍ଞମାନେ କହିଛନ୍ତି, ହୋମିଓପ୍ୟାଥି ପଛରେ ଏକ ମୌଳିକ ଧାରଣା ହେଉଛି ଶରୀରର ପ୍ରାକୃତିକ ପ୍ରତିରକ୍ଷା ପ୍ରଣାଳୀକୁ କରାୟତ କରି ରୋଗର ଚିକିତ୍ସା କରିବା। ଉଦାହରଣ ସ୍ୱରୂପ, ପିଆଜ ଆପଣଙ୍କ ଆଖିରେ ପାଣି ଆଣିଥାଏ। ତେଣୁ ଏହା ଆଖି ଆଲର୍ଜି ଚିକିତ୍ସାରେ ବ୍ୟବହୃତ ହୋଇପାରେ। ହୋମିଓପ୍ୟାଥି ବିଶ୍ୱାସ କରେ ଯେ, ଏହାର ମାତ୍ରା କମ୍ ହେଲେ ଔଷଧ ଅଧିକ ଶକ୍ତିଶାଳୀ ହୋଇଥାଏ।

ଅନେକ ପ୍ରକାରର ସ୍ୱାସ୍ଥ୍ୟ ସମସ୍ୟା ଦୀର୍ଘବର୍ଷ ଧରି ଏହି ବିକଳ୍ପ ଔଷଧ ମାଧ୍ୟମରେ ଚିକିତ୍ସା କରାଯାଇ ଉପକୃତ ହୋଇଛି। ଯଥା ଆଲର୍ଜି, ମାଇଗ୍ରେନ, ଡିପ୍ରେସନ, କ୍ରନିକ ଫଟିଗ୍ ସିଣ୍ଡ୍ରୋମ, ରିମାଟଏଡ୍ ଆର୍ଥ୍ରାଇଟିସ, ଅନ୍ତଃନଳୀ ରୋଗ ଏବଂ ପ୍ରିମେନ୍ଷ୍ଟ୍ରୁଆଲ ସିଣ୍ଡ୍ରୋମ ଭଳି ସମସ୍ୟାରେ ହୋମିଓପ୍ୟାଥିର ବ୍ୟବହାର ଉପକାରୀ ବୋଲି ବିବେଚନା କରାଯାଏ।

# ସ୍କିନ୍ ଆଲର୍ଜି ପାଇଁ ଟିପ୍ସ



କସ୍‌ମେଟିକ୍ ପ୍ରଭାବରୁ କିମ୍ବା ପ୍ରଦୂଷଣ, ଖରା ଆଦି ବିଭିନ୍ନ କାରଣରୁ ତ୍ୱଚାରେ ଆଲର୍ଜି ହୋଇଥାଏ। ଏ ସବୁରୁ ରକ୍ଷାପାଇବା ପାଇଁ ଘରୋଇ ଉପାୟ ଆପଣାନ୍ତୁ... ଧୂଳିଧୂଆଁ ଆଦି ପ୍ରଦୂଷଣ କାରଣରୁ ଆଲର୍ଜି ହେଲେ ହଠାତ୍ ତ୍ୱଚା କୁଣ୍ଡାଇହେବା କିମ୍ବା ଛିଙ୍କହେବା, ଆଖିରୁ ପାଣି ବହିବା ଭଳି ସମସ୍ୟା ଦେଖାଦିଏ। ଆଲର୍ଜିରୁ ରକ୍ଷା ପାଇବା ପାଇଁ ପ୍ରାୟ ୧୦ ମିନିଟ୍ ପର୍ଯ୍ୟନ୍ତ ଷ୍ଟିମ୍ ନିଅନ୍ତୁ।

ତ୍ୱଚାରେ ଅନ୍ୟ କୌଣସି ପ୍ରକାର ଆଲର୍ଜି ହେଉଥିଲେ ବରଫ ଘଷିଲେ ଲାଭ ମିଳିଥାଏ। ବରଫ ଖଣ୍ଡକୁ ଏକ କପଡ଼ାରେ ବାନ୍ଧି ଆଲର୍ଜି ହୋଇଥିବା ସ୍ଥାନରେ ଘଷନ୍ତୁ। ଖୁବ୍‌ଶୀଘ୍ର ଆରାମ ଲାଗିବ।

ମୁହଁ ବ୍ୟତୀତ ଶରୀରର ଅନ୍ୟ କୌଣସି ସ୍ଥାନରେ ଆଲର୍ଜି ହେଉଥିଲେ ନଡ଼ିଆ ତେଲକୁ ଉଷୁମକରି ଲଗାନ୍ତୁ। ନଡ଼ିଆତେଲ ଆଣ୍ଟି ବ୍ୟାକ୍ଟେରିଆଲ ହୋଇଥିବାରୁ ଆଲର୍ଜି ଦୂରକରିବା ପାଇଁ ଏହା ବହୁତ ଭଲ।

ସ୍କିନ୍ ଆଲର୍ଜି ଦୂରକରିବା ପାଇଁ ଆଲୋଭେରା ବହୁତ ଭଲ। ଏହା ଖୁବ୍ ଶୀଘ୍ର ତ୍ୱଚାର ବିଭିନ୍ନ ସମସ୍ୟା ଦୂର କରିଥାଏ। ଆଲୋଭେରା ଜେଲ୍‌କୁ ଆଲର୍ଜି ହୋଇଥିବା ସ୍ଥାନରେ ଲଗାଇ ଘଣ୍ଟାଏ ପର୍ଯ୍ୟନ୍ତ ଛାଡ଼ି ଦିଅନ୍ତୁ। କିଛି ସମୟ ପରେ ଆଲର୍ଜି କମ୍ ହୋଇଯିବ।

ନିମ୍ବରେ ମଧ ଆଣ୍ଟି ବ୍ୟାକ୍ଟେରିଆ ଗୁଣ ରହିଛି। ତେଣୁ ନିମ୍ବପତ୍ରର ରସ ବାହାରକରି ଆଲର୍ଜି ହୋଇଥିବା ସ୍ଥାନରେ ଲଗାନ୍ତୁ। ଲଗାତର ଏପରି କଲେ ଆଲର୍ଜିରୁ ମୁକ୍ତି ମିଳିବ।

# ମଶାକାମୁଡ଼ାର ତତ୍କାଳ ଉପଚାର

ଖରାଦିନ ଆସିଲେ ଅସହ୍ୟ ଗୁଳୁଗୁଳି ସାଙ୍ଗକୁ ମଶାମାନଙ୍କର ଉପଦ୍ରବ ଆମକୁ ଅତିଷ୍ଠ କରିପକାଏ। ଏଣେ ତାପମାତ୍ରା ବଢ଼ିବା ସହ ବାୟୁମଣ୍ଡଳର ଆର୍ଦ୍ରତା ସ୍ତର ମଧ ବଢ଼ିଥାଏ ଯାହା ମଶାମାନଙ୍କ ପ୍ରଜନନ ବୃଦ୍ଧିକୁ ସୁହାଇଥାଏ। ଗରମ ଯୋଗୁଁ ଆମେ ଅଧିକ ସମୟ ଘର ବାହାରେ ବିତାଇବା ପାଇଁ ପସନ୍ଦ କରିଥାଉ। ସୁତରାଂ ମଶାକାମୁଡ଼ାର ଆଶଙ୍କା ବଢ଼ିଯାଇଥାଏ। ତେବେ କିଛି ଘରୋଇ ଉପଚାର ଦ୍ୱାରା କିପରି ତାହାର ସଫଳ ମୁକାବିଲା କରିହେବ, ସେ ବାବଦରେ ଆଲୋଚନା କରିବା।

ଆପଲ୍ ସାଇଡର ଭିନେଗାର ଏକ ଭଲ ପ୍ରଦାହ ବିରୋଧୀ ରୂପେ କାମ କରେ। ତୁଳାକୁ ଏହି ଭିନେଗାରରେ ଭିଜାଇ ମଶା କାମୁଡ଼ିଥିବା ସ୍ଥାନରେ ଲଗାଇଦେଲେ ମଶାକାମୁଡ଼ା ଜନିତ କୁଣ୍ଡାଇ ହେବା ଓ ଚର୍ମଫୁଲାରୁ ଆରାମ ମିଳିଥାଏ।

ମଶା କାମୁଡ଼ା ପାଇଁ ମହୁ ଅନ୍ୟତମ ମହୌଷଧି। ମହୁର ବୀଜାଣୁବିରୋଧୀ ଗୁଣ ମଶାକାମୁଡ଼ା ଜନିତ ସଂକ୍ରମଣ ଆଶଙ୍କାକୁ କମାଇଦେଇଥାଏ। ମଶା କାମୁଡ଼ିଥିବା ଚର୍ମ ଉପରେ ମହୁର ବହଳ ପ୍ରଲେପ କୁଣ୍ଡାଇହେବାରୁ ତୁରନ୍ତ ଉପଶମ ଆଣିଥାଏ।

ମଶା କାମୁଡ଼ାର ପ୍ରଭାବ କମାଇବା ଦିଗରେ ଖାଇବା ସୋଡ଼ା ମଧ ଏକ ଅବ୍ୟର୍ଥ ଘରୋଇ ଉପଚାର। ଅଳ୍ପ ଖାଇବା ସୋଡ଼ାରେ ଚାରି ପାଞ୍ଚ ଠୋପା ପାଣି ମିଶାଇ ଏକ ମଲମ ପ୍ରସ୍ତୁତ କରନ୍ତୁ। ତାହାକୁ ମଶାକାମୁଡ଼ା ସ୍ଥାନରେ ଲଗାଇ ୧୦ରୁ ୧୫ ମିନିଟ୍ ପରେ ତାହାକୁ ଧୋଇଦେଲେ ଆଉ କିଛି ଜଳାପୋଡ଼ା ଦୂର ହୋଇଯାଏ।

ଘିକୁଆଁରୀ ବା ଆଲୋଭେରା ମଧ ଏଥି ପାଇଁ ଏକ ଅମୋଘ ଅସ୍ତ୍ର। ଆଲୋଭେରା ପତ୍ରକୁ ଭାଙ୍ଗି ତାହାର ବହଳ ରସକୁ ମଶାକାମୁଡ଼ା ସ୍ଥାନରେ ଲଗାଇଲେ ତତ୍କାଳ ଆରାମ ମିଳିଥାଏ।

ତୁଳସୀପତ୍ର ରସକୁ ମଶା କାମୁଡ଼ା ସ୍ଥାନରେ ଲଗାଇଲେ ତାହାର ପ୍ରଦାହବିରୋଧୀ ଗୁଣ କୁଣ୍ଡାଇହେବାକୁ କମାଇଦେବା ସହ ଚର୍ମ ଫୁଲିବାକୁ ମଧ ଦେବନାହିଁ। ସେହିପରି ରସୁଣର ଉଭୟ ପ୍ରଦାହ ବିରୋଧୀ ଓ କବକବିରୋଧୀ (ଆଣ୍ଟିଫଙ୍ଗାଲ) ଗୁଣ ରହିଛି। କିଛି ରସୁଣ ପାଖୁଡ଼ାକୁ ବାଟି ମଲମ ସଦୃଶ ମଶାକାମୁଡ଼ା ସ୍ଥାନରେ ମାରିଲେ ତୁରନ୍ତ ଉପଶମ ମିଳିପାରିବ।



# ଦିନକୁ ଦିନ ବୃଦ୍ଧି ପାଉଛି ତାପମାତ୍ରା

**ହିଟ୍‌ୱେଭରେ କଣ କରିବେ**



ଏପ୍ରିଲେ ଶେଷ ସୁଦ୍ଧା ଆହୁରି ବଢିବ ଦିନ ତାପମାତ୍ରା । ଫଳରେ ଅଂଶୁଘାତ ହେବାର ସମ୍ଭାବନା ବୃଦ୍ଧି ପାଉଛୁ । ତେବେ କିଭଳି ଯତ୍ନ ନେବେ ଜାଣନ୍ତୁ

ହାଇଦ୍ରାବାଦ: ସାରା ଦେଶରେ ଆରମ୍ଭ ହୋଇଛି ଗ୍ରୀଷ୍ମ ପ୍ରବାହ । କେତେକ ସ୍ଥାନରେ ତାପମାତ୍ରା ୪୦ ଡିଗ୍ରୀ ଛୁଇଁଥିବା ବେଳେ ପ୍ରବଳ ଗରମ ସାଙ୍ଗକୁ ଗୁଳୁଗୁଳି ଅନୁଭୂତ ହେଉଛି । ଆଗକୁ ମଧ ସ୍ଥିତି ସାଙ୍ଘାତିକ ହେବାର ସମ୍ଭାବନା ଅଛି । ତେବେ ଏଭଳି ସ୍ଥିତିରେ ଅନେକ ସମସ୍ୟାର ସମ୍ମୁଖୀନ ହେବାର ସମ୍ଭାବନା ରହିଛି । ତେବେ ସୋମବାର ଦିନ କେନ୍ଦ୍ରମନ୍ତ୍ରୀ କିରଣ ରିଜିଜୁ କହିଥିଲେ, ଚଳିତ ବର୍ଷ ନିର୍ବାଚନ ହାୱା ସହିତ ଅତ୍ୟଧିକ ଗ୍ରୀଷ୍ମ ପ୍ରବାହ ହେବାର ସମ୍ଭାବନା ରହିଛି । ତେଣୁ ଆଗୁଆ ପ୍ରସ୍ତୁତ ରହିବା ପାଇଁ ସେ ପରାମର୍ଶ ଦେଇଛନ୍ତି ।

ହିଟୱେଭ କଣ: ଏହା ହେଉଛି ଅସ୍ୱାଭାବିକ ତାପମାତ୍ରା । ଗ୍ରୀଷ୍ମ ଋତୁରେ ହେଉଥିବା ତାପମାତ୍ରା ଠାରୁ ଏହା ସାଧାରଣତଃ ଅଧିକ ହୋଇଥାଏ । ଯଦି କୌଣସି ସ୍ଥାନର ସର୍ବାଧିକ ତାପମାତ୍ରା କ୍ରମାଗତ ଭାବରେ ଦୁଇ ଦିନ ପାଇଁ ୪୫ ଡିଗ୍ରୀରୁ ଅଧିକ ରହିଥାଏ, ତେବେ ଏହାକୁ ହିଟ୍‌ୱେଭ କୁହାଯାଏ । ଆଜିକା ସମୟରେ ଗୋଟିଏ ସ୍ଥାନରେ ତାପମାତ୍ରା ହାରାହାରି ୫ ଡିଗ୍ରୀ ପର୍ଯ୍ୟନ୍ତ ବୃଦ୍ଧି ହୋଇଥାଏ । ତେବେ ଅଧିକ ଗ୍ରୀଷ୍ମପ୍ରବାହ କାରଣରୁ ଲୋକଙ୍କୁ ଅଂଶୁଘାତ ହେବା ସହିତ ମୃତ୍ୟୁ ହେବାର ମଧ ସମ୍ଭାବନା ରହିଥାଏ ।

ବର୍ତ୍ତିବାର ତରିକା:

ସତର୍କତା: ଘର ବାହାରକୁ ଯିବା ସମୟରେ ସତର୍କତା ଅବଲମ୍ବନ କରିବା ଜରୁରୀ ଅଟେ । କିଛି ସମୟ ଛାଇରେ ରହିବା ପାଇଁ ଚେଷ୍ଟା କରନ୍ତୁ । ବିଶେଷକରି ୧୨ଟାରୁ ୩ଟା ପର୍ଯ୍ୟନ୍ତ ଘରୁ ବାହାରିବାରୁ ଏଡାନ୍ତୁ ।

କଣ ଖାଇବେ: ହାଲୁକା ଭୋଜନ କରନ୍ତୁ । ପାନୀୟ ଯୁକ୍ତ ଫଳ ଖାଇବାର ଅଭ୍ୟାସ କରନ୍ତୁ । ଷ୍ଟ୍ରବେରି, କମଳା, କାକୁଡି ଏବଂ ଲେମ୍ବୁ ପରି ଅଧିକ ଜଳଯୁକ୍ତ ଖାଦ୍ୟ ଆପଣଙ୍କୁ ହାଇଡ୍ରେଟେଡ୍ ଏବଂ ଥଣ୍ଡା ରହିବାକୁ ସାହାଯ୍ୟ କରିବ । ଅଧିକ ମସଲା ଏବଂ ତେଲିଆ ଖାଦ୍ୟରୁ ଦୂରେଇ ରହିବା ଉଚିତ ।

ପାନୀୟ: ଶୋଷିଲା ନଥିଲେ ମଧ ଯଥା ସମ୍ଭବ ପାଣି ପିଇବା ପାଇଁ ଚେଷ୍ଟା କରନ୍ତୁ। ଡିହାଇଡ୍ରେସନ୍ ରୋକିବା ପାଇଁ ପ୍ରତିଦିନ ପ୍ରଚୁର ପାଣି, ଫଳ ରସ କିମ୍ବା ପନିପରିବା ରସ ପିଅନ୍ତୁ । ଇଲେକ୍ଟ୍ରୋଲାଇଟ୍ ଯୁକ୍ତ ପାନୀୟ ପିଅନ୍ତୁ। ଘରେ ତିଆରି ପାନୀୟ ଯେପରିକି ଲସି, ଚାଉଳ ପାଣି, ଲେମ୍ବୁ ପାଣି, ବଟରମିଲକ ପିଅନ୍ତୁ । ଏହା ଶରୀରକୁ ହାଇଡ୍ରେଟ କରିବାରେ ସାହାଯ୍ୟ କରେ।

ଉପଯୁକ୍ତ ପୋଷାକ ପିନ୍ଧନ୍ତୁ: ହାଲୁକା, ସୂତା ପୋଷାକ ପିନ୍ଧନ୍ତୁ । ସୂର୍ଯ୍ୟକିରଣରେ ବାହାରକୁ ଯିବାବେଳେ କଳା ଚଷମା, ଏକ ଛତା, ଟୋପି, ଜୋତା କିମ୍ବା ଚପଲ୍ ବ୍ୟବହାର କରନ୍ତୁ ।

ବ୍ୟାୟାମ ସମୟରେ ସତର୍କତା: ପରିଶ୍ରମଯୁକ୍ତ ଖାଦ୍ୟରୁ ଦୂରେଇ ରୁହନ୍ତୁ। ମଧ୍ୟାହ୍ନ ୧୨ ଟାରୁ ୩ ଟା ମଧ୍ୟରେ ବାହାରେ କାମ କରିବା ଠାରୁ ଦୂରେଇ ରୁହନ୍ତୁ । ମୁଣ୍ଡ ଏବଂ ବେକରେ ଓଦା କପଡା ବ୍ୟବହାର କରନ୍ତୁ । ଅଧିକ ବ୍ୟାୟାମ କରନ୍ତୁ ନାହିଁ । ବାରମ୍ବାର ଥଣ୍ଡା ପାଣିରେ ସ୍ନାନ କରନ୍ତୁ ନାହିଁ । ଦେହରୁ ଅଧିକ ଝାଳବୋହିଲେ କିମ୍ବା ପାଟି ଅଠା ଅଠା ଲାଗିଲେ ପ୍ରଚୁର ଭାବରେ ସାଧା ପାଣି, ଓ.ଆର.ଏସ୍, ଓ ପଣା ପିଅନ୍ତୁ । ଅଂଶୁଘାତ ରୋଗୀ ଦେହରେ ବରଫ ଘଷନ୍ତୁ ନାହିଁ। କେହି ଅସୁସ୍ଥ ଅନୁଭବ କଲେ ତାଙ୍କର ଚିକିତ୍ସା ପ୍ରତି ଅବହେଳା କରନ୍ତୁ ନାହିଁ। ନିଶା ଦ୍ରବ୍ୟ ସେବନ କରନ୍ତୁ ନାହିଁ ।



# ମାଙ୍କଡ଼ସା-ସାପ ବିଷରୁ ହେଉଛି ମଦ ତିଆରି

**ଏମିତି ମଦକୁ ସାବଧାନ ! ଦୁନିଆର ୫ଟି ଅଜବ ଡ୍ରିଙ୍କ୍ସ**

ଆଜି ଆମେ ଆପଣଙ୍କୁ ଦୁନିଆର ୫ଟି ଅଜବ ଡ୍ରିଙ୍କ୍ସ ବିଷୟରେ କହିବାକୁ ଯାଉଛୁ। ଏହି ଡ୍ରିଙ୍କ୍ସଗୁଡିକ ମଧ୍ୟରୁ କେତେକ ଏତେ ଅଦ୍ଭୁତ ଯେ ସେଗୁଡ଼ିକ ବିଷୟରେ ଜାଣିବା ପରେ, ଆପଣ ସେଗୁଡ଼ିକୁ ପିଇବା ତ ଦୂରର କଥା, ଦେଖିବାକୁ ମଧ ପସନ୍ଦ କରିବେ ନାହିଁ। ଅନେକ ଲୋକ ଅଛନ୍ତି ଯେଉଁମାନେ ଚା-କଫି, ଜୁସ୍, କୋଲ୍‌ଡ୍ରିଙ୍କ୍ସ ଭଳି ମଦକୁ ମଧ ସୌଖିନ୍ ପାନୀୟ ଭାବେ ବ୍ୟବହାର କରନ୍ତି। ଆଜିକାଲି ଏସବୁ ପାନୀୟ ଅତି ସାଧାରଣ ହୋଇଗଲାଣି। କିନ୍ତୁ ଏମିତି କିଛି ଲୋକ ଅଛନ୍ତି ଯେଉଁମାନେ ଏତେ ଅଦ୍ଭୁତ ଯେ ଆପଣ ସେମାନଙ୍କ ବିଷୟରେ ଜାଣି ଆଶ୍ଚର୍ଯ୍ୟ ହୋଇଯିବେ। ଆଜି ଆମେ ଆପଣଙ୍କୁ ଦୁନିଆର ୫ଟି ଅଜବ ଡ୍ରିଙ୍କ୍ସ ବିଷୟରେ କହିବାକୁ ଯାଉଛୁ। ଏହି ଡ୍ରିଙ୍କ୍ସଗୁଡିକ ମଧ୍ୟରୁ କେତେକ ଏତେ ଅଦ୍ଭୁତ ଯେ ସେଗୁଡ଼ିକ ବିଷୟରେ ଜାଣିବା ପରେ, ଆପଣ ସେଗୁଡ଼ିକୁ ପିଇବା ତ ଦୂରର କଥା, ଦେଖିବାକୁ ମଧ ପସନ୍ଦ କରିବେ ନାହିଁ।

ସ୍ନେକ୍ ୱାଇନ୍: ଏହି ତାଲିକାର ପ୍ରଥମ ନାମ ହେଉଛି ସ୍ନେକ୍ ୱାଇନ୍। ଏକ ଆନ୍ତର୍ଜାତୀୟ ୱେବସାଇଟ୍ ଅନୁଯାୟୀ ସ୍ନେକ୍ ୱାଇନ୍ ସାଧାରଣ ମଦ ପରି ଭାତରୁ ତିଆରି ହୋଇଥାଏ, କିନ୍ତୁ ଆପଣ ଏହାର ବୋତଲରେ ଏକ ବିଷାକ୍ତ ସାପ ମଧ ଦେଖିବାକୁ ପାଇବେ। ପ୍ରକୃତ କଥା ହେଉଛି ଏକ ସାପକୁ ଏହି ମଦ ବୋତଲରେ ରଖାଯାଏ ଏବଂ ଏହା ବହୁତ ପୁରୁଣା ହେବା ପରେ ଏହାକୁ ପିଆଯାଏ।

ଖବର ଅନୁଯାୟୀ, ଜାପାନର ଓକିନାୱା ଦ୍ୱୀପ ସହ ଚାଇନାରେ ସ୍ନେକ୍ ୱାଇନ୍ ତିଆରି କରାଯାଇଥାଏ। ମୃତ ସାପକୁ ଏକ ମଦ ବୋତଲରେ ଭର୍ତ୍ତି କରି ଏହାକୁ ମାସ ମାସ ଧରି ରଖାଯାଏ। ଏହିପରି ସାପର ବିଷ ମଦରେ ମିଶିଯାଏ ଏବଂ ଏହା ପାନୀୟ ହୋଇଯାଏ। ଏହି ମଦ ଚୀନ୍, ଭିଏତନାମ ଇତ୍ୟାଦି ସ୍ଥାନରେ ପିଆଯାଏ।

କିଡ୍ସ ବିୟର: ଆପଣ ଜାଣି ଆଶ୍ଚର୍ଯ୍ୟ ହେବେ ଯେ ଏମିତି ଏକ ଦେଶ ସେଠାରେ ପିଲାମାନଙ୍କ ପାଇଁ ବିୟର ମଧ ମିଳୁଛି। ଏହାକୁ କିଡ୍ସ ବିୟର୍ କୁହାଯାଏ। ଏହି ବିୟର ଜାପାନରେ ମିଳେ ଯାହାର ସ୍ୱାଦ କୋଲା ପରି, କିନ୍ତୁ ଏଥିରେ ଆଲ୍‌କହଲ୍ ନ ଥାଏ। କିନ୍ତୁ କୌତୁହଳର ବିଷୟ ହେଉଛି ଏହି ବିୟରର ଡିଜାଇନ୍, ଲୁକ୍, ଏଥିରେ ଥିବା ଫୋମ୍, ସବୁକିଛି ପ୍ରକୃତ ବିୟର ପରି ଦେଖାଯାଏ।

ବେଲି ବଟନ୍ ବିୟର: ଆପଣ ନିଶ୍ଚୟ ଦେଖିଥିବେ ଯେ ବେଳେବେଳେ ଆପଣଙ୍କ ନାଭିରେ ମଇଳା ଜମା ହୋଇ ବସିରହିଯାଏ, ଯାହାକୁ ଲୋକମାନେ ଆଙ୍ଗୁଠିରେ ବାହାର କରନ୍ତି। ଆପଣ ଜାଣି ଆଶ୍ଚର୍ଯ୍ୟ ହେବେ ଯେ ଅଷ୍ଟ୍ରେଲିଆରେ ଏକ ବିଶେଷ ପ୍ରକାରର ବିୟର ତିଆରି କରାଯାଇଥାଏ, ଯାହା ନାଭିରୁ ବାହାରୁ ଥିବା ଏହି ମଇଳାକୁ ମିଶ୍ରଣ କରି ତିଆରି ହୋଇଥାଏ। ଅଷ୍ଟ୍ରେଲିଆର '୭ ସେଣ୍ଟ ବ୍ରୁରୀ' ଏହି ବିୟର ତିଆରି କରେ।

ଏରାଗୋଗ: ଏକ ୱେବସାଇଟ୍ ରିପୋର୍ଟ ଅନୁଯାୟୀ ମେକ୍ସିକୋରେ ଏକ ସ୍ୱତନ୍ତ୍ର ପ୍ରକାରର କକ୍‌ଟେଲ୍ ତିଆରି କରାଯାଏ, ଯାହା ଏରାଗୋଗ ନାମରେ ଜଣାଶୁଣା। ଯଦି ଆପଣ 'ହ୍ୟାରି ପୋଟର' ଫିଲ୍ମ ଦେଖିଥିବେ, ତେବେ ଆପଣ ମନେରଖିବେ ଯେ ଦ୍ୱିତୀୟ ଭାଗରେ ଏକ ବଡ ସ୍ପାଇଡର୍ ଦେଖିବାକୁ ମିଳେ, ଯାହା ପ୍ରକୃତରେ ଏକ ମାଙ୍କଡସା। ଏହି କକ୍‌ଟେଲ୍‌ରେ ମାଙ୍କଡସା ବିଷ ମିଶାଇ ମଦ୍ୟ ପ୍ରସ୍ତୁତ କରାଯାଏ। ଏହାକୁ ପିଇବା ଦ୍ୱାରା ଜିଭ ବଧିରା ହୋଇଯାଏ।

ଆଣ୍ଟ ଜିନ୍: ଅଷ୍ଟ୍ରେଲିଆରେ ନିର୍ମିତ ଏହି ମଦ ପିମ୍ପୁଡ଼ିରୁ ତିଆରି ହୋଇଥାଏ। ଲୋକମାନେ ମଦ ତଳେ ରହିଥିବା ପିମ୍ପୁଡ଼ିକୁ ମଧ ଚୋବାଇ ଖାଆନ୍ତି। ପ୍ରାଚୀନ କାଳରେ ଅଷ୍ଟ୍ରେଲିଆର ଲୋକମାନେ ମଧ ଏହାକୁ ଔଷଧ ରୂପେ ବ୍ୟବହାର କରୁଥିଲେ।

# ଓଡ଼ିଆ ଘର ପଣା ସ୍ୱାଦରେ ନୁହେଁ ଊଣା

ଫ୍ରୁଟି, ସ୍ପ୍ରାଇଟ୍, ମାଜା କି ରସ୍‌ନା ନୁହେଁ, ପୂର୍ବରୁ ଖରାଦିନେ ଘରକୁ ଅତିଥି ଆସିଲେ ମା', ଆଈ ବା ଜେଜେମା' ବଢ଼ାଇ ଦେଉଥିଲେ ଖାଣ୍ଟି ଓଡ଼ିଆ 'ସର୍ବତ' ବା 'ପଣା'। କେବେ ଲେମ୍ବୁ ମିଶ୍ରି ପଣା ତ କେବେ ପୁଣି ବେଲପଣା। ପର୍ବପର୍ବାଣି ଦିନରେ ଦହି ଗୁଡ଼ ପଣା ଏବଂ ନଡ଼ିଆ, କଦଳୀ ଆଦି ବିଭିନ୍ନ ଫଳ ସହ ଚିନି ଓ ଗୋଲମରିଚ ଗୁଣ୍ଡ ପଡ଼ି ପ୍ରସ୍ତୁତ ଖାଣ୍ଟି ଘରୋଇ ପଣା ଓଡ଼ିଆଙ୍କ ଖାଦ୍ୟ ପରମ୍ପରାର ନିଆରା ନିଦର୍ଶନ। ଏବେ ସମୟ ବଦଳିଲା ଓ ଅତିଥି ଅଭ୍ୟର୍ଥନା ପାଇଁ ଉଭା ହେଲା ଶସ୍ତା, ସୁନ୍ଦର ଓ ସୁସ୍ୱାଦୁ ମୃଦୁପାନୀୟ। ଏହା ଆମ ସମୟ ବଞ୍ଚାଇଲା ସତ, କିନ୍ତୁ ସ୍ୱାସ୍ଥ୍ୟ ପ୍ରତି ହାନିକାରକ ହେଲା। ଏବେ ସ୍ୱାସ୍ଥ୍ୟ ସଚେତନ ଯୁଗରେ ଲୋକେ ପୁରୁଣା କଥାକୁ ଫେରୁଥିବା ବେଳେ ସବୁଆଡ଼େ ପାରମ୍ପରିକ ପାନୀୟର ଚାହିଦା ବଢ଼ିଛି। ଆଗକୁ ପଣାସଂକ୍ରାନ୍ତି ଆସୁଥିବାରୁ 'ପଣା'କୁ ନେଇ ଉପସ୍ଥାପନା।

'ପ୍ରପାନକ'ରୁ 'ପଣା'

ଶ୍ରୀମନ୍ଦିରର ଛପନ ଭୋଗ ମଧ୍ୟରେ 'ପଣା' ଭୋଗ ଅନ୍ୟତମ। ପଣା ଭୋଗ ମହାପ୍ରଭୁଙ୍କ ଦୈନନ୍ଦିନ ନୀତି ସମେତ ବିଶେଷ ପର୍ବମାନଙ୍କରେ ମଧ ଲାଗି ହୋଇଥାଏ। ପଣାର ସଂସ୍କୃତ ନାମ ହେଉଛି 'ପ୍ରପାନକ' ଅର୍ଥାତ 'ଗୁଡ଼ ବା ନବାତ ମିଶ୍ରିତ ପାନୀୟ'। ଏହି ନାମ ଅପଭ୍ରଂଶ ହୋଇ ପରେ ଓଡ଼ିଆମାନଙ୍କ ପାଖରେ 'ପଣା' ନାମରେ ପରିଚିତ ହୋଇଛି। ମାଦଳାପାଞ୍ଜିରେ ବର୍ଣ୍ଣିତ ତଥ୍ୟ ଅନୁସାରେ ଅତୀତରେ ଶ୍ରୀମନ୍ଦିରରେ ପଣା ପ୍ରସ୍ତୁତ କରୁଥିବା ସେବକଙ୍କୁ 'ପଣା ସୁଆର ସେବକ' ନାମରେ ଅଭିହିତ କରାଯାଉଥିଲା।

ଭୌମକର ରାଜବଂଶଠାରୁ ପଣା ପ୍ରଚଳନ !

ଜଗନ୍ନାଥ ସଂସ୍କୃତି ଗବେଷକ କୃଷ୍ଣକେଶବ ଷଡ଼ଙ୍ଗୀ କହନ୍ତି, ଶ୍ରୀମନ୍ଦିରରେ ପଣା କେବେଠାରୁ ପ୍ରଚଳିତ ହେଲା, ସେ ନେଇ କୌଣସି ଲିଖିତ ଇତିହାସ ନାହିଁ। ଚେ?ତ୍ର ସଂକ୍ରାନ୍ତିରୁ ବେ?ଶାଖ ସଂକ୍ରାନ୍ତିଯାଏ ଏକ ମାସ ସମଗ୍ର ଦେଶରେ ବିଭିନ୍ନ ପର୍ବପର୍ବାଣି ପାଳନ ସହ ପଣାପାନ ପରମ୍ପରା ରହିଛି। ଗ୍ରୀଷ୍ମ ଉତ୍ତାପ ବଢୁଥିବାରୁ ଜଳଶୁଷ୍କତାରୁ ରକ୍ଷା ପାଇବା ପାଇଁ 'ପଣାପାନ' ହେଉଛି ଏକ ବୈଜ୍ଞାନିକ ଚିନ୍ତନ, ଯାହାକୁ ସାଂସ୍କୃତିକ ଜୀବନ ଭିତରେ ମିଶାଇ ଦିଆଯାଇଛି। ବିଶ୍ୱାସ କରାଯାଏ, ୮ମ ଓ ୯ମ ଶତାବ୍ଦୀ ଆଡ଼କୁ ବୌଦ୍ଧ ଧର୍ମର ବିଲୁପ୍ତି ସହ 'ଦେବୀ ଉପାସନା' ଜନଜୀବନକୁ ପ୍ରବେଶ କରିଥିଲା। ସେ ସମୟରେ ପ୍ରଥମେ 'ପଣା' ପ୍ରଚଳନ ହୋଇଥିଲା। ସେତେବେଳେ ରାଜାରାଜୁଡ଼ାମାନେ ଇଷ୍ଟଦେବୀମାନଙ୍କ ଉଦ୍ଦେଶ୍ୟରେ ପଣା ଅର୍ପଣ କରୁଥିଲେ। ଓଡ଼ିଶାରେ 'ଭୌମକର ରାଜବଂଶ'ଠାରୁ ପଣା ସଂସ୍କୃତି ଆରମ୍ଭ ହୋଇଥିବା ବିଶ୍ୱାସ ରହିଛି।

ପଣାରେ ଛତୁଆ ଓ ବେଲ କାହିଁକି ?

ପଣାସଂକ୍ରାନ୍ତି ବା ମହାବିଷୁବ ସଂକ୍ରାନ୍ତି ଓଡ଼ିଆ ନୂଆବର୍ଷ ଭାବରେ ପାଳନ କରାଯାଏ। ଏହା ପହିଲା ବୈଶାଖ ଅର୍ଥାତ୍ ବୈଶାଖର ପ୍ରଥମ ଦିନରେ ପଡ଼େ। ଇଂରାଜୀ ମାସାନୁସାରେ ସାଧାରଣତଃ ଏପ୍ରିଲ ୧୩/୧୪ରେ ପଣା ସଂକ୍ରାନ୍ତି ପଡ଼ିଥାଏ। ଏହି ଦିନ ବସନ୍ତଋତୁ ଶେଷ ଓ ଗ୍ରୀଷ୍ମଋତୁ ଆରମ୍ଭ ହୋଇଥାଏ। ଫଳରେ ସୂର୍ଯ୍ୟ ତାପ ବୃଦ୍ଧି ପାଏ। ଦେହର ଅତ୍ୟଧିକ ତାପକୁ ନିୟନ୍ତ୍ରଣରେ ରଖିବା ପାଇଁ ଖାଦ୍ୟ ପରମ୍ପରାରେ ପଣାକୁ ଯୋଡ଼ି ଦିଆଯାଇଛି। ପେଟ ଥଣ୍ଡା ରଖିବା ଲାଗି ଏହି ସମୟରେ ପାଚୁଥିବା ବେଲ ପଣା କରି ପିଆଯାଏ। ବେଲ ପେଟ ଥଣ୍ଡା ରଖିବା ସହ ହଜମ ଶକ୍ତି ବି ବଢ଼ାଇଥାଏ। ସେହିଭଳି ଗ୍ରୀଷ୍ମ ପ୍ରବାହ ବଢ଼ିବା ସହ ହଜମ ଶକ୍ତି ମଧ ବୃଦ୍ଧି ପାଇଥାଏ। ଗରିଷ୍ଠ ଖାଦ୍ୟ ହଜମ ହେଉଥିବାରୁ ବୁଟ ଛତୁଆ କରି ଖାଇବାର ବି ଏ ଦିନ ନିୟମ ରହିଛି। ସେଥିଲାଗି ପଣାରେ ଛତୁଆ ମଧ ମିଶାଯାଏ। ତେଣୁ ମହାବିଷୁବ ସଂକ୍ରାନ୍ତି ଦିନରେ ବିଭିନ୍ନ ଦେବଦେବୀ ମନ୍ଦିରରେ ଛତୁଆ ଓ ପଣା ଭୋଗର ବିଧି ରହିଛି।

ଓଡ଼ିଶାରେ ପ୍ରଚଳିତ ପଣା

ଲେମ୍ବୁ ମିଶ୍ରି ପଣା: ମାଟି ପାତ୍ରର ଶୀତଳ ଜଳରେ ମିଶ୍ରି ମିଶାଇ, ସେଥିରେ ସାମାନ୍ୟ ଲେମ୍ବୁରସ ମିଶାଇ ଏହାକୁ ପ୍ରସ୍ତୁତ କରିପାରିବେ।

ବେଲପଣା: ଏହାକୁ ପ୍ରସ୍ତୁତ କରିବା ଲାଗି ପାଚିଲା ବେଲର ଶସ ବାହାର କରି ଭଲଭାବେ ଚକଟାଯାଏ। ପରେ ତାକୁ ଛାଣି ସେଥିରେ ଚିନି, ଦହି, ନଡ଼ିଆ ଓ ଗୋଲମରିଚ ଗୁଣ୍ଡ ପକାଯାଏ। ବେଲରେ ଥିବା ଆଣ୍ଟି ଇନ୍‌ଫ୍ଲାମେଣ୍ଟାରି ଓ ଆଣ୍ଟିଅକ୍ସିଡାଣ୍ଟ୍ ତତ୍ତ୍ୱ ଡାଇରିଆ ଓ ପରିସ୍ରାପୋଡ଼ା ଆଦି ସମସ୍ୟାରୁ ମୁକ୍ତିଦିଏ।



ଦହିପଣା: ଦହିରେ ଗୁଡ଼, ନଡ଼ିଆ କୋରା, କଦଳୀ ଚକଟି, ସେଥିରେ ଗୋଲମରିଚ ଗୁଣ୍ଡ ପକାଇ ଏହି ପଣା ପ୍ରସ୍ତୁତ କରାଯାଇଥାଏ।

ଗୁଡ଼ପଣା: ଶୀତଳ ଜଳରେ ଗୁଡ଼ ସହ ଆମ୍ବଖଣ୍ଡ, ଛେଚାଅଦା ଓ ଗୋଲମରିଚ ଗୁଣ୍ଡ ପକାଇ ଗୁଡ଼ପଣା ପ୍ରସ୍ତୁତ କରାଯାଏ। ଏହାକୁ ପିଇଲେ ଶରୀରରେ ଶୀତଳତା ଆସେ, ଶୁଷ୍କତା ଓ ଦୁର୍ବଳତା ଦୂର ହୁଏ। ଏହା ଅଂଶୁଘାତରୁ ରକ୍ଷା ଦେବା ସହ ସୁଖନିଦ୍ରା କରାଇଥାଏ।

ଗୁଲକନ୍ଦ ପଣା: ଗୋଲାପ ଫୁଲକୁ ବାଟି ମିଶ୍ରି ସହ ଅନ୍ୟାନ୍ୟ ସୁବାସିତ ଦ୍ରବ୍ୟ ଓ ଗୁଲକନ୍ଦ ମିଶାଇ ଏହି ପଣା ପ୍ରସ୍ତୁତ ହୁଏ। ଏହା ସୁସ୍ୱାଦୁ ଓ ସ୍ୱାସ୍ଥ୍ୟପ୍ରଦ। ଏହା ଶରୀରରେ ଶୀତଳତା ଆଣିବା ସହ ଶରୀରର ଦୁର୍ଗନ୍ଧ ନିୟନ୍ତ୍ରଣ କରିଥାଏ।

ଛେନାପଣା: ଏହି ପଣା ମହାପ୍ରଭୁ ଜଗନ୍ନାଥଙ୍କର ବେଶ୍ ପ୍ରିୟ। ଖାସ୍‌କରି ପଣାସଂକ୍ରାନ୍ତିରେ ଛେନାପଣା ପ୍ରସ୍ତୁତ ହୁଏ ଓ ମହାପ୍ରଭୁଙ୍କୁ ଲାଗି କରାଯାଏ। ଛେନାକୁ କଦଳୀ, କ୍ଷୀର ଓ ନଡ଼ିଆ କୋରା ସହ ଭଲରେ ଚକଟା ଯାଏ। ସେଥିରେ ସ୍ୱାଦ ଅନୁସାରେ ଅଳେଇଚ ଗୁଣ୍ଡ, ଗୋଲମରିଚ ଗୁଣ୍ଡ ଓ ଛେଚାଅଦା ଆଦି ପକାଯାଏ। ଏହି ପଣା ତୃଷ୍ଣା ନିବାରକ, ବଳକାରକ ଓ ସୁନିଦ୍ରା ମଧ ପ୍ରଦାନ କରିଥାଏ।

ଝରପଣା: ପଶ୍ଚିମ ଓଡ଼ିଶାରେ ଏହି ପଣା ଲୋକପ୍ରିୟ। 'ଝରପଣା' ଔଷଧୀୟ ତତ୍ତ୍ୱରେ ଭରପୂର। ସାଧାରଣତଃ ପାଳୁଅରେ ମିଶ୍ରି ଓ ପାନମହୁରି ପକାଇ ଏହା ପ୍ରସ୍ତୁତ ହୁଏ। ଏକ ପାତ୍ରରେ ପାଣି ରଖି ପାଳୁଅକୁ ୨୦ ମିନିଟ୍ ବୁଡ଼ାଇ ରଖିବାକୁ ହୁଏ। ଏହାପରେ ପାଣି ନିଗାଡ଼ି ଅଧଗ୍ଲାସ୍ ପାଣିରେ ସେହି ପାଳୁଅକୁ ଧିମା ଆଞ୍ଚରେ ସିଝାଯାଏ। ଏହା ସିଝିବା ପରେ ବହଳିଆ ମଣ୍ଡରେ ପରିଣତ ହୋଇଯାଏ। ସେହି ମଣ୍ଡ ସହ ଦହି, ଚିନି, ଲୁଣ, ଗୋଲମରିଚ ଗୁଜୁରାତି ଆଦି ଗୁଣ୍ଡ ପକାଇ ପଣା ପ୍ରସ୍ତୁତ କରାଯାଏ। ଏହାକୁ ଥଣ୍ଡା ଥଣ୍ଡା ପିଆଯାଏ।

ଆମ୍ବପଣା: ଆମ୍ବକୁ ସିଝାଇ ତା'ର ରସ ବାହାର କରି ପାଣିରେ ମିଶାଯାଏ। ସେଥିରେ ଚିନି ଅବା ମିଶ୍ରି ମିଶାଇ ଏହା ପ୍ରସ୍ତୁତ କରାଯାଏ। ସେହିପରି କଞ୍ଚା ଆମ୍ବରୁ ମଧ ସ୍ୱାଦିଷ୍ଟ ସର୍ବତ ପ୍ରସ୍ତୁତ ହୁଏ।

# ଶ୍ୱାସରୋଗ ଔଷଧ ବିକ୍ରିରେ ବୃଦ୍ଧି ଘଟିଛି

ଦେଶରେ ଔଷଧ ବିକ୍ରିର ପରିମାଣ ମହାମାରୀ ପୂର୍ବସ୍ତରକୁ ଖସି ଆସିଛି। ଏହି ସମୟରେ ଔଷଧ ଦରରେ ବୃଦ୍ଧି ଦେଖିବାକୁ ମିଳିଛି । ଯାହାଫଳରେ ଗତ ଏପ୍ରିଲ ମାସରେ ଭାରତୀୟ ଫାର୍ମା ବଜାର(ଆଇପିଏମ୍)ରେ ଔଷଧର ବିକ୍ରି ୨୦୧୯ ଏପ୍ରିଲ ତୁଳନାରେ ମାତ୍ର ୦.୨୧ ପ୍ରତିଶତ ବୃଦ୍ଧି ପାଇଛି। ହୃଦ୍‌ରୋଗ, ମଧୁମେହ, ଭିଟାମିନ ଆଦି ଔଷଧ ବିକ୍ରିରେ ହ୍ରାସ ହୋଇଥିବା ବେଳେ ଶ୍ୱାସଜନିତ ରୋଗ, ଆଣ୍ଟି-ଇନ୍‌ଫେକଫିଭ ଏବଂ ପେନ ଏବଂ ଆନାଲଜେସିକ୍ସ ବିକ୍ରିରେ ବୃଦ୍ଧି ନଜରକୁ ଆସିଛି । ଫାର୍ମାରାକ ଆୱାକ୍ସ ପକ୍ଷରୁ ହୋଇଥିବା ଗବେଷଣାରୁ ଏହା ଜଣାପଡ଼ିଛି। ଆଇପିଏମ୍‌ର ବାର୍ଷିକ ଅଭିବୃଦ୍ଧି ୨୦୧୯ ଏପ୍ରିଲ ତୁଳନାରେ ୨୦୨୩ ମସିହାରେ ୬ ପ୍ରତିଶତ ରହିଛି। ହେଲେ ୨୦୨୨ ତୁଳନାରେ ମାତ୍ର ୧.୯ ପ୍ରତିଶତ ବୃଦ୍ଧି ହୋଇଛି । ଭିଟାମିନ ଔଷଧର ବିକ୍ରି ବିଯୁକ୍ତ ୨.୨ ପ୍ରତିଶତ ରହିଛି। ହୃଦ୍‌ରୋଗ, ମଧୁମେହ ଔଷଧର ଅଭିବୃଦ୍ଧି ଏକ ଅଙ୍କରେ ସୀମିତ ରହିଛି। ଡାକ୍ତର-ବିଶେଷଜ୍ଞଙ୍କ ମତରେ କୋଭିଡ୍ ପରେ ଲୋକମାନଙ୍କଠାରେ ଶ୍ୱାସରୋଗ ବୃଦ୍ଧି ପାଇଛି । ତେଣୁ ଅନ୍ୟ ଔଷଧର ବିକ୍ରି ହ୍ରାସ ପାଉଥିବା ବେଳେ ଶ୍ୱାସରୋଗ ଔଷଧର ବିକ୍ରି ବଢ଼ିଛି।

ଫାର୍ମାରାକ ଆୱାକ୍ସର ଉପ-ସଭାପତି ସୀତଲ ସାପଲେଙ୍କ ମତରେ, ଏପ୍ରିଲ ମାସରେ ଅଧିକାଂଶ ଔଷଧର ବିକ୍ରି ହ୍ରାସ ପାଇଛି। ୨୦୧୯ ମସିହାରେ ଆଇପିଏମ୍‌ର ବଜାର ୧୩୨,୮୧୦ କୋଟି ଟଙ୍କା ଥିବା ବେଳେ ୨୦୨୩ରେ ଏହା ୧୮୪,୮୫୯ କୋଟିକୁ ବୃଦ୍ଧି ପାଇଛି। ଗତବର୍ଷ ତୁଳନାରେ ଏଥିରେ ୯.୭ ପ୍ରତିଶତ ବୃଦ୍ଧି ହୋଇଛି। ହୃଦ୍‌ରୋଗ ଜନିତ ଔଷଧର ବିକ୍ରି ୨୦୧୯ ମସିହାରେ ୧୬,୫୨୭ କୋଟି ଥିବା ବେଳେ ୨୦୨୩ ଏପ୍ରିଲରେ ଏହା ୨୩,୯୯୯ କୋଟିରେ ପହଞ୍ଚିଛି। ବିକ୍ରି ପରିମାଣ ନୁହେଁ, ଔଷଧ କମ୍ପାନିମାନେ ଔଷଧର ଦର ବୃଦ୍ଧି କରିବା ଫଳରେ ଏହି ବୃଦ୍ଧି ଦେଖିବାକୁ ମିଳିଛି। ଯଦି ବାର୍ଷିକ ବିକ୍ରିକୁ ହିସାବକୁ ନିଆଯାଏ ତା'ହାଲେ ଏହି ସମୟରେ ଔଷଧ ବିକ୍ରି ପରିମାଣ ୧.୯ ପ୍ରତିଶତରେ ଏକପ୍ରକାର ସ୍ଥିର ଥିବା ବେଳେ ଔଷଧର ଦର ବୃଦ୍ଧି ୫.୯ ପ୍ରତିଶତ ରହିଛି।।

ସେହିପରି ଏକ ଔଷଧ କମ୍ପାନିର ବରିଷ୍ଠ ଅଧିକାରୀ କହିଛନ୍ତି, ଔଷଧର ବିକ୍ରି ଅଭିବୃଦ୍ଧି ଏକପ୍ରକାର ସ୍ଥାଣୁ ପାଲଟିଛି । ମଧୁମେହ ରୋଗ କ୍ଷେତ୍ରରେ ଉତ୍ପାଦର ବୃଦ୍ଧି ହାର ବାର୍ଷିକ ୫.୪ ପ୍ରତିଶତ ଦେଖିବାକୁ ମିଳିଥିବା ବେଳେ ବିକ୍ରି ପରିମାଣ ୧.୧ ପ୍ରତିଶତ ହ୍ରାସ ପାଇଛି। ଲୋକମାନେ କମ୍ ଦାମ୍ ଥିବା ଔଷଧ କିଣିବାକୁ ଅଧିକ ପସନ୍ଦ କରୁଛନ୍ତି। ଏହାସେଣ୍ଟ ବି ଔଷଧ ବିକ୍ରିରେ ବୃଦ୍ଧି ହେଉନାହିଁ। ଯାହାକି ଚିନ୍ତାର ବିଷୟ ବୋଲି ଅଧିକାରୀ ଜଣକ କହିଛନ୍ତି। ଅପରପକ୍ଷରେ କରୋନା ମହାମାରୀ ସମୟରେ ଭିଟାମିନ ଔଷଧର ବିକ୍ରି ଯଥେଷ୍ଟ ବୃଦ୍ଧି ପାଇଥିଲା। ଲୋକମାନେ ନିଜର ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିବା ଲାଗି ଅଧିକ ମାତ୍ରରେ ଭିଟାମିନ ଔଷଧ ଖାଇବାକୁ ପସନ୍ଦ କରିଥିଲେ। ତେବେ ଟିକାକରଣ ଓ ମହାମାରୀ ହ୍ରାସ ପାଇବାରେ ଭିଟାମିନ ଔଷଧ ବିକ୍ରି ଯଥେଷ୍ଟ ହ୍ରାସ ପାଇଛି। ଫାର୍ମାରାକ ଆୱାକ୍ସର ତଥ୍ୟ ଅନୁସାରେ ଭିଟାମିନ ଔଷଧର ବିକ୍ରି କେବଳ ଏପ୍ରିଲ ମାସରେ ୧୨.୪ ପ୍ରତିଶତ ହ୍ରାସ ପାଇଛି। ବାର୍ଷିକ ସ୍ତରରେ ଏଥିରେ ୦.୮ ପ୍ରତିଶତ ହ୍ରାସ ପାଇଥିବା ଜଣାପଡ଼ିଛି।

# ଅଭିଯୋଗ ଆଣିଲେ ପି.ଟି. ଉଷା




**ନୂଆଦିଲ୍ଲୀ**

ଭାରତୀୟ ଅଲିମ୍ପିକ୍ସ ଆସୋସିଏସନ୍ (ଆଇଓଏ) ସଭାପତି ପି.ଟି. ଉଷା ଏକ ସଙ୍ଗୀନ ଅଭିଯୋଗ ଆଣିଛନ୍ତି। ଆଇଓଏ କାର୍ଯ୍ୟନିର୍ବାହୀ ପରିଷଦର ସଦସ୍ୟମାନେ ତାଙ୍କୁ ସାଇଡ୍ ଲାଇନ୍ କରିବାକୁ ପ୍ରୟାସ କରୁଥିବା ନେଇ ଉଷା ଅଭିଯୋଗ ଆଣିଛନ୍ତି। ଏପରିକି ତାଙ୍କ ଦ୍ୱାରା ନିଯୁକ୍ତ ଅଫିସିଆଲଙ୍କୁ ଟର୍ମିନେସନ ଲେଟର ଦିଆଯାଇଥିବା ସେ କହିଛନ୍ତି। ଶୁକ୍ରବାର ଆଇଓଏର କାର୍ଯ୍ୟନିର୍ବାହୀ ପରିଷଦ ବୈଠକରେ ୯ ସଦସ୍ୟ ଏକ ନୋଟିସ୍ ପାରିତ କରିଥିଲେ। ଅନଧିକୃତ ବ୍ୟକ୍ତିଙ୍କ ଆଇଓଏ ମୁଖ୍ୟାଳୟ ପ୍ରବେଶ ଉପରେ କଟକଣା ପାଇଁ ଏହି ନୋଟିସ୍ ଉଦ୍ଦିଷ୍ଟ ଥିଲା। ଦୁଇ ଜଣ ନବନିଯୁକ୍ତ ଅଧିକାରୀଙ୍କ ପାଇଁ ଏହା ଉଦ୍ଦିଷ୍ଟ ଥିବାରୁ ଉଷା ଏହାକୁ ନିନ୍ଦା କରିଛନ୍ତି। ଜାନୁଆରୀ ମାସରେ ଆଇଓଏର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଭାବରେ ରଘୁରାମ ଆୟରଙ୍କୁ ଓ ଅଜୟ ନାରଙ୍ଗଙ୍କୁ ଉଷାଙ୍କ ସହକାରୀ ଭାବେ ନିଯୁକ୍ତି ମିଳିଥିଲା। ଉଭୟଙ୍କ ଟର୍ମିନେସନ ପାଇଁ କାର୍ଯ୍ୟନିର୍ବାହୀ ପରିଷଦ ସଦସ୍ୟମାନେ ନିଷ୍ପତ୍ତି ନେଇଥିବା ବେଳେ ଏହାକୁ ଆଇନତଃ ଅବୈଧ ବୋଲି କହିଛନ୍ତି ଉଷା।

ଆଇଓଏର ସଦସ୍ୟମାନେ ଗୋଟିଏ ଟିମ୍ ଭାବରେ କାମ ନ କରିପାରିବା ଅତ୍ୟନ୍ତ ଦୁଃଖଦାୟକ। ମୋତେ ସାଇଡ୍ ଲାଇନ୍ କରିବା ପାଇଁ ଏଭଳି ପ୍ରୟାସ ମଧ୍ୟ ଚିନ୍ତାଜନକ। ଆଇଓଏର ଦୈନନ୍ଦିନ କାର୍ଯ୍ୟ ପରିଚାଳନା କାର୍ଯ୍ୟନିର୍ବାହୀ ପରିଷଦର ଦାୟିତ୍ୱ ନୁହେଁ। କାହାକୁ ନିଯୁକ୍ତି ଦିଆଯିବ ଓ କାହାକୁ କଢ଼ାଯିବ ଏହା ଉପରେ କାର୍ଯ୍ୟନିର୍ବାହୀ ପରିଷଦ ଧ୍ୟାନ ରଖିବା ସବୁଠାରୁ ଦୁର୍ଭାଗ୍ୟଜନକ। ଆଇଓଏକୁ ଏକ ନୂତନ ଶିଖରରେ ପହଞ୍ଚାଇବା ପାଇଁ କାର୍ଯ୍ୟନିର୍ବାହୀ ପରିଷଦର ସଦସ୍ୟମାନେ ଚେଷ୍ଟା କରିବା ଉଚିତ ବୋଲି କହିଛନ୍ତି ଉଷା। ଆଇଓଏର ଅନ୍ତର୍ଦ୍ୱନ୍ଦ୍ୱ ଜାନୁଆରୀ ମାସରୁ ପଦାରେ ପଡ଼ିଥିଲା। ପ୍ୟାରିସ୍ ଅଲିମ୍ପିକ୍ସକୁ ମାତ୍ର ୩ ମାସ ବାକି ରହିଥିବା ବେଳେ ଏଭଳି ଗୋଡ଼ଟଣା ନୀତି ଆମକୁ କ୍ଷତି ପହଞ୍ଚାଇବ ବୋଲି ଉଷା କହିଛନ୍ତି।

# ଧୋନି ହେଉଛନ୍ତି ସର୍ବକାଳୀନ ଶ୍ରେଷ୍ଠ ଅଧିନାୟକ : ଗମ୍ଭୀର

**ଚେନ୍ନାଇ**

ଯେତେବେଳେ ମହେନ୍ଦ୍ର ସିଂହ ଧୋନି ଓ ଗୌତମ ଗମ୍ଭୀରଙ୍କ ଯୋଡ଼ି ବିଷୟରେ ଆଲୋଚନା କରାଯାଏ, ସେତେବେଳେ ୨୦୧୧ ଦିନିକିଆ ବିଶ୍ୱକପ୍‌ରେ ୧୦୯ ରନ୍‌ର ଭାଗୀଦାରି କଥା ସବୁବେଳେ ନଜରକୁ ଆସିଥାଏ। ଉଭୟ କିମ୍ବଦନ୍ତୀ କ୍ରିକେଟର୍ ଏବେ ଆଇପିଏଲ୍‌ରେ ସକ୍ରିୟ ଅଛନ୍ତି। କିନ୍ତୁ ଭିନ୍ନଭିନ୍ନ ଭୂମିକାରେ ସିଏସ୍‌କେ ଅଧିନାୟକ ଦାୟିତ୍ୱ ଋତୁରାଜ ଗାଏକ୍ୱାଡ୍‌ଙ୍କୁ ହସ୍ତାନ୍ତର କରିବା ପରେ ଧୋନି ସାଧାରଣ କିପର-ବ୍ୟାଟର୍ ଭାବେ ଖେଳୁଛନ୍ତି। ଗମ୍ଭୀର ଏଥର କୋଲକାତା ନାଇଟ୍ ରାଇଡର୍ସ (କେକେଆର୍) ମାର୍ଗଦର୍ଶକ ଦାୟିତ୍ୱ ନିର୍ବାହ କରୁଛନ୍ତି। ଧୋନିଙ୍କ ନେତୃତ୍ୱରେ ସିଏସ୍‌କେ ୫ ଥର ବିଜେତା ହୋଇଛି। ଅନ୍ୟପକ୍ଷରେ ଗମ୍ଭୀରଙ୍କ ନେତୃତ୍ୱରେ କେକେଆର୍ ମାତ୍ର ଦୁଇଥର ଟ୍ରଫି ଜିତିପାରିଛି। ଏକ ସାକ୍ଷାତ୍‌କାରରେ ଆଇପିଏଲ୍‌ରେ ଏହି ଦୁଇଜଣ ପରସ୍ପର ମଧ୍ୟରେ ପଡ଼ିଆ ଭିତରର ଶତ୍ରୁତାକୁ କିଭଳି ତୁଲାଉଥିଲେ ତାହା ବର୍ଣ୍ଣନା କରିଥିଲେ।




ଗମ୍ଭୀରଙ୍କ ଅନୁସାରେ, ମୁଁ ସବୁବେଳେ ଜିତିବାକୁ ଚାହେଁ। ଏଥିପାଇଁ ମାନସିକ ଭାବେ ମୋର ଦୃଢ଼ ଥାଏ। କିନ୍ତୁ ପ୍ରତିଦ୍ୱନ୍ଦ୍ୱୀ ଦଳରେ କିଛି ବନ୍ଧୁଙ୍କ ପାଇଁ ମଧ୍ୟ ସମ୍ମାନ ଥାଏ। ହେଲେ ପଡ଼ିଆ ଭିତରେ ଆମ ଭିତରେ ପରସ୍ପରକୁ ହରାଇବା ପାଇଁ ଜିଦ୍ ରଖିଥାଉ। ମୁଁ କେକେଆର୍‌ର ନେତୃତ୍ୱ ନେଉଥାଏ ଓ ସେ ସିଏସ୍‌କେ ନେତୃତ୍ୱ ନେଉଥିଲେ। ଯଦି ମୋ ସ୍ଥାନରେ ଧୋନିଙ୍କୁ ବସାଯାଇ ଏହି ସମାନ ପ୍ରଶ୍ନ କରାଯାଇଥାନ୍ତା, ତା'ହେଲେ ସେ ମଧ୍ୟ ମୋ ଭଳି ସମାନ ଉତ୍ତର ରଖିଥାନ୍ତେ। ଧୋନି ଭାରତର ସର୍ବକାଳୀନ ଶ୍ରେଷ୍ଠ ଅଧିନାୟକ। ତିନୋଟି ଆଇସିସି ଟ୍ରଫି ଜିତି ସେ ଯେଉଁସ୍ତରକୁ ଯାଇଛନ୍ତି, ସେଠାରେ ଆଉ କେହି ପହଞ୍ଚି ପାରିବେନି। ଅଧିନାୟକମାନେ ଅନେକ ଟେଷ୍ଟ ମ୍ୟାଚ୍ ଜିତିପାରନ୍ତି। କିନ୍ତୁ ତାହା ତିନିଟି ଆଇସିସି ଟ୍ରଫିଠୁ ବଡ଼ ହୋଇନପାରେ। ଧୋନିଙ୍କ ଫିନିସର୍ ଭୂମିକା ଉପରେ ଗମ୍ଭୀର କହିଛନ୍ତି, ଆଇପିଏଲ୍‌ରେ ମୁଁ ପ୍ରତ୍ୟେକଟି ମୁହୂର୍ତ୍ତକୁ ଉପଭୋଗ କରିଥାଏ। କାରଣ ଧୋନିଙ୍କ ପାଖରେ ରଣକୌଶଳ ପ୍ରସ୍ତୁତ ଥାଏ। ତ୍ୱରିତ ନିଷ୍ପତ୍ତି ନେବାରେ ସେ ଧୂରନ୍ଧର। ସ୍ପିନରଙ୍କୁ ନିୟନ୍ତ୍ରଣ କରିବା, ସ୍ପିନରଙ୍କ ବିପକ୍ଷରେ କ୍ଷେତ୍ରରକ୍ଷଣ ସଜାଡ଼ିବା ଏବଂ ସବୁଠୁ ବଡ଼ କଥା। କେବେ ହାର୍ ନମାନିବା ଭଳି ଦକ୍ଷତା ତାଙ୍କରି ପାଖରେ ଅଛି। ସେ ୬ କିମ୍ବା ୭ ନମ୍ବରରେ ବ୍ୟାଟିଂ ପାଇଁ ଆସିଥାନ୍ତି। ଏହାଦ୍ୱାରା ସେ ମ୍ୟାଚ୍‌କୁ ଶେଷ କରାଇପାରିବେ। ଯଦି ଶେଷ ଓଭରରେ ୨୦ ରନ୍ ଆବଶ୍ୟକ ଥାଏ, ତଥାପି ଧୋନି ମ୍ୟାଚ୍ ଜିତାଇପାରିବେ ବୋଲି ଗମ୍ଭୀର କହିଥିଲେ।

ଏଭଳି ସମୟରେ ସିଏସ୍‌କେ ବ୍ୟାଟର୍‌ଙ୍କ ଟକ୍କର ଦେବା ପାଇଁ ମୋ ପାଖରେ ଭଲ ବୋଲିଂକ୍ରମ ରହିଛି। ତେଣୁ ରଣନୀତିରେ ମୁଁ ସିଏସ୍‌କେଠୁ ବହୁତ ଭଲ ହୋଇଥାଇପାରେ ଏବଂ ତାଙ୍କୁ ପରାସ୍ତ କରିପାରେ। କାରଣ ଧୋନି ପଡ଼ିଆରେ ଆଗେ ଉତ୍ତେଜିତ ହୋଇନଥାନ୍ତି, ହେଲେ ସେ କେବେ ବି ହାର୍ ମାନିବେନି। ଚେନ୍ନାଇକୁ ହରାଇବାକୁ ହେଲେ, ଶେଷ ରନ୍ ପର୍ଯ୍ୟନ୍ତ ଲଢ଼ିବାକୁ ପଡ଼ିଥାଏ। ଏପରି କିଛି ଦଳ ଅଛନ୍ତି, ଯେଉଁମାନେ ମ୍ୟାଚ୍ ଶେଷ ହେବାର ଅତି ନିକଟକୁ ଆସି ହାର୍ ମାନିଯାଇଥାନ୍ତି, କିନ୍ତୁ ଚେନ୍ନାଇ ସେଭଳି ନୁହେଁ ବୋଲି ଗମ୍ଭୀର ପ୍ରକାଶ କରିଥିଲେ।

## ପୂର୍ବାଞ୍ଚଳ ରୋଲ ବଲ୍‌ରେ ଓଡ଼ିଶାର ଚମକ୍

# ବାଳକ ଓ ବାଳିକା ଦଳ ଜିତିଲେ ରୌପ୍ୟ




**ଭୁବନେଶ୍ୱର**

ଗୁଆହାଟୀରେ ଶେଷ ହୋଇଥିବା ପ୍ରଥମ ଜାତୀୟ ପୂର୍ବାଞ୍ଚଳ ୧୭ ବର୍ଷରୁ କମ୍ ରୋଲ ବଲ୍ ପ୍ରତିଯୋଗିତାରେ ଓଡ଼ିଶା ଚମକ୍ ଛାଡ଼ିଛି। ଓଡ଼ିଶାର ଉଭୟ ବାଳକ ଓ ବାଳିକା ଦଳ ଫାଇନାଲ୍‌ରେ ହାରି ପ୍ରଥମ ଉପବିଜେତା ଗୌରବ ସହ ରୌପ୍ୟ ପଦକରେ ସନ୍ତୁଷ୍ଟ ହୋଇଛି। ବାଳିକା ଦଳ ଲିଗ୍ ପର୍ଯ୍ୟାୟରେ ୧୩-୦ ଗୋଲ୍‌ରେ ମେଘାଳୟକୁ, ୫-୨ରେ ଛତିଶଗଡ଼କୁ, ୭-୨ରେ ବିହାରକୁ ପରାସ୍ତ କରିବା ପରେ ସେମିଫାଇନାଲ୍‌ରେ ଝାଡ଼ଖଣ୍ଡକୁ ୭-୬ରେ ମାତ୍ ଦେଇ ଥିଲେ। ଫାଇନାଲ୍‌ରେ କିନ୍ତୁ ଓଡ଼ିଶା ବାଳକମାନେ ୬-୯ରେ ଆସାମଠାରୁ ହାରିଯାଇଥିଲେ। ସେହିଭଳି ବାଳିକା ବିଭାଗରେ ଓଡ଼ିଶା ୪-୦ରେ ଝାଡ଼ଖଣ୍ଡକୁ, ୧୦-୦ରେ ମେଘାଳୟକୁ ପରାସ୍ତ କରିଥିବା ବେଳେ ସିକିମ ସହ ଗୋଲଶୂନ୍ୟ ଡ୍ର ଏବଂ ଆସାମଠାରୁ ୦-୧ରେ ପରାସ୍ତ ହୋଇଥିଲେ।

ସେମିଫାଇନାଲ୍‌ରେ ଝାଡ଼ଖଣ୍ଡକୁ ୨-୦ରେ ହରାଇ ଦେଇଥିଲେ ମଧ୍ୟ ପୁଣି ଥରେ ଆସାମଠାରୁ ୧-୪ ଗୋଲ୍‌ରେ ହାରିଯାଇଥିଲେ। ଓଡ଼ିଶା ଦଳର କମଲ କ୍ରିଷ୍ଣା ଶ୍ରେଷ୍ଠ ଗୋଲକିପର୍ ଏବଂ ଆଟାକର୍ ପ୍ରୀତିଶ ଆର୍ଯ୍ୟନ ଜେନା ପ୍ରତିଯୋଗିତାର ଶ୍ରେଷ୍ଠ ଖେଳାଳି ପୁରସ୍କାର ପାଇଥିଲେ। ଖେଳାଳିଙ୍କ ସହିତ ଓଡ଼ିଶା ରୋଲ୍ ବଲ ସଂଘ ସମ୍ପାଦକ ପାର୍ଥ ସାରଥି ଜେନା ଯାତ୍ରା କରିବା ସହ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ।

# ଜାତୀୟ ମହିଳା ହକି କ୍ୟାମ୍ପରେ ଓଡ଼ିଶାରୁ ୩ ଖେଳାଳି ସାମିଲ

**ବେଙ୍ଗାଲୁରୁ**








ହକି ଇଣ୍ଡିଆ ପକ୍ଷରୁ ଜାତୀୟ ହକି କ୍ୟାମ୍ପ ପାଇଁ ୩୩ ଜଣ ସମ୍ଭାବ୍ୟ ଖେଳାଳିଙ୍କ ତାଲିକା ପ୍ରକାଶ ପାଇଛି। ଗୋଲକିପର ସବିତା ପୁନିଆ ଓ ଫରୱାର୍ଡ ବନ୍ଦନା କାଟାରିଆଙ୍କ ଭଳି ସିନିୟର ଖେଳାଳିଙ୍କୁ ସ୍ଥାନ ମିଳିଥିବା ବେଳେ କିଛି ଯୁବ ଖେଳାଳିଙ୍କୁ ସାମିଲ କରାଯାଇଛି। ଏହି କ୍ୟାମ୍ପରେ ଓଡ଼ିଶାର ଆଜମିନା କୁଜୁର, ମାଧୁରୀ କିଣ୍ଡୋ ଓ ଜ୍ୟୋତି ଛତ୍ରୀଙ୍କୁ ସାମିଲ କରାଯାଇଛି। ଏହି ଖେଳାଳିଙ୍କୁ ନେଇ ମେ' ୧୬ ତାରିଖ ଯାଏ କ୍ୟାମ୍ପ ଅନୁଷ୍ଠିତ ହେବ। ପୂର୍ବରୁ ଜାତୀୟ ଚାମ୍ପିଅନସିପ୍ ପରେ ୬୦ ଖେଳାଳିଙ୍କୁ ଚୟନ କରାଯାଇଥିଲା। ଏପ୍ରିଲ ୬ ଓ ୭ ତାରିଖରେ ଦୁଇ ଦିନିଆ ଟ୍ରାଏଲ୍ସ ପରେ ଏହା ମଧ୍ୟରୁ ୩୩ ଖେଳାଳିଙ୍କୁ ଚୟନ କରାଯାଇଛି। ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ହାସଲ ଲାଗି ବିଫଳ ହେବା ପରେ ଭାରତୀୟ ଦଳରେ କିଛି ପରିବର୍ତ୍ତନ ମଧ୍ୟ କରାଯାଇଛି। ମେ' ୨୨ ତାରିଖରେ ପ୍ରୋ ଲିଗ୍ ହକି ପାଇଁ ଭାରତୀୟ ମହିଳା ଆଣ୍ଟୱର୍ପ ଓ ଲଣ୍ଡନ ଗସ୍ତ କରିବ। ଏହି ଗସ୍ତରେ ଭାରତ ଆର୍ଜେଣ୍ଟିନା, ବେଲଜିୟମ, ଜର୍ମାନୀ ଓ ଗ୍ରେଟ୍ ବ୍ରିଟେନ୍ ସହ ମ୍ୟାଚ୍ ଖେଳିବ।

ହକି ଇଣ୍ଡିଆର ହାଇ ପରଫରମାନ୍ସ ନିର୍ଦ୍ଦେଶକ ହର୍ମାନ କ୍ରୁଇସ୍ ସମ୍ଭାବ୍ୟ ଦଳକୁ ନେଇ ସନ୍ତୋଷ ପ୍ରକାଶ କରିଛନ୍ତି। ୧୪ତମ ଜାତୀୟ ହକି ଚାମ୍ପିଅନସିପ୍‌ରୁ ହିଁ ଏହି ଖେଳାଳିମାନଙ୍କ ଚୟନ କରାଯାଇଛି। ସବିତା ପୁନିଆ, ଡିଫେଣ୍ଡର ନିକ୍କି ପ୍ରଧାନ, ମିଡ ଫିଲ୍ଡର ସଲିମା ଟେଟେ, ଅଜମିନା କୌର ଓ ନିଶା କ୍ୟାମ୍ପରେ ରହିଛନ୍ତି। ପ୍ରଥମ ପସନ୍ଦର ଫରୱାର୍ଡ ଖେଳାଳି ଭାବରେ ଲାଲରେମସିଆମି, ସଙ୍ଗୀତା କୁମାରୀ ଓ ବନ୍ଦନା କାଟାରିଆ ମଧ୍ୟ ରହିଛନ୍ତି। ଜାତୀୟ ଚାମ୍ପିଅନସିପରେ ପ୍ରଦର୍ଶନ ଆଧାରରେ ମରିନା ଲାଲରାମନଘାକି, ମନୀଷା ଚୌହାନଙ୍କୁ ମଧ୍ୟ ଡାକରା ମିଳିଛି। ଶେଷ ଥର ପାଇଁ ୨୦୧୭ରେ ଜାତୀୟ ଦଳ ପକ୍ଷରୁ ଖେଳିଥିବା ପ୍ରୀତି ଦୁବେଙ୍କ ଦଳକୁ ଡାକରା ମିଳିଛି। ଜୁନିୟର ଦଳର ସଦସ୍ୟ ରହିଥିବା ମାଧୁରୀ କିଣ୍ଡୋ, ଡିଫେଣ୍ଡର ରୋପନି କୁମାରୀ, ପ୍ରୀତି, ମିଡ୍‌ଫିଲ୍ଡର ଏଡୁଲା ଜ୍ୟୋତି, ଫରୱାର୍ଡ ଖେଳାଳି ଦୀପିକା ସୋରେଙ୍ଗ ଓ ଋତୁଜା ପିସାଲଙ୍କୁ ଡାକରା ମିଳିଛି।

# ଫେଡେରେସନ୍ କପ୍ : ଅମିତ ଉପବିଜେତା

**ଭୁବନେଶ୍ୱର**




ଗୋଆଠାରେ ଆୟୋଜିତ ୧୩ତମ ଜାତୀୟ ସୁନ୍ଦରସ୍ୱାସ୍ଥ୍ୟ ଓ ଫିଜିକ୍ ସ୍ପୋର୍ଟ୍ସ ପ୍ରତିଯୋଗିତା ଫେଡେରେସନ୍ କପ୍-୨୦୨୪ରେ ଅମିତ କୁମାର ଭୂୟାଁ ଉପବିଜେତା ହୋଇଛନ୍ତି। ସେ ୭୫ କେଜି ଓଜନ ବର୍ଗରେ ସ୍ୱର୍ଣ୍ଣ ଜିତି ଏହି ସଫଳତା ପାଇଥିଲେ। ବାଦଲ ବେହେରା (୭୦ କେଜି) ରୌପ୍ୟ, ବିନ୍ଦୁସାଗର କଳସ (୬୫ କେଜି) କାଂସ୍ୟ ଜିତିଥିଲେ। ଫଳରେ ଓଡ଼ିଶା ପ୍ରଥମ ରନର୍ସଅପ୍ ପୁରସ୍କାର ପାଇଛି। ଏହି ପ୍ରତିଯୋଗିତାରେ ଓଡ଼ିଶା ସୁନ୍ଦର ସ୍ୱାସ୍ଥ୍ୟ (ଓବିବିଏ) ସଂଘ ସଭାନେତ୍ରୀ ସୁମିତ୍ରା ତ୍ରିପାଠୀଙ୍କ ନେତୃତ୍ୱରେ ରାଜ୍ୟରୁ ୧୬ ଜଣ ପ୍ରତିଯୋଗୀ, ୨ ଅଫିସିଆଲ୍ ଲଲାଟେନ୍ଦୁ ପାତ୍ର (ପ୍ରବନ୍ଧକ) ଓ ଜଗନ୍ନାଥ ଖୁଣ୍ଟିଆ (ପ୍ରଶିକ୍ଷକ) ଯୋଗ ଦେଇଥିଲେ। ଦଳର ସଫଳତା ଲାଗି ପ୍ରତିଯୋଗୀଙ୍କୁ ଓବିବିଏ ସଭାନେତ୍ରୀ ସୁମିତ୍ରା, ସମ୍ପାଦକ ପ୍ରସନ୍ନ କୁମାର ମହାସୁଆର, ପରାମର୍ଶଦାତା କମିଟି ଅଧ୍ୟକ୍ଷ ମାନସ ରଂଜନ ମହାପାତ୍ର, ଉପଦେଷ୍ଟା ହରି ପ୍ରସାଦ ପଟ୍ଟନାୟକ, ବିଜିଜି ରାଓ ଅଭିନନ୍ଦନ ଜଣାଇଛନ୍ତି।

# ନାଦାଲଙ୍କୁ ଶେଷ ଲଢ଼େଇ ପାଇଁ ନିବେଦନ କଲେ ଜୋକୋଭିକ

**ନୂଆଦିଲ୍ଲୀ**



ମଣ୍ଟେକାର୍ଲୋ ମାଷ୍ଟର୍ସରୁ ସ୍ପେନ୍‌ର କିମ୍ବଦନ୍ତୀ ଟେନିସ ତାରକା ରାଫେଲ ନାଦାଲ ଓହରିଯାଇଛନ୍ତି। ଫଳରେ ଏହି ୨୨ ଗ୍ରାଣ୍ଡସ୍ଲାମ ବିଜେତାଙ୍କ ଫ୍ରେଞ୍ଚ ଓପନ ଅଂଶଗ୍ରହଣ ନେଇ ଆଶଙ୍କା ସୃଷ୍ଟି ହୋଇଛି। ଏପରିକି ନାଦାଲଙ୍କ ଅବସର ଚର୍ଚ୍ଚା ବି ଆରମ୍ଭ ହୋଇଯାଇଛି। ତେବେ ତାଙ୍କ ପ୍ରମୁଖ ପ୍ରତିଦ୍ୱନ୍ଦ୍ୱୀ ତଥା ବିଶ୍ୱର ଏକ ନମ୍ବର ଏକକ ଟେନିସ୍ ଖେଳାଳି ନୋଭାକ ଜୋକୋଭିକ ଶେଷ ଥର ପାଇଁ ନାଦାଲଙ୍କ ସହ ଲଢ଼ିବାକୁ ଆଗ୍ରହ ପ୍ରକାଶ କରିଛନ୍ତି। ଏଣୁ ଅବସର ନିଷ୍ପତ୍ତି ଏତେଶୀଘ୍ର ନନେବାକୁ ନାଦାଲଙ୍କୁ ଆକୁଳ ନିବେଦନ କରିଛନ୍ତି।

ଜଣେ ଟେନିସ୍ ପ୍ରଶଂସକ ଭାବେ ଅବସର ପୂର୍ବରୁ ନାଦାଲ ଆଉ ଏକ ପ୍ରତିଯୋଗିତା ଖେଳନ୍ତୁ ବୋଲି ମୁଁ ଚାହେଁ। କାରଣ କ୍ଲେ କୋର୍ଟରେ ସେ କରିଥିବା ଅସାଧାରଣ କୀର୍ତ୍ତିମାନ କଥା ଆମେ ସମସ୍ତେ ଜାଣିଛେ। ଏଣୁ ଟେନିସ୍ ଓ ଫ୍ରେଞ୍ଚ ଓପନର ହିତ ଦୃଷ୍ଟିରୁ ଏହି ମହାନ୍ ପ୍ରତିଯୋଗିତାର ଆଗାମୀ ସଂସ୍କରଣରେ ନାଦାଲ ଖେଳୁଥିବାର ଦେଖିବାକୁ କେବଳ ମୁଁ ନୁହେଁ, କୋଟି କୋଟି ପ୍ରଶଂସକ ମଧ୍ୟ ଆଗ୍ରହର ସହ ଅନାଇ ବସିଛନ୍ତି। ବ୍ୟକ୍ତିଗତ ଭାବେ ମୁଁ ତାଙ୍କ ସହ ଶେଷ ଲଢ଼େଇକୁ ସ୍ମରଣୀୟ କରିବାକୁ ଲକ୍ଷ୍ୟ ରଖିଛି। ଗତ ୨୦ ବର୍ଷ ହେବ ଆମେ ପରସ୍ପରର ପ୍ରତିଦ୍ୱନ୍ଦ୍ୱୀ ହୋଇ ରହିଆସିଛୁ। ଟେନିସ କୋର୍ଟରେ ତାଙ୍କ ଅନୁପସ୍ଥିତିକୁ ମୁଁ ବେଶ୍ ଅନୁଭବ କରିବି ବୋଲି ଏକ ସାକ୍ଷାତ୍‌କାର ଅବସରରେ କହିଛନ୍ତି ଜୋକୋଭିକ। ସୂଚନାଯୋଗ୍ୟ ଯେ ଚଳିତବର୍ଷର ଫ୍ରେଞ୍ଚ ଓପନ ନାଦାଲ ଖେଳିବେ କି ନଖେଳିବେ ସେଥିନେଇ କୌଣସି ସ୍ପଷ୍ଟ ସୂଚନା ଦେଇ ନାହାନ୍ତି। ଆଘାତ ଜନିତ ସମସ୍ୟା ଲାଗି ପାଖାପାଖି ବର୍ଷେ ପରେ ଗତ ଜାନୁଆରୀରେ ଟେନିସ୍‌କୁ ଫେରି ନାଦାଲ ବ୍ରିସବନ ଓପନ ଖେଳିଥିଲେ। ଏହା ପରେ କିନ୍ତୁ କୌଣସି ପ୍ରତିଯୋଗିତା ଖେଳି ନାହାନ୍ତି। ତେବେ ଚଳିତବର୍ଷ ଅବସର ନେବେ ବୋଲି ପୂର୍ବରୁ ସଙ୍କେତ ଦେଇସାରିଛନ୍ତି।

# ନାୟକ ଭୂମିକାରେ ବଟଲର୍

**ଜୟପୁର**





ଅସାଧାରଣ ବ୍ୟାଟିଂ ସହ ମାତ୍ର ୫୮ ବଲ୍‌ରୁ ୯ ଚୌକା ଓ ୪ ଛକା ସହ ବିସ୍ଫୋରକ ଶତକ ଅର୍ଜନ କରି ଆର୍‌ସିବି ବିପକ୍ଷରେ ରାଜସ୍ଥାନ ରୟାଲ୍ସକୁ ଅବିଶ୍ୱସନୀୟ ବିଜୟ ଉପହାର ଦେଇଥିଲେ ଇଂଲିସ ଓପନର ଜୋସ ବଟଲର୍। ଏହାପରେ ପ୍ରଶଂସକମାନେ ତାଙ୍କୁ ଲୋକପ୍ରିୟ ବଲିଉଡ୍ ଚଳଚ୍ଚିତ୍ର ନାୟକରେ ଅନିଲ କାପୁରଙ୍କ ଅଭିନୀତ ଚରିତ୍ର ସହ ତୁଳନା କରିଛନ୍ତି। ରାଜସ୍ଥାନ ରୟାଲ୍ସ ମଧ୍ୟ ଏହି ଚଳଚ୍ଚିତ୍ରର ଏକ ଦୃଶ୍ୟକୁ ପୁନଃ ନିର୍ମାଣ କରି ନିଜ ସାମାଜିକ ଗଣମାଧ୍ୟମ ଆକାଉଣ୍ଟରେ ପ୍ରକାଶ କରିଛି। ଏଥିରେ ବଟଲରଙ୍କୁ ଅନିଲଙ୍କ ଚରିତ୍ରରେ ଦେଖିବାକୁ ମିଳୁଛି। ରାଜସ୍ଥାନ ରୟାଲ୍ସ ଦଳର ଏହି ସୃଜନଶୀଳତାକୁ ଖୋଦ୍ ଅନିଲ ମଧ୍ୟ ପ୍ରଶଂସା କରିଛନ୍ତି। ସେହିଭଳି ବଟଲର ଗତ ଦୁଇ ଦିନ ଧରି ଅସୁସ୍ଥ ଥିଲେ। ଏହା ସତ୍ତ୍ୱେ ଏଭଳି ଏକ ପାଳି ଖେଳି ନିଜ ପ୍ରଚଣ୍ଡ ପ୍ରତିଭାର ପରିଚୟ ଦେଇଥିବା ରାଜସ୍ଥାନ ରୟାଲ୍ସ ବୋଲିଂ ପ୍ରଶିକ୍ଷକ ସେନ୍ ବଣ୍ଡ୍ ଉଜାଗର କରିବା ପରେ ପ୍ରଶଂସକମାନେ ତାଙ୍କୁ ମଧ୍ୟ ପ୍ରଶଂସାରେ ପୋତି ଦେଇଛନ୍ତି।

## ନ୍ୟୁଜିଲାଣ୍ଡ ବିପକ୍ଷ ଟି-୨୦ ପାଇଁ ପାକିସ୍ତାନ ଟିମ୍ ଘୋଷଣା

# ଅବସରରୁ ଫେରିଲେ ମହମ୍ମଦ ଅମୀର, ଇମାଦ ୱାସିମ

**ନୂଆଦିଲ୍ଲୀ**

ନ୍ୟୁଜିଲାଣ୍ଡ ବିପକ୍ଷ ଆଗାମୀ ଟି-୨୦ ସିରିଜ୍ ପାଇଁ ପାକିସ୍ତାନ ଏକ ଶକ୍ତିଶାଳୀ ଟିମ୍ ଘୋଷଣା କରିଛି। ଏଥିରେ ମହମ୍ମଦ ଅମୀର ଏବଂ ଇମାଦ୍ ୱାସିମ ପାକିସ୍ତାନ ଟିମ୍‌କୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଚଳିତ ବର୍ଷ ୱେଷ୍ଟଇଣ୍ଡିଜ ଏବଂ ଯୁକ୍ତରାଷ୍ଟ୍ର ଆମେରିକାରେ ଅନୁଷ୍ଠିତ ହେବାକୁ ଥିବା ଟି-୨୦ ବିଶ୍ୱକପ ପୂର୍ବରୁ ଜାତୀୟ ଦଳର ପ୍ରତିନିଧିତ୍ୱ କରିବାକୁ ଉଭୟ ୱାସିମ ଏବଂ ଆମୀର ଅବସରରୁ ପ୍ରତ୍ୟାବର୍ତ୍ତନ କରିଛନ୍ତି।

ଅମୀର ଶେଷ ଥର ପାଇଁ ଅଗଷ୍ଟ ୨୦୨୦ ରେ ଇଂଲଣ୍ଡ ବିପକ୍ଷରେ ଖେଳିଥିଲେ। ଅନ୍ୟପକ୍ଷରେ ୱାସିମ ଇସଲାମାବାଦ ୟୁନାଇଟେଡ୍‌କୁ ପାକିସ୍ତାନ ସୁପର ଲିଗ୍ (ପିଏସଏଲ) ୨୦୨୪ ଜିତିବାରେ ସାହାଯ୍ୟ କରିଥିଲେ।

ସିନିୟର ଟିମ୍ ମ୍ୟାନେଜର ୱାହାବ ରିଆଜ କହିଛନ୍ତି ଯେ ହରିସ ରଉଫ ଆହତ ଅବସ୍ଥାରୁ ମୁକୁଳି ନଥିବାରୁ ଅମୀର ଏବଂ ୱାସିମଙ୍କୁ ଚୟନ କରାଯାଇଛି ଏବଂ ମହମ୍ମଦ ନୱାଜଙ୍କ ଫର୍ମ ଉପରେ ସନ୍ଦେହ ରହିଛି। ପିଏସଏଲରେ ଲାହୋର କାଲାଣ୍ଡାର୍ସର ଗୋଟିଏ ମ୍ୟାଚ୍‌ରେ କ୍ୟାଚ୍ ନେବାକୁ ଚେଷ୍ଟା କରୁଥିବାବେଳେ ରଉଫ ତାଙ୍କ କାନ୍ଧରେ ଆଘାତ ଲାଗିଥିଲା। ଏହା ପରେ ତାଙ୍କୁ ଏକ ବ୍ୟାଣ୍ଡେଜ କାନ୍ଧରେ ଦେଖିବାକୁ ମିଳିଥିଲା, ଯାହା ପରେ ତାଙ୍କୁ ବାକି ଟୁର୍ଣ୍ଣାମେଣ୍ଟରୁ ବାଦ୍ ଦିଆଯାଇଥିଲା।

ଇମାଦ ୱାସିମ ଏବଂ ମହମ୍ମଦ ଆମୀରଙ୍କୁ ଅନ୍ତର୍ଭୁକ୍ତ କରିବାର ନିଷ୍ପତ୍ତି ଏକ ସିଧା ସଳଖ ଥିଲା, କାରଣ ହରିସ ରୌଫଙ୍କ ଆଘାତ ଏବଂ ମହମ୍ମଦ ନୱାଜଙ୍କ ବର୍ତ୍ତମାନର ଫର୍ମକୁ ବିଚାର କରିବା ପାଇଁ ସେମାନଙ୍କ ଉପଲବ୍ଧତାକୁ ଦୃଷ୍ଟିରେ ରଖି ଏହା ଏକ ସରଳ ନିଷ୍ପତ୍ତି ଥିଲା। ଉଭୟ ଅମିର ଏବଂ ଇମାଦଙ୍କର ଅବିଶ୍ୱସନୀୟ ମ୍ୟାଚ୍ ଜିତିବାର କ୍ଷମତା ଅଛି ଏବଂ ଆମେ ବିଶ୍ୱାସ କରୁ ଯେ ସେମାନେ ଦଳର ଲକ୍ଷ୍ୟକୁ ବଢ଼ାଇବା ପାଇଁ କ୍ରମାଗତ ଭାବରେ ଦୃଢ଼ ପ୍ରଦର୍ଶନ କରିବେ ବୋଲି ରିଆଜ୍ ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି।

# ସରକାରୀ ସୁବିଧାରୁ ବହୁ ଦୂରରେ ଅସହାୟ ଝିଅ ଟୁନି

**କେନ୍ଦୁଝର, ନ୍ୟୁଜ୍**



କେନ୍ଦୁଝର ସଦର ମହକୁମା ଠାରୁ ମାତ୍ର ୧୦ କିଲୋମିଟର ଦୂରରେ ଥିବା ହରିଚନ୍ଦନପୁର ବ୍ଲକ୍ ଅନ୍ତର୍ଗତ ଜୁଙ୍ଗା ପଞ୍ଚାୟତର ବଲାଣିପଶି ଗ୍ରାମର ଅସହାୟ ବାପା ମା' ଛେଉଣ୍ଡ ୨୫ ବର୍ଷୀୟ ଝିଅ ଟୁନି ବିନ୍ଧାଣି। ପିଲାବେଳେ ଚୁଲି ନିଆଁରେ ପଡ଼ିଯାଇ ଡାହାଣ ହାତ ପୋଡ଼ିହୋଇ ଦିବ୍ୟାଙ୍ଗ ହୋଇଯାଇଛି। ବାପା ଫକୀର ମହାରଣା ଓ ମାଆ ସୁନଫୁଲ ବିନ୍ଧାଣି ଉଭୟ ଟିବି ରୋଗରେ ଆକ୍ରାନ୍ତ ହୋଇ ଆର ପାରିକୁ ଚାଲି ଯାଇଛନ୍ତି। ଘରେ ନା ବାପା ନା ମା' ନା ଭାଇ କେହିବି ସାହା ହେବା ପାଇଁ ନାହାନ୍ତି। ଏକୁଟିଆ ଝିଅ ଦୀର୍ଘ ଦିନ ହେବ ଏକୁଟିଆ ସହି ପଡ଼ିଶାଙ୍କ ସହ ରହୁଛି। ପିଲାଟି ବେଳୁ ବାପା ମା'ଙ୍କୁ ହରେଇବା ପରେ ପାଠ ପଢିବା ବୟସରେ କୋଡ଼ି କୋଦାଳ ଧରି ପରଘରେ ମୂଲ ଲାଗି ପେଟ ପୋଷିବାକୁ ବାଧ ହେଲା। ନହେଲେ ଖାଇବାକୁ ବା ଦେବ କିଏ ଯେ ପେଟ ଚାଖଣ୍ଡକ ପୂରିବ। ଜୁଙ୍ଗା ପଞ୍ଚାୟତରୁ କୌଣସି ସରକାରୀ ସୁବିଧା କିମ୍ବା ଦିବ୍ୟାଙ୍ଗ ଭତ୍ତା ପାଇବା ପାଇଁ ଅଯୋଗ୍ୟ ବୋଲି ଶୁଣି ନିରାଶ ହେଇଚି ଟୁନି। ଦିବ୍ୟାଙ୍ଗ ଛେଉଣ୍ଡ ଝିଅ ହୋଇଥିବାରୁ ତା' ପାଇଁ କେହି କିଛି ସାହାଯ୍ୟ ବି କରିବେ ତ କେତେଦିନ। ମୁଣ୍ଡ ଗୁଞ୍ଜିବା ପାଇଁ ଘର ଖଣ୍ଡିଏ ବି ନାହିଁ। ସବୁ ପ୍ରକାର ସରକାରୀ ସୁବଧାରୁ ବଞ୍ଚିତ ଟୁନି ଶେଷରେ ପୈତୃକ ଜାଗାରେ ନଡ଼ା ଛପର ପକେଇ ଝାଟି ମାଟିର ଘର ଖଣ୍ଡିଏ କରି ରହୁଛି। ସରକାରୀ ସୁବିଧାକୁ ଓ ଦିବ୍ୟାଙ୍ଗ ଭତ୍ତାକୁ ଅନେଇ ସେଇ ଘରେ ପଡି ରହିଛି। ଦିବ୍ୟାଙ୍ଗ ବୋଲି ହାତକୁ ଦୁଇ ହାତ ବି ହେଇ ପାରୁନାହିଁ। ସରକାରଙ୍କ ତରଫରୁ ଅସହାୟ ଦିବ୍ୟାଙ୍ଗ ଟୁନିକୁ ଆବଶ୍ୟକୀୟ ସୁବିଧା ଯୋଗାଇ ଦେବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି।

# ମ୍ୟୁଜିକ୍ ଟ୍ରାକ୍‌ରେ ରାଜନୈତିକ ଲଢ଼େଇ ଷ୍ଟୁଡ଼ିଓ ପ୍ରସ୍ତୁତ, ଜେନା ଦେଲେଣି ଅଗ୍ରିମ

**ବ୍ରହ୍ମପୁର, ନ୍ୟୁଜ୍‌ବ୍ୟୁରୋ**



ରାଜନୀତିରେ ତାତି ଧରିଲାଣି । ଗୋଟିଏ ପରେ ଗୋଟିଏ ରାଜନୈତିକ ଦଳ ପ୍ରାର୍ଥୀ ଘୋଷଣା କରିବାରେ ଲାଗିଛନ୍ତି। ଅଧାରୁ ଅଧିକ ବିଧାନସଭା ଓ ଲୋକସଭା ଆସନରେ ଟିକଟ ଘୋଷଣା ହୋଇଗଲାଣି। ପ୍ରାର୍ଥୀ ଘୋଷଣା ପରେ ଏବେ ନେତା ପ୍ରଚାର ପାଇଁ ପ୍ରସ୍ତୁତ ହେଉଛନ୍ତି । ରାଜନୀତି ମଇଦାନରେ ପ୍ରଚାର ପାଇଁ ସିନେ ସଙ୍ଗୀତ ଏକ ପ୍ରମୁଖ ଅସ୍ତ୍ର ପାଲଟିଛି । ଭିନ୍ନ ଭିନ୍ନ ଓଡ଼ିଆ, ହିନ୍ଦୀ ଓ ତେଲୁଗୁ ଗୀତର ତାଳେ ତାଳେ ନେତାଙ୍କ ପ୍ରଚାର ହେବ । ଚର୍ଚ୍ଚିତ ଗୀତର ଟ୍ରାକ୍ ଓ ଲୋକପ୍ରିୟ ସିଙ୍ଗରଙ୍କ ସ୍ୱରରେ ପ୍ରଚାର ମୈଦାନ କମ୍ପିବ । ମ୍ୟୁଜିକ୍ ଟ୍ରାକ୍‌ରେ ରାଜନୈତିକ ଲଢ଼େଇ ହେବ । ସେଥିପାଇଁ ଷ୍ଟୁଡ଼ିଓ ରେଡ଼ି ହୋଇ ରହିଥିବା ବେଳେ କଳାକାର ବି ରୋଜଗାର ପାଇଁ ଆଶାବାଦୀ ରହିଛନ୍ତି। କେତେକ ଷ୍ଟୁଡ଼ିଓକୁ ଗୀତ ପ୍ରସ୍ତୁତ ପାଇଁ ଅଗ୍ରୀମ ଟଙ୍କା ମିଳିସାରିଲାଣି । ଆଉ କିଛି ଅପେକ୍ଷାରେ ରହିଛନ୍ତି । ପ୍ରାର୍ଥୀ ଘୋଷଣା ସମ୍ପୂର୍ଣ୍ଣ ହେବା ପରେ ଷ୍ଟୁଡ଼ିଓରେ ଭିଡ଼ ଜମିବ ବୋଲି ଆଲୋଚନା ହେଉଛି। ବ୍ରହ୍ମପୁର ସହରରେ ଅନେକ ଷ୍ଟୁଡ଼ିଓ ରହିଥିଲେ ବି ହାତଗଣତି ତିନି ଚାରୋଟି ଷ୍ଟୁଡ଼ିଓର ଚାହିଦା ରହିଛି। ବ୍ରହ୍ମପୁର ଭଏସ୍ ମାଷ୍ଟର ଷ୍ଟୁଡ଼ିଓ ନିର୍ଦ୍ଦେଶକ ଗୁଲାମ୍ ରସୁଲ୍ କହନ୍ତି ତିନି ପ୍ରମୁଖ ରାଜନୈତିକ ଦଳର ପ୍ରାର୍ଥୀ ଘୋଷଣା ଜାରି ରହିଛି । ଯେଉଁ ଦଳର ପ୍ରାର୍ଥୀ ଘୋଷଣା ହେଉଛି ଉକ୍ତ ନେତା ପ୍ରଚାର ଗୀତ ପାଇଁ ଆସୁଛନ୍ତି । ବର୍ତ୍ତମାନ ସୁଦ୍ଧା ତାଙ୍କୁ ୫ଜଣ ନେତାଙ୍କ ପ୍ରଚାର ଗୀତ ପାଇଁ ଅର୍ଡ଼ର ମିଳିଛି। ଆଗକୁ ଆହୁରି ଅନେକ ନେତା ଆସିବାର ସମ୍ଭାବନା ରହିଛି ବୋଲି ରସୁଲ୍ କହିଛନ୍ତି । ନିର୍ବାଚନ ପ୍ରଚାର ପାଇଁ ବଛା ବଛା ଗୀତ ଚୟନ କରାଯାଇଛି। ବିଜେଡ଼ି ନେତା ସେଦିନୁ ମୁଁ ହୁନୁ ହୁନୁ..., ନବୀନ ବାବୁ ଆମେ ତମ ଫ୍ୟାନ୍ ଆଦି ଗୀତରେ ପ୍ରଚାର ଟ୍ରାକ୍ ପ୍ରସ୍ତୁତ କରିବାକୁ କହୁଥିବା ବେଳେ ବିଜେପି ପ୍ରାର୍ଥୀ ହର୍ ଘର ମେଁ ଅବ୍ ଏକ ହି ନାମ୍..., ମୋଦି ଗ୍ୟାରେଣ୍ଟି ଆଦି ଗୀତର ଟ୍ରାକ୍ ଚୟନ କରୁଛନ୍ତି । ସେହିପରି କଂଗ୍ରେସ ପ୍ରାର୍ଥୀ ନଫରତ୍ ଛୋଡ଼ୋ, ଭାରତ ଯୋଡ଼ୋ ଆଦି ଟ୍ରାକ୍ ବାଛୁଛନ୍ତି। ଗୋଟିଏ ଗୀତର ଟ୍ରାକ୍ ପ୍ରସ୍ତୁତ କରିବାପାଇଁ ୫ ରୁ ୧୫ ହଜାର ଟଙ୍କା ଖର୍ଚ୍ଚ ହେଉଥିବା ସେ କହିଛନ୍ତି । ନୂଆ ଓ ପୁରୁଣା ଟ୍ରାକ୍‌ରେ ପ୍ରଚାର ଗୀତ କରିବା ପାଇଁ ଭିନ୍ନ ଭିନ୍ନ ଦର ରହିଛି । ଭଏସ୍ ମାଷ୍ଟର ଷ୍ଟୁଡ଼ିଓରେ ସଙ୍ଗୀତା, ଶିବଶଙ୍କର, ତୁମ୍ୱେଶ, ବିଚିତ୍ର ଓ ପିତାମ୍ବର ପ୍ରମୁଖ ସିଙ୍ଗର ରହିଛନ୍ତି । ସେହିପରି ସୁର୍ ସଙ୍ଗୀତ ସାଗର ମାଲିକ ସତ୍ୟ ନାରାୟଣ ଆଚାରୀ କହିଛନ୍ତି, ପ୍ରଚାର ପାଇଁ ଟ୍ରାକ୍ ସିଲେକ୍‌ସନ୍ କରାଯାଇଛି । ସ୍ଥାନୀୟ ସିଙ୍ଗର ବି ପ୍ରସ୍ତୁତ ଅଛନ୍ତି । ମାତ୍ର କିଛି ନେତା ଲୋକପ୍ରିୟ ସିଙ୍ଗରଙ୍କ କଣ୍ଠରେ ପ୍ରଚାର ଗୀତ ରେକଡ଼ିଂ କରିବାକୁ ଇଚ୍ଛା ପ୍ରକାଶ କରୁଛନ୍ତି । ସେହିଭଳି ନେତା ଭୁବନେଶ୍ୱର ଓ କଟକ ମୁହାଁ ହେଉଛନ୍ତି । ମାତ୍ର ଆଉ କିଛି ନେତା କମ୍ ବଜେଟ୍‌ରେ ସୀମିତ ରହିବାକୁ ଇଚ୍ଛା କରୁଛନ୍ତି । ସେମାନଙ୍କ ପାଇଁ ପୁରୁଣା ଗୀତର ଟ୍ରାକ୍ ପ୍ରସ୍ତୁତ ହୋଇଛି । ଗାହାଣ, କ୍ୟୁଟ୍ ଗେଲି, ତୋ ଦୁଆରେ ହେବ ଟାଙ୍ଗୁ ମାଡ଼, ସେଦିନୁ ମୁ ହୁନୁ ହୁନୁ ଭଳି ଓଡ଼ିଆ ଗୀତର ଟ୍ରାକ୍ ଚୟନ କରାଯାଇଛି । ଏଥିପାଇଁ ସ୍ଥାନୀୟ ସିଙ୍ଗର ସନ୍ତୋଷ, ସୁଜ୍ଞାନୀ, କାଜଲ ଆଦି ଯୋଗାଯୋଗରେ ଅଛନ୍ତି । ଅଗ୍ରୀମ ପାଇବା ପରେ ଗୀତ ରେକର୍ଡ଼ିଂ ଆରମ୍ଭ ହେବ ବୋଲି ସତ୍ୟନାରାୟଣ କହିଛନ୍ତି। ପ୍ରାର୍ଥୀ ଘୋଷଣା ପରେ ଗୀତ ଚୟନ, ରେକଡ଼ିଂ ହେବ । ଆଗକୁ ନାମାଙ୍କନ ଦାଖଲ ଓ ପ୍ରଚାର ଆରମ୍ଭ ହେବ। ପ୍ରଚାର ମଇଦାନରେ ଏଥର ଶୁଭିବ ଓଡ଼ିଆ, ହିନ୍ଦୀ ଓ ତେଲୁଗୁ ଗୀତ । ଲୋକପ୍ରିୟ ଗୀତର ଟ୍ରାକ୍‌ରେ ଜମିବ ରାଜନୀତି ପ୍ରଚାର ।

# ମହୁମାଛି ଆକ୍ରମଣରେ ୧୫ରୁ ଊର୍ଦ୍ଧ୍ୱ ଆହତ

**ତୁରୁମୁଙ୍ଗା, ନ୍ୟୁଜ୍‌ବ୍ୟୁରୋ**

କେନ୍ଦୁଝର ଜିଲ୍ଲା ତୁରୁମୁଙ୍ଗା ବଜାରରେ ମହୁମାଛି ଆକ୍ରମଣରେ ୧୫ରୁ ଊର୍ଦ୍ଧ୍ୱ ଲୋକ ଆହତ ହୋଇଛନ୍ତି। ଆହତଙ୍କ ମଧ୍ୟରେ କଲେଜ ଛାତ୍ରଛାତ୍ରୀଙ୍କ ସମେତ ବିଦ୍ୟୁତ କାର୍ଯ୍ୟାଳୟର ୩ ଜଣ କର୍ମଚାରୀ ଅଛନ୍ତି। ତୁରୁମୁଙ୍ଗା କଲେଜ ରାସ୍ତାରେ ଯାଉଥିବା ସମୟରେ ବିଦ୍ୟୁତ କାର୍ଯ୍ୟାଳୟ ନିକଟରେ ମହୁମାଛି ଆକ୍ରମଣ କରିଥିଲେ। ବିଦ୍ୟୁତ କାର୍ଯ୍ୟାଳୟ ପରିସରରେ ଏକ ଗଛରେ ଥିବା ମହୁମାଛି ବସାରେ ବାଜ ପକ୍ଷୀ ଆକ୍ରମଣ କରିଥିବାରୁ ମହୁମାଛି ଆକ୍ରମଣ କରିଥିବା ଜଣାପଡ଼ିଛି।

# ପୂର୍ବତଟ ରେଲୱେ ମହିଳା କଲ୍ୟାଣ ସଂଗଠନ, ଖୋର୍ଦ୍ଧା ରୋଡ଼ ଦ୍ୱାରା 'ରନିଂଗି ଷ୍ଟାଫ ପରିବାର ପରାମର୍ଶ' କାର୍ଯ୍ୟକ୍ରମ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ଘରେ ଲୋକୋ ପାଇଲଟ୍ ଏବଂ ଆସିଷ୍ଟାଣ୍ଟ ଲୋକୋ ପାଇଲଟଙ୍କ ସଠିକ୍ ବିଶ୍ରାମ ନିଶ୍ଚିତ କରିବାକୁ, ପରିବାରକୁ ଉତ୍ସାହିତ କରିବା। ଟ୍ରେନର ସୁରକ୍ଷିତ ଚାଲିବା ପାଇଁ ଭାରତୀୟ ରେଳବାଇର ରନିଂଗି ଷ୍ଟାଫ କର୍ମଚାରୀମାନେ ପ୍ରମୁଖ ଭୂମିକା ଗ୍ରହଣ କରୁଛନ୍ତି। ଟ୍ରେନର ନିରାପଦ ଚାଲିବା ନିଶ୍ଚିତ କରିବାକୁ, ରନିଂଗି ଷ୍ଟାଫ କର୍ମଚାରୀମାନେ ସତର୍କ ଏବଂ ଜାଗ୍ରତ ହେବା ଜରୁରୀ। ଏହି ଲକ୍ଷ୍ୟ ସହିତ ପୂର୍ବତଟ ରେଲୱେ ମହିଳା କଲ୍ୟାଣ ସଂଗଠନ, ଖୋର୍ଦ୍ଧା ରୋଡ଼, ଦ୍ୱାରା, ଅଫିସର କ୍ଲବରେ ଲୋକୋ ପାଇଲଟ ଏବଂ ଆସିଷ୍ଟାଣ୍ଟ ଲୋକୋ ପାଇଲଟଙ୍କ ପରିବାର ପାଇଁ ଏକ 'ରନିଂଗି ଷ୍ଟାଫ ପରିବାର ପରାମର୍ଶ' କାର୍ଯ୍ୟକ୍ରମ ଆୟୋଜନ କରାଯାଇଅଛି। ଏହି କାର୍ଯ୍ୟକ୍ରମରେ ପୂର୍ବତଟ ରେଲୱେ ମହିଳା କଲ୍ୟାଣ ସଂଗଠନ, ର ସଭାନେତ୍ରୀ ଗୁର୍ ସିମ୍ରନ୍ କୌର ଏବଂ ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ। ଏହି କାଉନସେଲିଂ କାର୍ଯ୍ୟକ୍ରମ, ଲୋକୋ ପାଇଲଟ ଏବଂ ଆସିଷ୍ଟାଣ୍ଟ ଲୋକୋ ପାଇଲଟଙ୍କ ପରିବାର, କିପରି ନିଜ ପତିଙ୍କୁ ଘରେ ଠିକ୍ ବିଶ୍ରାମ ନିଶ୍ଚିତ କରି ପାରିବେ, ଯାହା ଦ୍ୱାରା, ସେମାନେ ପରବର୍ତ୍ତୀ ଟ୍ରେନ୍ ଯାତ୍ରା ପାଇଁ ନିଜକୁ ପ୍ରସ୍ତୁତ ରୋଖିପରିବେ ଏବଂ ବିପଦ ସଂକେତରେ ପାସ୍ ହେବା (ସିଗ୍‌ନାଲ ପାସ୍ ଏଟ୍ ଡେଞ୍ଜର) ଭୋଳିଆ ପରିସ୍ଥିତିକୁ ଏଡ଼ାଯାଇ ପାରିବ। ଏହି ଅବସରରେ ଉଦ୍‌ବୋଧନ ଦେଇ, ପୂର୍ବତଟ ରେଲୱେ ମହିଳା କଲ୍ୟାଣ ସଂଗଠନର ସଭାନେତ୍ରୀ ଗୁର୍ ସିମ୍ରନ୍ କହିଛନ୍ତି ଯେ, ଟ୍ରେନ୍‌ଗୁଡିକର ସୁରକ୍ଷିତ କାର୍ଯ୍ୟ ପାଇଁ ରନିଂଗି ଷ୍ଟାଫଙ୍କ ପରିବାର ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରନ୍ତି। ତେଣୁ ସେମାନେ ନିଶ୍ଚିତ କରିବାକୁ ପଡିବ ଯେ ପରବର୍ତ୍ତୀ ଟ୍ରେନ୍ ଯାତ୍ରା ପାଇଁ ଯିବା ପୂର୍ବରୁ ସେମାନଙ୍କ ପତି ଉପଯୁକ୍ତ ବିଶ୍ରାମ ନେଇଛନ୍ତି । ପତ୍ନୀ ମାନଙ୍କୁ, ପରିବାର ପ୍ରତି ସେମାନଙ୍କର କର୍ତ୍ତବ୍ୟ ଏବଂ ରନିଂଗି ଷ୍ଟାଫ କର୍ମଚାରୀଙ୍କ ପ୍ରତି ତାଙ୍କର କର୍ତ୍ତବ୍ୟ ମଧ୍ୟ ଏକ ସନ୍ତୁଳନ ବଜାୟ ରଖିବାକୁ ପଡିବ। ସେ ରନିଂଗି ଷ୍ଟାଫଙ୍କ ପତ୍ନୀ ମାନଙ୍କୁ ଠା ରୁ, ଏ ବାବଦରେ ସମ୍ମୁଖୀନ ହେଉଥିବା ସମସ୍ୟା ବିଷୟରେ କଥାବାର୍ତ୍ତା କରିଥିଲେ ଏବଂ ସେମାନଙ୍କୁ ନିୟମ ଅନୁଯାୟୀ ପୂରଣ କରିବାକୁ ସୁନିଶ୍ଚିତ କରିଥିଲେ। ୫୦ରୁ ଅଧିକ ରନିଂ କର୍ମଚାରୀଙ୍କ ପରିବାର ଏହି ପରାମର୍ଶ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମ ଇଲେକ୍ଟ୍ରିକାଲ୍ (ଅପରେସନ୍) ବିଭାଗ ସାହାଯ୍ୟ ରେ ଆୟୋଜନ କରାଯାଇଥିଲା





# ନିର୍ବାଚନରେ ଭୋଟ ହାର ବୃଦ୍ଧି ପାଇଁ ସଚେତନତା କାର୍ଯ୍ୟକ୍ରମକୁ ଅଧିକ ବ୍ୟାପକ କରାଯାଉ: ସିଇଓ

**ଭୁବନେଶ୍ୱର , ନ୍ୟୁଜ ବ୍ୟୁରୋ**

ନିର୍ବାଚନର ପର୍ବ ଦେଶର ଗର୍ବ ହୋଇଥିବାରୁ ଆଗାମୀ ଏକକାଳୀନ ସାଧାରଣ ନିର୍ବାଚନରେ ରାଜ୍ୟର ସମସ୍ତ ଭୋଟର ନିଜ ନିଜର ମତଦାନ କରି ଦେଶ ପାଇଁ ନିଜର କର୍ତବ୍ୟ ନିର୍ବାହ କରିବାକୁ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ନିକୁଞ୍ଜ ବିହାରୀ ଧଳ ଆହ୍ୱାନ ଜଣାଇଛନ୍ତି । ରାଜ୍ୟରେ ଭୋଟ ହାର ବୃଦ୍ଧି ପାଇଁ ନୂତନ କୌଶଳ ଅବଲମ୍ବନ କରି ଯୋଜନାବଦ୍ଧ ଭାବେ ସଚେତନତା କାର୍ଯ୍ୟକ୍ରମକୁ ଅଧିକ ବ୍ୟାପକ କରିବା ପାଇଁ ଜିଲ୍ଲା ନିର୍ବାଚନ ଅଧିକାରୀ, ବ୍ୟବସ୍ଥିତ ଶିକ୍ଷା ଏବଂ ନିର୍ବାଚନରେ ଅଂଶଗ୍ରହଣ (ଏସ୍‌ଭିଇଇପି) ନୋଡାଲ ଅଧିକାରୀ ତଥା ସଂପୃକ୍ତ ସମସ୍ତ କର୍ମକର୍ତାଙ୍କୁ ମୁଖ୍ୟ ନିର୍ବାଚନ ଅଧିକାରୀ ଶ୍ରୀ ଧଳ ନିର୍ଦ୍ଦେଶ ଦେଇଛନ୍ତି । ସୋମବାର ଦିନ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟସ୍ଥ ସମ୍ମିଳନୀ କକ୍ଷରେ ଆୟୋଜିତ ବିଭିନ୍ନ ଜିଲ୍ଲାର ଏସ୍‌ଭିଇଇପି ନୋଡାଲ ଅଫିସରଙ୍କ ସହିତ ବୈଠକରେ ଶ୍ରୀ ଧଳ ରାଜ୍ୟରେ ବିଭିନ୍ନ ଜିଲ୍ଲାରେ ହାତକୁ ନିଆଯାଇଥିବା ସଚେତନତା କାର୍ଯ୍ୟକ୍ରମର ସମୀକ୍ଷା କରି ଏହି ନିର୍ଦ୍ଦେଶ ଦେଇଛନ୍ତି । ବିଶେଷତଃ ସହରାଞ୍ଚଳରେ ରହୁଥିବା ଭୋଟର, ଭୁବନେଶ୍ୱର, କଟକ, ବ୍ରହ୍ମପୁର, ସମ୍ବଲପୁର, ରାଉରକେଲା ଭଳି ବଡ଼ ବଡ଼ ସହରରେ ଥିବା ଭୋଟରମାନଙ୍କର ନିର୍ବାଚନରେ ଅଂଶଗ୍ରହଣ ଉପରେ ଗୁରୁତ୍ୱାରୋପ କରି ଏ ଦିଗରେ ବିହିତ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିଲେ । ଏତଦ୍‌ବ୍ୟତୀତ ମାର୍ଗଦର୍ଶିକା ଅନୁଯାୟୀ ମତଦାନ ତାରିଖ ପୂର୍ବରୁ ବୁଥ୍‌ସ୍ତରରୁ ପ୍ରତି ଭୋଟରଙ୍କୁ ସେମାନଙ୍କର ମତଦାନ ତାରିଖ, ସ୍ଥାନ ସଂପର୍କରେ ଅବଗତ କରାଇବା ଉଦ୍ଦେଶ୍ୟରେ ଭୋଟର ସୂଚନା ସ୍ଲିପ୍ ପ୍ରଦାନ ପ୍ରକ୍ରିୟାକୁ ସୁନିଶ୍ଚିତ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ନିର୍ବାଚନରେ ଭୋଟରମାନଙ୍କ ବହୁଳ ଅଂଶଗ୍ରହଣ ସହିତ ନୈତିକ ଓ ବିବେକାନୁମୋଦିତ ମତଦାନ ଉପରେ ଗୁରୁତ୍ୱ ଆରୋପ କରିଥିଲେ । ବିଶେଷ କରି ଯୁବଭୋଟର, ମହିଳା ଭୋଟର, ବରିଷ୍ଠ ନାଗରିକ, ଭିନ୍ନକ୍ଷମ ଭୋଟରମାନଙ୍କ ନିର୍ବାଚନରେ ଅଂଶଗ୍ରହଣ ପାଇଁ ନିଆଯାଇଥିବା ପଦକ୍ଷେପ, ମତଦାନ କେନ୍ଦ୍ରରେ ହୁଇଲ୍ ଚେୟାର ବ୍ୟବସ୍ଥା, ସ୍ୱେଚ୍ଛାସେବୀ ନିୟୋଜନ, ବୁଥ୍‌ମାନଙ୍କରେ ଆନୁଷଙ୍ଗିକ ବ୍ୟବସ୍ଥା ସଂପର୍କରେ ସମୀକ୍ଷା କରିଥିଲେ । ଏତଦ୍‌ବ୍ୟତୀତ ଅତ୍ୟାବଶ୍ୟକୀୟ ସେବାରେ ଓ ନିର୍ବାଚନ କାର୍ଯ୍ୟରେ ନିୟୋଜିତ ଅଧିକାରୀ, କର୍ମଚାରୀ, ଆରକ୍ଷୀ ବିଭାଗର ଅଧିକାରୀ/ କର୍ମଚାରୀ, ମୋଟର ଯାନ କର୍ମଚାରୀମାନେ କିପରି ନିଜର ମତଦାନ କରିପାରିବେ, ସେ ଦିଗରେ ନିଆଯାଇଥିବା ପଦକ୍ଷେପ ସଂପର୍କରେ ମୁଖ୍ୟ ନିର୍ବାଚନ ଅଧିକାରୀ ଶ୍ରୀ ଧଳ ସୂଚନା ଦେଇଥିଲେ । ବିଗତ ନିର୍ବାଚନରେ ମତଦାନ ହାର କମ୍ ରହୁଥିବା ଅଞ୍ଚଳରେ କିପରି ମତଦାନ ହାର ବୃଦ୍ଧି ପାଇବ ସେ ସଂପର୍କରେ ସୁଚିନ୍ତିତ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିଲେ । ଗ୍ରୀଷ୍ମପ୍ରବାହ ଦୃଷ୍ଟିରୁ ମତଦାନ କେନ୍ଦ୍ରମାନଙ୍କରେ ଆବଶ୍ୟକୀୟ ବ୍ୟବସ୍ଥା କରିବା ପାଇଁ ମଧ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ନିର୍ଦ୍ଦେଶ ଦେଇଥିଲେ । ଏହି ବୈଠକରେ ଭାରତ ନିର୍ବାଚନ ଆୟୋଗଙ୍କ ବରିଷ୍ଠ ଉପଦେଷ୍ଟା ଡ. ସାଧନା ରାଉତ ଉଦ୍‌ବୋଧନ ଦେଇ ଓଡ଼ିଶାରେ ବିଭିନ୍ନ ଜିଲ୍ଲା ପରିଦର୍ଶନବେଳେ ଭୋଟର ସଚେତନତା ଦିଗରେ ନିଆଯାଇଥିବା ପଦକ୍ଷେପ ସନ୍ତୋଷଜନକ ବୋଲି କହିବା ସହ ଏ ପ୍ରକାର କାର୍ଯ୍ୟକ୍ରମ ଆୟୋଜନ ପାଇଁ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ଉଦ୍ୟମକୁ ପ୍ରଶଂସା କରିଥିଲେ । ସମସ୍ତଙ୍କ ସହଯୋଗରେ ଆଗାମୀ ନିର୍ବାଚନରେ ଓଡ଼ିଶାରେ ବିପୁଳ ମତଦାନ ଦେଶର ସଫଳ କାହାଣୀ ହେବ ବୋଲି ସେ ଆଶାବ୍ୟକ୍ତ କରିଥିଲେ । ଅତିରିକ୍ତ ମୁଖ୍ୟ ନିର୍ବାଚନ ଅଧିକାରୀ ଡ. ତିରୁମାଲା ନାୟକ, ଅତିରିକ୍ତ ମୁଖ୍ୟ ନିର୍ବାଚନ ଅଧିକାରୀ ଶତ୍ରୁଘ୍ନ କର ଏବଂ ଭାରତ ନିର୍ବାଚନ ଆୟୋଗଙ୍କ ଅଣ୍ଡର ସେକ୍ରେଟାରୀ ଲବକୁଶ ଯାଦବ ବୈଠକରେ ମତ ଉପସ୍ଥାପନ କରିଥିବାବେଳେ ଉପମୁଖ୍ୟ ନିର୍ବାଚନ ଅଧିକାରୀ ପଦ୍ମଜା ଦାଶ ଧନ୍ୟବାଦ ଅର୍ପଣ କରିଥିଲେ । ସୂଚନାଯୋଗ୍ୟ ଯେ ରାଜ୍ୟର ସମସ୍ତ ଜିଲ୍ଲାର ଏସ୍‌ଭିଇଇପି ନୋଡାଲ ଅଫିସରମାନେ ନିଜ ନିଜ ଜିଲ୍ଲାର ଭୋଟର ସଚେତନତା କାର୍ଯ୍ୟକ୍ରମ ସଂପର୍କରେ ତଥ୍ୟ ଉପସ୍ଥାପନ କରିଥିଲେ ।

# ପ୍ରଥମ ଓଡ଼ିଆ ଭାବେ ଭାରତୀୟ କୃଷି ଅନୁସନ୍ଧାନ ପରିଷଦର ଅର୍ଥକାରୀ ଫସଲ ବିଭାଗର ସହକାରୀ ମହା ନିର୍ଦ୍ଦେଶକ ହେଲେ ଡଃ ପ୍ରଶାନ୍ତ କୁମାର ଦାଶ

**ଭୁବନେଶ୍ୱର, ୯/୪ ନ୍ୟୁଜ ବ୍ୟୁରୋ**



ଡଃ ପ୍ରଶାନ୍ତ କୁମାର ଦାଶ ପ୍ରଥମ ଓଡ଼ିଆ ଭାବରେ ନୂଆ ଦିଲ୍ଲୀ ସ୍ଥିତ ଭାରତୀୟ କୃଷି ଅନୁସନ୍ଧାନ ପରିଷଦର ଅର୍ଥକାରୀ ଫସଲ ବିଭାଗରେ ସହକାରୀ ମହା ନିର୍ଦ୍ଦେଶକ ପଦରେ ଯୋଗ ଦେଇଛନ୍ତି । ଏହା ପୂର୍ବରୁ ସେ ରାଷ୍ଟ୍ରୀୟ ପାଦପ ବାୟୋଟେକ୍ନୋଲୋଜି ପ୍ରତିଷ୍ଠାନରେ ପ୍ରଧାନ ବୈଜ୍ଞାନିକ ହିସାବରେ କାର୍ଯ୍ୟ କରୁଥିଲେ । ଡଃ ଦାଶ ଜଣେ ମେଧାବୀ ଛାତ୍ର ଥିଲେ । ସେ ଓୟୁଏଟିରୁ କୃଷି ବିଜ୍ଞାନରେ ସ୍ନାତକ, ଆଇ .ଏ .ଆର୍ .ଆଇ. ର ସ୍ନାତକୋତ୍ତର ଓ ପିଏଚଡ଼ି ଏବଂ ଆମେରିକା ସ୍ଥିତ କାର୍ଲିଫର୍ଣ୍ଣିଆ ବିଶ୍ୱ ବିଦ୍ୟାଳୟ ଓ ସଲକ୍ ଇନଷ୍ଟିଚ୍ୟୁଟ୍ ଅଫ ବାୟୋଲୋଜିରୁ ପୋଷ୍ଟ ଡକ୍ଟରାଲ ଫେଲୋ ଡିଗ୍ରୀ ହାସଲ କରିଛନ୍ତି । ତାଙ୍କର ୨୫ ବର୍ଷର ଗବେଷଣା ଭିତରେ ସେ ୭୫ ଟି ସନ୍ଦର୍ଭ ରାଷ୍ଟ୍ରୀୟ ଓ ଅନ୍ତ ରାଷ୍ଟ୍ରୀୟ ଜର୍ନାଲରେ ପ୍ରକାଶିତ କରିଛନ୍ତି । ୨୧ ଟି ଛାତ୍ରଙ୍କୁ ଗାଇଡ୍ କରିଛନ୍ତି ଓ ୫ଟି ଧାନ କିସମ ମଧ୍ୟ ବିକଶିତ କରିଛନ୍ତି । ସେ ଜଣେ ଉଚ୍ଚ କୋଟୀର ବୈଜ୍ଞାନିକ ହିସାବରେ ବହୁ ରାଷ୍ଟ୍ରୀୟ ଓ ଅନ୍ତ ରାଷ୍ଟ୍ରୀୟ ପୁରସ୍କାର ରେ ସମ୍ମାନିତ । ଡଃ ପ୍ରଶାନ୍ତ କୁମାର ଦାଶ ପ୍ରସିଦ୍ଧ ସ୍ତ୍ରୀ ରୋଗ ବିଶେଷଜ୍ଞ ଡଃ କିଶୋର ଚନ୍ଦ୍ର ଦାଶ ଓ ଶ୍ରୀମତୀ ସ୍ୱର୍ଣ୍ଣଲତା ଦାଶଙ୍କର ସୁପୁତ୍ର ଅଟନ୍ତି । ତାଙ୍କର ତତ୍ତ୍ୱାବଧାନରେ ଅର୍ଥକାରୀ ଫସଲ ଆହୁରି ଉଚ୍ଚ ସ୍ଥାନ ପ୍ରାପ୍ତ କରିବ ବୋଲି ତାଙ୍କ ଶୁଭେଚ୍ଛୁ ଓ ଓଡ଼ିଶାବାସୀ ଆଶା ବ୍ୟକ୍ତ କରିଛନ୍ତି ।

# ରାଜଧାନୀରେ ପୁଣି ମାତିଲେ ଆପାର୍ଟମେଣ୍ଟ ଲୁଟେରା

**ଭୁବନେଶ୍ୱର, ୯/୪ ନ୍ୟୁଜ ବ୍ୟୁରୋ**

ରାଜଧାନୀରେ ପୁଣି ମାତିଲେ ଆପାର୍ଟମେଣ୍ଟ ଲୁଟେରା । ପାହାଳ ମେଟ୍ରୋ ସାଟେଲାଇଟ ସିଟିରୁ ସିରିଜି ଲୁଟ୍ କରି କମିଶନରେଟ ପୋଲିସକୁ ଦେଇଛନ୍ତି ଖୋଲା ଚାଲେଞ୍ଜ । ବିଳମ୍ବିତ ରାତିରେ କିଛି ଲୁଟେରା ଏହି ଆପାର୍ଟମେଣ୍ଟର ବି ବ୍ଲକ ୩୦୩ ଏବଂ ସି ବ୍ଲକର ୩୦୮ ଫ୍ଲାଟରେ ତାଲା ଭାଙ୍ଗି ପଶିଥିଲେ । ସୁନା ଅଳଙ୍କାର ସହ ଟଙ୍କା ଲୁଟି ନେଇଛନ୍ତି । ଲୁଟର ଏହି ଭିଡିଓ ସିସିଟିଭି କ୍ୟାମେରାରେ କଏଦ ହୋଇଛି । ତେବେ ଧରା ନପଡ଼ିବା ପାଇଁ ମୁହଁରେ ମୁଖା ପିନ୍ଧିବା ସହ ଗାମୁଛା ପିନ୍ଧି ଲୁଟ୍ କରିଛନ୍ତି ଏହି ଅଭିଯୁକ୍ତ ।

# ବିକାଶ କାମ ପାଇଁ ମୁଖ୍ୟମନ୍ତ୍ରୀ ଓ ୫-ଟି ଅଧକ୍ଷଙ୍କୁ ଧନ୍ୟବାଦ ଜଣାଇଲେ ବିଭିନ୍ନ ସଂଗଠନର କର୍ମକର୍ତ୍ତା

**ଭୁବନେଶ୍ୱର, ୯/୪ ନ୍ୟୁଜ ବ୍ୟୁରୋ**



ନବୀନ ନିବାସରେ ବିଭିନ୍ନ ସଂଗଠନର ଭିଡ଼ । ବିକାଶମୂଳକ କାର୍ଯ୍ୟକ୍ରମ ପାଇଁ ମୟୂରଭଞ୍ଜ ଓ ସମ୍ବଲପୁରର ବିଭିନ୍ନ ସଂଗଠନର କର୍ମକର୍ତ୍ତା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ୫-ଟି ଅଧକ୍ଷଙ୍କୁ ଧନ୍ୟବାଦ ଜଣାଇଛନ୍ତି । ମୟୂରଭଞ୍ଜ ଜିଲ୍ଲାର ଭୁଇଆ, ହୋ, ସାନ୍ତାଳ, ଭୂମିଜ, ବାଥୁଡ଼ି, ମୁଣ୍ଡା ଆଦି ସମ୍ପ୍ରଦାୟର କର୍ମକର୍ତ୍ତାମାନେ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ଧନ୍ୟବାଦ ଦେବା ସହ ଆଗାମୀ ନିର୍ବାଚନରେ ଷଷ୍ଠ ଥର ମୁଖ୍ୟମନ୍ତ୍ରୀ କରିବାକୁ ସଂକଳ୍ପ ନେଇଛନ୍ତି । ସେହିପରି ସମ୍ବଲପୁର ଗଣ୍ଡ ଆଉ କିଶାନ କମିଟି ସଦସ୍ୟମାନେ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ଧନ୍ୟବାଦ ଜଣାଇଛନ୍ତି । ଓଡ଼ିଶାରେ ରୂପାନ୍ତରଣ ନୂଆ ଯୁଗ ଆରମ୍ଭ ହେବା ସହ ସାଧାରଣ ଲୋକଙ୍କ ପାଇଁ ମୁଖ୍ୟମନ୍ତ୍ରୀ କରିଥିବା ବିଭିନ୍ନ ଯୋଜନାରେ ଲୋକେ ଉପକୃତ ହୋଇଥିବାରୁ ସମ୍ବଲପୁରବାସୀଙ୍କ ତରଫରୁ ଧନ୍ୟବାଦ ଦେଇଛନ୍ତି ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ସମସ୍ତ ସମ୍ପତ୍ତିର...

କରିପାରିବେ ବୋଲି ସୁପ୍ରିମକୋର୍ଟ କହିଛନ୍ତି ।

ପ୍ରାର୍ଥୀ ନିଜର ପୋଷାକ, ଜୋତା, ବାସନକୁସନ, ଷ୍ଟେସନାରୀ, ଫର୍ଣ୍ଣିଚର ଭଳି ସମସ୍ତ ସମ୍ପତ୍ତିର ଖୁଲାସା କରିବା ଆବଶ୍ୟକ ନୁହେଁ । ଯଦି ଅତ୍ୟନ୍ତ ଜରୁରୀ ଥାଏ ତେବେ ପ୍ରାର୍ଥୀ ନିଜ ସମସ୍ତ ସମ୍ପତ୍ତିର ତାଲିକା ପ୍ରକାଶ କରିବେ । ଅରୁଣାଚଳରୁ ତେଜୁ ବିଧାନଭାରେ ସ୍ୱାଧୀନ ବିଧାୟକ ଥିବା କାରିଖୋ କ୍ରିଙ୍କ ନିର୍ବାଚନକୁ ରଦ୍ଦ କରିବା ପାଇଁ ହୋଇଥିବା ଆବେଦନକୁ ଖାରଜ କରି ସୁପ୍ରିମକୋର୍ଟ ଏହା କହିଛନ୍ତି । ଏଥିସହ ଏହି ମାମଲାର ଶୁଣାଣି କରି ଜଷ୍ଟିସ ଅନିରୁଦ୍ଧ ବୋଷ ଓ ଜଷ୍ଟିସ ସଞ୍ଜୟ କୁମାରଙ୍କ ଖଣ୍ଡପୀଠ ତାଙ୍କ ବିଧାୟକ ପଦକୁ କାଏମ ରଖିଛନ୍ତି ।

ନିର୍ବାଚନ ପାଇଁ ନାମାଙ୍କନ ଦାଖଲ କରିବା ବେଳେ କାରିଖୋ କ୍ରି ନିଜ ନାମାଙ୍କନ ପତ୍ରରେ ସମସ୍ତ ସମ୍ପତ୍ତିର ତାଲିକା ପ୍ରକାଶ କରିନଥିଲେ । ନିଜ ପତ୍ନୀ ଓ ପୁଅ ନାଁରେ ଥିବା ତିନୋଟି ଗାଡିର ଖୁଲାସା ସେ କରିନଥିଲେ । ଏହାକୁ ନେଇ ତାଙ୍କ ନିର୍ବାଚନ ରଦ୍ଦ କରିବାକୁ କୋର୍ଟରେ ଆବେଦନ ହୋଇଥିଲା ।

## ଗୃହ ମନ୍ତ୍ରଣାଳୟକୁ ...

ସେ ଚିଠିରେ ଦିଲ୍ଲୀ ସରକାରଙ୍କ ମନ୍ତ୍ରୀମାନଙ୍କ ବିରୋଧରେ ଅଭିଯୋଗ ଆଣିଛନ୍ତି । ଯେ, ସେମାନେ କୌଣସି ବୈଠକରେ ଯୋଗଦେବାକୁ ମନା କରୁଛନ୍ତି । ଉପରାଜ୍ୟପାଳ ଜଳ, ଶିକ୍ଷା, ସ୍ୱାସ୍ଥ୍ୟ, ପରିବହନ ଏବଂ ବନ ବିଭାଗର ମନ୍ତ୍ରୀମାନଙ୍କର ଏକ ବୈଠକ ଡକାଇବାକୁ ନିଷ୍ପତ୍ତି ନେଇଥିଲେ । କିନ୍ତୁ ମନ୍ତ୍ରୀମାନେ ନିର୍ବାଚନ ଆଦର୍ଶ ଆଚରଣ ବିଧି ଲାଗୁ ହୋଇଥିବା ନେଇ ବୈଠକରେ ସାମିଲ ହେବାକୁ ମନା କରିଦେଇଥିଲେ ।

କେଜ୍ରିଓ୍ୱାଲଙ୍କ ଗିରଫ ପରେ ସରକାରୀ ଶାସନରେ କୌଣସି ବାଧା ଯେପରି ନ ଉପୁଜିବ ସେଥିପାଇଁ ବୈଠକ ଡକା ଯାଇଥିବା ଉପରାଜ୍ୟପାଳ ଚିଠିରେ ଉଲ୍ଲେଖ କରିଛନ୍ତି । ତେବେ ଉପରାଜ୍ୟପାଳଙ୍କ ଚିଠି ଲେଖିବା ନେଇ ମନ୍ତ୍ରୀ ସୌରଭ ଭରଦ୍ୱାଜ ଆପତ୍ତି ଉଠାଇଛନ୍ତି । ସେ କହିଛନ୍ତି ଲୋକେ ଉପରାଜ୍ୟପାଳଙ୍କୁ ସମ୍ବିଧାନ ଭାବେ ବିବେଚନା କରିବା ଉଚିତ । ସେ ଜଳ, ସ୍ୱାସ୍ଥ୍ୟ, ପରିବେଶ ନେଇ ଆଲୋଚନା କରୁଛନ୍ତି । ଏହା ତାଙ୍କର କ୍ଷମତା ଭିତରେ ଆସୁନାହିଁ । ଏହା ସରକାରଙ୍କ କ୍ଷମତା ମଧ୍ୟରେ ଆସୁଛି । ଏନେଇ ସରକାର ନିଷ୍ପତ୍ତି ନେବେ । ଏଥିରେ ଉପରାଜ୍ୟପାଳ ହସ୍ତକ୍ଷେପ କରିବା ଠିକ ନୁହେଁ । ଉପରାଜ୍ୟପାଳଙ୍କୁ ମନ୍ତ୍ରୀଙ୍କର ବୈଠକ ଡକାଇବାର କୌଣସି ଅଧିକାର ନାହିଁ । ଏପରିସ୍ଥଳେ ଏଏପି ବିଧାୟକ ମଦନଲାଲ ଦାବି କରିଛନ୍ତି ଯେ, ବିଜେପି କେଜ୍ରିଓ୍ୱାଲଙ୍କ ଉପରେ ଇସ୍ତଫା ଦେବାକୁ ଚାପ ପକାଉଛି ।

## ମାଳଦ୍ୱୀପରେ ଗୁପ୍ତ ...

ଆର୍ମି ସହିତ ନିବିଡ଼ ସମ୍ପର୍କ ରହିଛି ବୋଲି କୁହାଯାଉଛି । ଏହି କମ୍ପାନୀ ଶ୍ରୀଲଙ୍କାର ହମ୍ବନଟାଟା ବନ୍ଦରରେ ନିର୍ମାଣ କାର୍ଯ୍ୟ ତଦାରଖ କରୁଥିଲା । ଏହି ବନ୍ଦରକୁ କମ୍ପାନୀ ୯୯ ବର୍ଷ ଲିଜ୍‌ରେ ନେଇଛି ।

ଫେୟଜଙ୍କ ଅନୁସାରେ ଚୀନ କମ୍ପାନୀ ଗଛ ଲଗାଇବ ନାହିଁ । କମ୍ପାନୀ ସେଠାରେ ସମାରିକ କାର୍ଯ୍ୟ କଳାପ ବୃଦ୍ଧି କରିବ । ତେବେ ଏହାକୁ ନେଇ ଭାରତର ଚିନ୍ତା ବଢିବାରେ ଲାଗିଛି । ମାଳଦ୍ୱୀପରୁ ଚୀନ ଭାରତ ପ୍ରତିରକ୍ଷା ବିକାଶ ଉପରେ ସହଜରେ ନଜର ରଖିବା ସହିତ ଭାରତ ମହାସାଗରୀୟ ଅଞ୍ଚଳରେ ଚୀନ ନିଜର ଆଧିପତ୍ୟ ବିସ୍ତାର କରି ପାରିବ ।

## ଓଡ଼ିଶାକୁ ଆନ୍ଧ୍ରର ...

ଲୋକଙ୍କୁ ବିଭିନ୍ନ ଆଳରେ ଅସୁବିଧାରେ ପକାଉଛନ୍ତି । ଏପରିକି ଲୋକଙ୍କ ବିରୋଧରେ ମିଥ୍ୟା ମାମଲା ରୁଜୁ କରିବାକୁ ଭୟ ଦେଖାଉଛନ୍ତି । ଏଥିପାଇଁ ପାର୍ବତୀପୁରମ ମାନ୍ୟମ ଜିଲ୍ଲାପାଳ, ଏସ୍‌ପି ଏବଂ ପିଓ ଆଇଟିଡିଏ ଦୃଷ୍ଟି ଦେବା ଆବଶ୍ୟକ । ସମ୍ବେଦନଶୀଳ ପ୍ରସଙ୍ଗ ହୋଇଥିବାରୁ ମୁଖ୍ୟ ଶାସନ ସଚିବଙ୍କ ସହ ଜିଲ୍ଲାପାଳ ଏହି ବିଷୟରେ ଆଲୋଚନା କରନ୍ତୁ ବୋଲି ସେ ପରାମର୍ଶ ଦେଇଛନ୍ତି ।

ଏହି ଭିଡିଓରେ ଆହୁରି ଗୋଟିଏ ବ୍ୟତିକ୍ରମ ସାମ୍ନାକୁ ଆସିଛି । ରାଜନ୍ନା ଦୋରା ଯେତିକି ଥର କୋଟିଆ ନାଁ ନେଇଛନ୍ତି, ପ୍ରତ୍ୟେକ ଥର କହିଛନ୍ତି ଆମ କୋଟିଆ ଯେମିତି ଓଡ଼ିଶା ସରକାର ଆମ ଲୋକଙ୍କୁ ଅସୁବିଧାରେ ପକାଉଛନ୍ତି । ଅଧିକାରୀ ଏବଂ ନେତାଙ୍କ ଦ୍ୱାରା ଆମ କୋଟିଆବାସୀ ହଇରାଣ ହେଉଛନ୍ତି । ସେହିପରି ଆନ୍ଧ୍ର ମୁଖ୍ୟ ଶାସନ ସଚିବ ମଧ୍ୟ ଏହି ବିଷୟରେ ଓଡ଼ିଶା ସହ ଆଲୋଚନା କରିବାର ଆବଶ୍ୟକତା ରହିଛି । ଆବଶ୍ୟକ ପଡ଼ିଲେ ଓଡ଼ିଶା ବିରୋଧରେ ସୁପ୍ରିମକୋର୍ଟଙ୍କୁ ଅବଗତ କରାଇବା ପାଇଁ ଆହ୍ୱାନ ଦେଇଛନ୍ତି । କୋଟିଆରେ ମୁକ୍ତ, ସ୍ୱଚ୍ଛ ଏବଂ ଅବାଧ ନିର୍ବାଚନ କରିବା ଆନ୍ଧ୍ର ଅଧିକାରୀଙ୍କ ଦାୟିତ୍ୱ । ଯଦି ଏଥିରେ ଓଡ଼ିଶାର ପ୍ରଶାସନିକ ଅଧିକାରୀ କିମ୍ବା ରାଜନେତା ହସ୍ତକ୍ଷେପ କରନ୍ତି, କୋର୍ଟରେ ମକଦ୍ଦମା ହେବା ଦରକାର ବୋଲି ରାଜନ୍ନା କହିଛନ୍ତି ।

## ନିର୍ବାଚନ ପୂର୍ବରୁ...

କୋର୍ଟରେ ପ୍ରତିଶ୍ରୁତି ଦେବାର କିଛି ଦିନ ମଧ୍ୟରେ ସେ ତାମିଲନାଡୁ ମୁଖ୍ୟମନ୍ତ୍ରୀଙ୍କ ବିରୋଧରେ ଅପମାନଜନକ ମନ୍ତବ୍ୟ ଦେଇଥିଲେ । ତାମିଲନାଡୁ ସରକାରଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ମୁକୁଲ ରୋହତଗି ଦାବି କରିଥିଲେ ଯେ ୟୁଟ୍ୟୁବରଙ୍କୁ ଅପମାନଜନକ ମନ୍ତବ୍ୟ ଦେବାରୁ ରୋକିବା ପାଇଁ ତାଙ୍କ ଉପରେ କଠୋର ସର୍ତ୍ତ ଲାଗୁ କରାଯାଉ । ଏହାର ଜବାବରେ ଖଣ୍ଡପୀଠ କହିଛନ୍ତି, କଣ ଅପମାନଜନକ ଓ କଣ ନୁହେଁ ତାହା ଏହି ଅଦାଲତ ସ୍ଥିର କରିବେ ।

ଉଲ୍ଲେଖଯୋଗ୍ୟ, ଶାନ୍ତି ଶୃଙ୍ଖଳା ଭଙ୍ଗ କରିବା ଉଦ୍ଦେଶ୍ୟରେ ଏସ୍. ଷ୍ଟାଲିନଙ୍କ ବିରୋଧରେ ଅପମାନସୂଚକ ମନ୍ତବ୍ୟ ଦେଇଥିବା ଅଭିଯୋଗ ହୋଇଥିଲା । ଜଣେ ଡିଏମକେ ନେତା ଏ ନେଇ ଅଭିଯୋଗ କରିବା ପରେ ପୁଲିସ ୨୦୨୧ ଅକ୍ଟୋବରରେ ତାଙ୍କୁ ଗିରଫ କରିଥିଲା । ୨୦୨୧ ନଭେମ୍ବରରେ ମାଡ୍ରାସ ହାଇକୋର୍ଟ ତାଙ୍କୁ ପ୍ରଥମେ ଜାମିନ ଦେଇଥିଲେ । କିନ୍ତୁ ପରେ ହାଇକୋର୍ଟର ଏକ ଖଣ୍ଡପୀଠ ତାହାକୁ ପ୍ରତ୍ୟାହାର କରିନେଇଥିଲେ । ଏହାକୁ ସେ ସୁପ୍ରିମ କୋର୍ଟରେ ଚ୍ୟାଲେଞ୍ଜ କରିଥିଲେ ।

## ଏବେ ଛତିଶଗଡ଼ ...

ନକ୍ସଲଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବ ।

ଛତିଶଗଡ଼ ବିଜାପୁରରେ ଏଭଳି ରଣନୀତି ବେଶ ସଫଳ ହୋଇଥିବା କୁହାଯାଉଛି । ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ନକ୍ସଲ ବିରୋଧୀ ଅଭିଯାନ ଏସ୍‌ଆଇବି ଓ ଆଇବି ତଥ୍ୟ ଆଧାରରେ କାର୍ଯ୍ୟକାରୀ ହେବ । ଆକାଶ ମାର୍ଗରୁ ନକ୍ସଲ ପ୍ରଭାବିତ ଜିଲ୍ଲାମାନଙ୍କର ଗତିବିଧିର ତଦାରଖ ହେବ । ଭାରତୀୟ ବାୟୁସେନା ହେଲିକପ୍ଟର ମଧ୍ୟ ମାଓପ୍ରବଣ ଇଲାକାର ସ୍ଥିତି ପରଖ ଅତ୍ୟାଧୁନିକ ୟୁନିଫାଏଡ କମାଣ୍ଡ ସେଣ୍ଟର ସ୍ଥାପନ ସହ ୨୪ ଘଣ୍ଟା ଫୋର୍ସ ମୁତୟନ ରହିବେ । ଗୁଇନ୍ଦା ସୂଚନା ମିଳିବା ପରେ ତାହାର ସତ୍ୟାସତ୍ୟ ଯାଞ୍ଚ କରାଯିବ ଓ ସୁରକ୍ଷା ବଳ ମୁତୟନ ପାଇଁ ଦାୟିତ୍ୱରେ ଥିବା ଅଧିକାରୀଙ୍କୁ କୁହାଯିବ । ଯବାନମାନଙ୍କ ସୁରକ୍ଷାକୁ ବିଶେଷ ଧ୍ୟାନ ଦିଆଯାଇ ଅଭିଯାନ ପାଇଁ ଯୋଜନା ପ୍ରସ୍ତୁତ ହେବ ବୋଲି ଜଣାପଡ଼ିଛି ।

## ମାଛ କିଲୋ ୬ ...

ନିଲାମ ହୋଇଥିଲା । ଏହି ୧୭ଟି ତେଲିଆ ବୋରେହି ମାଛ ୧୮ ଲକ୍ଷ ଟଙ୍କାରେ ନିଲାମ ହୋଇଥିଲା । କିନ୍ତୁ ଜାଲରେ ପଡିଥିବା ମାଛ ଗୁଡିକ ଅଣ୍ଡିରା ପ୍ରଜାତିର ତେଲିଆ ବୋରେହି ହୋଇଥିବାରୁ ଏହାର ମୁଲ୍ୟ ବାହାର ବଜାରରେ କିଲୋପ୍ରତି ୯ ହଜାରରୁ ୧୦ ହଜାର ହେବ ବୋଲି ଆକଳନ କରାଯାଉଛି । ନିଲାମ ପରେ ଦିଘା ଗଲା ଏହି ମାଛ । ଏହି ମାଛର ଅନ୍ତ ଓ ପୁଚ୍ଛିକୁ ମେଡିସିନ ପାଇଁ ବ୍ୟବହାର କରାଯାଇଥାଏ ଏବଂ ବିଦେଶରେ ଏହି ମାଛ ପୁଚ୍ଛିର ଚାହିଦା ଢେର ଅଧିକ ରହିଛି । ଦିଘା ବଜାରରେ ଏହି ୧୭ ଟି ମାଛର ମୁଲ୍ୟ ପାଖାପାଖି ୨୮ ରୁ ୩୦ ଲକ୍ଷ ହେବ ବୋଲି ଆକଳନ କରାଯାଉଛି ।

## ୧୩ ପରଠୁ ...

ପୁରୀରେ ୩୨.୮, କେନ୍ଦୁଝରରେ ୩୨.୪, ଭୁବନେଶ୍ୱରରେ ୩୧, ରାଉରକେଲାରେ ୩୦.୨, ଝାରସୁଗୁଡ଼ାରେ ୨୭.୬, ସମ୍ବଲପୁରରେ ୨୫.୮ ଓ ହୀରାକୁଦରେ ୨୫.୨ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଥିଲା ।

## ସଂଗଠିତ ପ୍ରଚାର...

ହୋଇଛି । ନବୀନ ପଟ୍ଟନାୟକ ସରକାରଙ୍କ ବିରୋଧରେ ପ୍ରଚାର କଲାଭଳି କୌଣସି ବିଷୟ ବିରୋଧୀଙ୍କ ପାଖରେ ନାହିଁ ବରଂ ସବୁକ୍ଷେତ୍ରରେ ଓଡ଼ିଶାର ଉଲ୍ଲେଖନୀୟ ବିକାଶ ହୋଇଥିବାରୁ ସାରା ଦେଶରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଛନ୍ତି । ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ନବୀନଙ୍କ ବିକାଶ ମଡେଲକୁ ପ୍ରଶଂସା କରାଯିବା ସହ ସ୍ୱୀକୃତି ମଧ୍ୟ ମିଳିଛି । ନବୀନ ସରକାରଙ୍କ ଶାସନର ସଫଳତା ଓ ବିକାଶ କାର୍ଯ୍ୟକ୍ରମକୁ ଲୋକେ ଗ୍ରହଣ କରିଛନ୍ତି ଏବଂ ପୁନର୍ବାର ତାଙ୍କୁ ଷଷ୍ଠଥର ପାଇଁ ମୁଖ୍ୟମନ୍ତ୍ରୀ କରିବାକୁ ମନସ୍ଥ ମଧ୍ୟ କରିଛନ୍ତି । ଏହି ଦୃଷ୍ଟିରୁ ୨୦୨୪ ନିର୍ବାଚନରେ ବିଜେଡ଼ିର ବିଜୟ ପଥ ସଂପୂର୍ଣ୍ଣ ପରିଷ୍କାର ବୋଲି ରାଜନୈତିକ ସମୀକ୍ଷକ ଆକଳନ କରିଛନ୍ତି ।

ଏପ୍ରିଲ ୨ରେ ବିଧାନସଭା ନିର୍ବାଚନ ପାଇଁ ବିଜେପିର ପ୍ରାର୍ଥୀ ତାଲିକା ଘୋଷଣା କରାଯିବା ପରଠାରୁ ଦଳରେ ଆରମ୍ଭ ହୋଇଥିବା ଅସନ୍ତୋଷ ପ୍ରତିବାଦ ଏପର୍ଯ୍ୟନ୍ତ ବନ୍ଦ ହୋଇନାହିଁ । ମଙ୍ଗଳବାର ଧର୍ମଶାଳା ନିର୍ବାଚନ ମଣ୍ଡଳୀର ଘୋଷିତ ପ୍ରାର୍ଥୀଙ୍କ ବିରୋଧରେ ପୁନର୍ବାର ପାର୍ଟି ଅଫିସ୍‌ରେ ବିକ୍ଷୋଭ ଓ ପ୍ରତିବାଦ କରାଯାଇଥିଲା । ସେହିପରି ଜଗତସିଂହପୁର ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ଘୋଷିତ ପ୍ରାର୍ଥୀଙ୍କ ବିରୋଧରେ ମଧ୍ୟ ଅନୁରୂପଭାବେ ଆଶାୟୀ ପ୍ରାର୍ଥୀ ତାଙ୍କ ସମର୍ଥକମାନଙ୍କୁ ଧରି ଶକ୍ତି ପ୍ରଦର୍ଶନ କରିଥିଲେ । ଦଳୀୟ ନେତୃତ୍ୱ ଏହି ସମସ୍ୟାର ସମାଧାନ ନକଲେ ପ୍ରତିବାଦ ଜାରି ରହିବ ବୋଲି ବିକ୍ଷୋଭକାରୀ ଦଳୀୟ ନେତା ଓ କର୍ମୀମାନେ ଚେତାବନୀ ଶୁଣାଇଥିଲେ । ସେହିପରି କଂଗ୍ରେସ ଦଳରେ ମଧ୍ୟ ପ୍ରାର୍ଥୀ ଓ ଆଶାୟୀ ପ୍ରାର୍ଥୀଙ୍କ ମଧ୍ୟରେ ବଳ କଷାକସି ଚାଲୁ ରହିଛି । କଂଗ୍ରେସ ଭବନରେ ମଙ୍ଗଳବାର ଜଟଣୀ ବିଧାନସଭା ଆସନ ପାଇଁ ଆଶାୟୀ ପ୍ରାର୍ଥୀ ତାଙ୍କର ସମର୍ଥକଙ୍କୁ ଧରି ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ହେଲେ ସେଠାରେ ଦଳର କୌଣସି ନେତା ସମସ୍ୟା ଶୁଣିବାକୁ ଆସିନଥିଲେ ।

ନିର୍ବାଚନ ପାଖେଇ ଆସୁଥିବା ବେଳେ ବିରୋଧୀ ଦଳ ଏପର୍ଯ୍ୟନ୍ତ ଏକଜୁଟ୍ ହୋଇପାରି ନାହାନ୍ତି । ଉଭୟ ବିଜେପି ଓ କଂଗ୍ରେସରେ ଗୋଷ୍ଠୀ କନ୍ଦଳ ଲାଗି ରହିଛି । ଯାହା ଶାସକ ଦଳ ପାଇଁ ଅପୂର୍ବ ସୁଯୋଗ ବୋଲି କୁହାଯାଉଛି । ଗୋଳିଆ ପାଣିରୁ ମାଛ ମାରିଲା ଭଳି ଶାସକ ଦଳର ପ୍ରାର୍ଥୀ ଏହି ପରସ୍ଥିତିରୁ ଫାଇଦା ଉଠାଇବା ଲାଗି ଭରପୂର ଉଦ୍ୟମରେ ଲାଗିପଡିଛନ୍ତି । ତେବେ ବିଜେଡ଼ିର ଲୋକସଭା ଓ ବିଧାନସଭା ପ୍ରାର୍ଥୀ ଏକାଠି ହୋଇ ନିର୍ବାଚନ ପ୍ରଚାର ଅଭିଯାନ ଆରମ୍ଭ କରିଛନ୍ତି । ମୁଖ୍ୟତଃ ଭୁବନେଶ୍ୱର ନିର୍ବାଚନ ମଣ୍ଡଳୀରେ ବିଜେଡ଼ି ଲୋକସଭା ପ୍ରାର୍ଥୀ ମନ୍ମଥ ରାଉତରାୟ, ଉତ୍ତର ବିଧାୟକ ପ୍ରାର୍ଥୀ ସୁଶାନ୍ତ ରାଉତ, ଜଟଣୀ ବିଧାୟକପ୍ରାର୍ଥୀ ବିଭୂତି ବଳବନ୍ତ ରାୟଙ୍କ ସହ ମିଶି ବିଭିନ୍ନ ଅଞ୍ଚଳରେ ପ୍ରଚାର କରିବା ସହ ଲୋକଙ୍କୁ ଭେଟି ଆଲୋଚନା କରିଛନ୍ତି । ସେହିପରି ବିଜେଡ଼ି ପ୍ରାର୍ଥୀ ନୃସିଂହ ସାହୁ, ପ୍ରଫୁଲ୍ଲ ମଲ୍ଲିକ ନିଜ ନିଜ ନିର୍ବାଚନ ମଣ୍ଡଳୀରେ ପ୍ରଚାର ଆରମ୍ଭ କରିଛନ୍ତି । ବ୍ରଜରାଜନଗର ନିର୍ବାଚନ ମଣ୍ଡଳୀରୁ କଂଗ୍ରେସ ବିଧାୟକ ପ୍ରାର୍ଥୀ କିଶୋର ପଟେଲ ତାଙ୍କ ନିର୍ବାଚନ ପ୍ରଚାର ଆରମ୍ଭ କରିଥିବା ଜଣାପଡିଛି ।

# ମୁକ୍ତିମଣ୍ଡପ ପଣ୍ଡିତସଭାର ଭୁଲ୍ ନିଷ୍ପତ୍ତି ବିରୋଧରେ ହାଇକୋର୍ଟରେ ମାମଲା



**କଟକ, ୯/୪ ନ୍ୟୁଜ ବ୍ୟୁରୋ**

ଅଧିବର୍ଷ କାରଣରୁ ୨୦୨୪ ମସିହା ୩୬୫ ଦିନ ବଦଳରେ ୩୬୬ ଦିନ ହେଉଥିବାରୁ ଏ ବର୍ଷ ୧୪ ବଦଳରେ ଏପ୍ରିଲ ୧୩ ତାରିଖରେ ପଡୁଛି ମହାବିଷୁବ ପଣା ସଂକ୍ରାନ୍ତି । ଓଡ଼ିଶାରେ ପ୍ରାୟ ସମସ୍ତ ପାଞ୍ଜି ଗଣନାରେ ବିଶେଷଭାବେ ଅବଲମ୍ବନ କରାଯାଉଥିବା ସାମନ୍ତ ଚନ୍ଦ୍ରଶେଖରଙ୍କ ସିଦ୍ଧାନ୍ତ ଦର୍ପଣ, ଯାଜପୁର ଜିଲ୍ଲାରେ ବିରଜା ପାଞ୍ଜି ଗଣନାରେ ବ୍ୟବହୃତ ଶତାନନ୍ଦଙ୍କ ଭାସ୍ୱତୀ, ସାରା ଭାରତରେ ପାରମ୍ପରିକ ପାଞ୍ଜି ଗଣନାରେ ବ୍ୟବହୃତ ସୂର୍ଯ୍ୟସିଦ୍ଧାନ୍ତ ଏବଂ ଆଧୁନିକ ବୈଜ୍ଞାନିକ ପଦ୍ଧତି ଗଣନା ଅନୁସାରେ ଏପ୍ରିଲ ୧୩ ତାରିଖରେ ପଣା ସଂକ୍ରାନ୍ତି ପଡୁଛି । ଓଡ଼ିଶା ତଥା ସର୍ବଭାରତୀୟ ସ୍ତରର ପ୍ରାୟ ସମସ୍ତ ପଞ୍ଜିକାରେ ଏପ୍ରିଲ ୧୩ରେ ହିଁ ମେଷ ରାଶିକୁ ନାରାୟଣ ରବି ଚଳନ ହେଉଥିବା ଦର୍ଶାଯାଇଛି । ଭାରତ ସରକାରଙ୍କ ରାଷ୍ଟ୍ରୀୟ ପଞ୍ଚାଙ୍ଗ, ସାମନ୍ତ ଚନ୍ଦ୍ରଶେଖର ସ୍ମୃତି ପରିଷଦର 'ସାମନ୍ତ ଚନ୍ଦ୍ରଶେଖର ପଞ୍ଜିକା', ଜ୍ୟୋତିର୍ବିଦ୍ୟା ବାଚସ୍ପତି ମେଡେନ କୁମାର ବିଶିଙ୍କ ଦ୍ୱାରା ଗଣିତ ଭାଗ୍ୟଜ୍ୟୋତି ପ୍ରକାଶନର ପରମେଶ୍ୱରୀ ପଞ୍ଜିକା ଓ ଶ୍ରୀକ୍ଷେତ୍ର ପାଞ୍ଜି, ସମ୍ବାଦ ଓ ଆମ ଓଡ଼ିଶାର 'ଆମ ପାଞ୍ଜି', ଭାଗ୍ୟଦୀପ ପଞ୍ଜିକା, ସାରଳା ପାଞ୍ଜି ଓ ରାଧାରମଣ ପ୍ରେସର ବିରଜା ପାଞ୍ଜିରେ ଏପ୍ରିଲ ୧୩ରେ ହିଁ ପଣାସଂକ୍ରାନ୍ତି ବୋଲି ଉଲ୍ଲେଖ କରାଯାଇଛି । ଏପରି ସ୍ଥଳେ ୧୪-୦୪-୨୦୨୪ରେ ପଣା ସଂକ୍ରାନ୍ତି ବୋଲି ଭୁଲ ଗଣନା କରିଥିବା ରାଧାରମଣ ପ୍ରେସର ଜଗନ୍ନାଥ ପାଞ୍ଜି, ଓଡ଼ିଶା କୋହିନୁର ପ୍ରେସ୍ ପଞ୍ଜିକା ଏବଂ ଜି.ଏନ୍. ତ୍ରିପାଠୀ ଉତ୍କଳ ଜାତୀୟ ଖଡ଼ିରତ୍ନ ପଞ୍ଜିକାକୁ ମୁକ୍ତିମଣ୍ଡପ ପଣ୍ଡିତ ସଭା ଅନୁମୋଦନ ଦେଇ ଥିବାରୁ ଏବଂ ପୂର୍ବବର୍ଷର ଭୁଲକୁ ଘୋଡ଼େଇବା ପାଇଁ ଏପ୍ରିଲ ୧୪ରେ ପଣା ସଂକ୍ରାନ୍ତି ବୋଲି ଘୋଷଣା କରିଥିବାରୁ ଏହା ବିରୋଧରେ ସାମନ୍ତ ଚନ୍ଦ୍ରଶେଖର ସ୍ମୃତି ପରିଷଦ ପକ୍ଷରୁ ଓଡ଼ିଶା ହାଇକୋର୍ଟରେ ମାମଲା ରୁଜୁ କରାଯାଇଛି । ବରିଷ୍ଠ ଆଇନଜୀବୀ କ୍ଷୀରୋଦ କୁମାର ରାଉତ ଏବଂ ବିବୁଧେନ୍ଦୁ ମିଶ୍ରଙ୍କ ଦ୍ୱାରା କେସ୍ ନଂ. ଡିଡବ୍ଲୁପିସି-୧୫୯୧୫/୨୦୨୪ ଅନୁଯାୟୀ ଆଜି ଦାୟର କରାଯାଇଥିବା ଏହି ଆବେଦନପତ୍ରରେ ସେକ୍ରେଟାରୀ, ମୁକ୍ତିମଣ୍ଡପ ପଣ୍ଡିତ ସଭା, ଶ୍ରୀମନ୍ଦିର ପ୍ରଶାସନ, ପୁରୀ, ସମ୍ପୃକ୍ତ ପ୍ରତିପକ୍ଷ ପଞ୍ଜିକା ଏବଂ ଓଡ଼ିଶା ସରକାରଙ୍କ ସମ୍ପୃକ୍ତ ବିଭାଗକୁ ପକ୍ଷ କରାଯାଇଛି । ଭୁଲ୍ ଦିନରେ ପୁଣ୍ୟପର୍ବାଦି ପାଳନ ବ୍ୟକ୍ତି, ରାଜ୍ୟ ତଥା ସମାଜ ପାଇଁ ହାନିକାରକ ହୋଇଥିବାରୁ ଓଡ଼ିଶାବାସୀ ଠିକ୍ ଦିନରେ ଏହି ଧାର୍ମିକ ଦିବସଟି ପାଳନ କରିବାକୁ ଆବେଦକ ତଥା ପାଞ୍ଜି ଗଣକ ଦୋଳଗୋବିନ୍ଦ ପଣ୍ଡା ନିବେଦନ କରିଛନ୍ତି ।

# ରାଜ୍ୟ ବିଜେପିର ଗୁମର ଖୋଲିଲେ ଲେଖାଶ୍ରୀ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଓଡିଶା ବିଜେପି ଆଉ ଏକ ରାଜନୈତିକ ଦଳ ହୋଇ ରହିନି । ଏହା ଏକ ଜାଗିରଦାରୀ ଦଳରେ ପରିବର୍ତ୍ତନ ହୋଇଛି । ଗତକାଲି ବିଜେଡିରେ ଯୋଗ ଦେବା ପରେ ବରିଷ୍ଠ ନେତ୍ରୀ ଲେଖାଶ୍ରୀ ସାମନ୍ତସିଂହାର ଖୋଲିଛନ୍ତି ବିଜେପି ଦଳର ଗୁମର କଥା । ସେ ଅଭିଯୋଗ କରିଛନ୍ତି ଯେ, ବିଜେପି ଦଳରେ ନେତାମାନଙ୍କ ମଧ୍ୟରେ ଜାଗିର ପାଇଁ ଚାଲିଛି ଲଢେଇ । ନେତାଙ୍କ ଲଢେଇରେ କର୍ମୀମାନେ କାମ କରିବାର ସୁଯୋଗ ନପାଇ ପେଶି ହେଉଛନ୍ତି । କେନ୍ଦ୍ରୀୟ ନେତୃତ୍ୱକୁ ରାଜ୍ୟ ବିଜେପି ନେତାମାନେ ମିଛ କହୁଛନ୍ତି ଓ ଅନ୍ଧାରରେ ରଖି ଭୁଆଁ ବୁଲାଇବାକୁ ଚେଷ୍ଟା କରୁଛନ୍ତି । ରାଜ୍ୟ ବିଜେପିରେ ଓଡ଼ିଶାରେ କ୍ଷମତାକୁ ଆସିବାକୁ କିମ୍ବା ସରକାର ଗଠନ କରିବାକୁ କୌଣସି ରୋଡମ୍ୟାପ ନାହିଁ କି ଏଜେଣ୍ଡା ନାହିଁ । କେନ୍ଦ୍ର ବିଜେପି ନେତାମାନେ ଦେଉଥିବା ପରାମର୍ଶକୁ ମାନୁନାହାଁନ୍ତି ରାଜ୍ୟ ବିଜେପି ନେତାମାନେ ।

# ବିଜେଡିରେ ଯୋଗଦେଲେ ଭଦ୍ରକ ପୌରାଧକ୍ଷା


**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଶଙ୍ଖ ଭବନରେ ବିଜେଡି ମିଶ୍ରଣ ପର୍ବ । ବିଜେଡିରେ ସାମିଲ ହେଲେ ଭଦ୍ରକ ପୌରାଧକ୍ଷା ଗୁଲମକ୍କି ହବିବ । ତାଙ୍କ ସହ ଶତାଧିକ କର୍ମୀଙ୍କ ମଧ୍ୟ ବିଜେଡିରେ ସାମିଲ ହୋଇଛନ୍ତି । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ସେ ବିଜେଡିରେ ସାମିଲ ହୋଇଛନ୍ତି । ତେବେ ଏହି ମିଶ୍ରଣ ପର୍ବରେ ସାଂସଦ ସସ୍ମିତ ପାତ୍ର, ଦେବାଶିଷ ସାମନ୍ତରାୟ, ସଞ୍ଜୟ ଦାସବର୍ମା ଏବଂ ପ୍ରଫୁଲ୍ଲ ସାମଲଙ୍କ ଉପସ୍ଥିତିରେ ବିଜେଡିରେ ସାମିଲ ହୋଇଛନ୍ତି ।



ଭୁବନେଶ୍ୱର : ଚୈତ୍ର ମଙ୍ଗଳବାରରେ ମହିଳାମାନେ ମା'ମଙ୍ଗଳାଙ୍କୁ ପଣା ଅର୍ପଣ ସହ ପୂଜାର୍ଚ୍ଚନା କରୁଛନ୍ତି । (ଫଟୋ : ସମ୍ବାଦ କଳିକା)

# ଅଗ୍ନିଶମ ବିଭାଗରେ ସାମିଲ ହେବ ରୋବଟ୍ ଓ ସର୍ଚ୍ଚ କ୍ୟାମେରା




**ଭୁବନେଶ୍ୱର, ୯/୪ ନ୍ୟୁଜ ବ୍ୟୁରୋ**

ବିପର୍ଯ୍ୟୟ ମୁକାବିଲା ଏବଂ ଉଦ୍ଧାର କାର୍ଯ୍ୟରେ ଓଡ଼ିଶାର ଅଗ୍ନିଶମ ବିଭାଗ ସବୁଠୁ ଆଗରେ ରହିଛି । ତେଣୁ ଅଗ୍ନିଶମ ବିଭାଗ ଏବେ ନୂତନ ଓ ଉନ୍ନତ ବୈଷୟିକ ଜ୍ଞାନକୌଶଳ ଆପଣାଉଛି । ଏହା ଉଦ୍ଧାର କାର୍ଯ୍ୟରେ ବେଶ୍ ସହାୟକ ହେବ । କିଛି ଦିନ ତଳେ, ଅଗ୍ନିଶମ ବିଭାଗରେ କୁକୁର ସାମିଲ ହେବ ବୋଲି ନିଷ୍ପତ୍ତି ହୋଇଥିଲା । ଏବେ ରୋବଟ୍ ଏବଂ ଉଚ୍ଚ କ୍ଷମତାସଂପନ୍ନ ସର୍ଚ୍ଚ କ୍ୟାମେରା ସାମିଲ କରିବାକୁ ନିଷ୍ପତ୍ତି ହୋଇଛି । ଏହାଦ୍ୱାରା ଉଦ୍ଧାର କାର୍ଯ୍ୟରେ ଓଡ଼ିଶା ଅଗ୍ନିଶମ ବିଭାଗ ଆଉ ଦୁଇ ପାଦ ଆଗକୁ ବଢ଼ିଛି । ଏପ୍ରିଲ ୧୪ରୁ ୨୦ ପର୍ଯ୍ୟନ୍ତ ହେବାକୁ ଥିବା ଅଗ୍ନିଶମ ପ୍ରତିଷ୍ଠା ସପ୍ତାହରେ ଏହା ସର୍ବସାଧାରଣରେ ପ୍ରଦର୍ଶିତ କରାଯିବ । ବେଳେବେଳେ ପ୍ରଚଣ୍ଡ ବିସ୍ଫୋରଣ ହୋଇଥିବା କିମ୍ବା ହେବାର ଭୟ ଥିବା ସ୍ଥାନକୁ ଅଗ୍ନିଶମବାହିନୀ ଯାଇପାରନ୍ତି ନାହିଁ । ତେଣୁ ବହୁ ଧନଜୀବନ ନଷ୍ଟ ହେବାର ଆଶଙ୍କା ସୃଷ୍ଟି ହୋଇଥାଏ । ଏଭଳି ବିପଦକୁ ଟାଳିବାରେ ରିମୋଟ୍ କଣ୍ଟ୍ରୋଲ ରୋବୋଟ୍ ଉପାଦେୟ ସାବ୍ୟସ୍ତ ହେବ । ଏହି ରୋବୋଟ୍ ତେଲ ଟ୍ୟାଙ୍କର ବିସ୍ଫୋରଣ, ପ୍ଲାଣ୍ଟରେ ହୋଇଥିବା ବିସ୍ଫୋରଣ ଏବଂ ଅନ୍ୟାନ୍ୟ କେମିକାଲ ବିସ୍ଫୋରଣ ସ୍ଥଳକୁ ଯିବ । ସେଠାରେ ନିଆଁ ଲିଭାଇବା ସହ ଲୋକଙ୍କୁ ଉଦ୍ଧାର କରି ଆଣିବ । ନିଆଁରେ ଏହି ରୋବୋଟ୍‌ର କିଛି ବି କ୍ଷତି ହେବନି । ସେହିପରି ଭୁଶୁଡ଼ିଥିବା ପୋଲ, ବିଲ୍ଡିଂ ଏବଂ ଭୂମିକମ୍ପ ସ୍ଥାନକୁ ଯାଇ ମଧ୍ୟ ଲୋକଙ୍କୁ ଉଦ୍ଧାର କରିବ ଏହି ରୋବୋଟ୍ । ଏହି ରିମୋଟ୍ କଣ୍ଟ୍ରୋଲ ରୋବୋଟ୍ ବିଦେଶରୁ ଅଣାଯାଇଛି । ସେହିପରି ପ୍ରଥମଥର କରି ଓଡ଼ିଶା ଅଗ୍ନିଶମରେ ସାମିଲ ହୋଇଛି ସର୍ଚ୍ଚ କ୍ୟାମେରା । ଏହି କ୍ୟାମେରା ପାଣିରେ ବୁଡ଼ିଯାଇଥିବା ବ୍ୟକ୍ତି କିମ୍ବା ପଦାର୍ଥର ଠାବ ସହଜରେ କରିପାରିବ । କୌଣସି ସ୍ଥାନରେ ଡଙ୍ଗାବୁଡ଼ି କିମ୍ବା ଅନ୍ୟାନ୍ୟ ଅଘଟଣ ଘଟିଲେ, ଅଗ୍ନିଶମ କର୍ମଚାରୀ ଉଦ୍ଧାର କରିବା ପାଇଁ ନାକେଦମ୍ ହୁଅନ୍ତି । ଅଗ୍ନିଶମ କର୍ମଚାରୀ ପାଣିରେ ବୁଡ଼ି ଖୋଜିବା ପରେ ବହୁ ବିଳମ୍ବ ହୋଇଯାଇଥାଏ । ସେତବେଳକୁ ବୁଡି ଯାଇଥିବା ଲୋକର ମୃତ୍ୟୁ ଘଟିଥାଏ । କିନ୍ତୁ ଏହି ସର୍ଚ୍ଚ କ୍ୟାମେରା ଖୁବ୍ କମ୍ ସମୟରେ ପାଣିରେ ବୁଡ଼ି ଯାଇଥିବା ପଦାର୍ଥ ଏବଂ ବ୍ୟକ୍ତିଙ୍କୁ ଚିହ୍ନଟ କରିପାରିବ । ଆହୁରି ମଧ୍ୟ କେତେ ଫୁଟ୍ ତଳେ ରହିଛି, ଏହାର ଅବସ୍ଥିତି ମଧ୍ୟ ସୂଚନା ଦେଇପାରିବ । ଏହି ଦୁଇଟି ଅତ୍ୟାଧୁନିକ ଟେକ୍ନୋଲୋଜି ଆସନ୍ତା ଅଗ୍ନିଶମ ପ୍ରତିଷ୍ଠା ଦିବସରେ ପ୍ରଦର୍ଶିତ ହେବ ବୋଲି ଜଣାପଡ଼ିଛି ।

# ଘରୁ ୭ କୋଟି ଟଙ୍କା ସହ ୩ କିଲୋ ସୁନା ଜବତ



**କର୍ଣ୍ଣାଟକ, ୯/୪**

ନିର୍ବାଚନ ବେଳେ ଗହଣା ଦୋକାନଙ୍କ ଘରୁ ଜବତ ହେଲା କୋଟି କୋଟି ଟଙ୍କା । କର୍ଣ୍ଣାଟକର ବଲ୍ଲାରୀ ପୁଲିସ କାମବାଲି ବଜାରରେ ହେମା ଜୁଏଲର୍ସ ମାଲିକଙ୍କ ଘରେ ଚଢ଼ଉ କରି ନଗଦ ୭ କୋଟିରୁ ଉର୍ଦ୍ଧ ଟଙ୍କା ଜବତ ହୋଇଛି । ୩ କିଲୋ ସୁନା ଓ ୧୦୩ କିଲୋ ରୁପା ଗହଣା ଜବତ କରିଛି । ଏଥିରେ ୬୮ ଖଣ୍ଡ ରୁପା ଖଣ୍ଡ ରହିଛି । ହେମା ଜୁଏଲର୍ସର ମାଲିକ ନରେଶ ସୋନିଙ୍କୁ ଅଟକ ରଖି ପଚରାଉଚରା କରାଯାଉଛି । ଜବତ ସାମଗ୍ରୀ ଗୁଡ଼ିକ ହାୱାଲା କାରବାରରୁ ମିଳିଥିବା ପୁଲିସ ସନ୍ଦେହ କରୁଛି । ଅଧିକ ତଦନ୍ତ ପାଇଁ ପୁଲିସ ଏକ ମାମଲା ରୁଜୁ କରିଛି ।

ଭୁବନେଶ୍ୱର
୧୦ ଅପ୍ରେଲ
ବୁଧବାର, ୨୦୨୪

RNI Regd. No. : 52640/94
Postal Regd. No. : BN/60/22-24

# ଆଜି ମହାପ୍ରଭୁଙ୍କ ବନକଲାଗି ନୀତି

## ୪ ଘଣ୍ଟା ବନ୍ଦ ରହିବ ସାଧାରଣ ଦର୍ଶନ



**ପୁରୀ, ୯/୪ ନ୍ୟୁଜ ବ୍ୟୁରୋ**
ଆସନ୍ତାକାଲି ଅଥବା ବୁଧବାର ଶ୍ରୀମନ୍ଦିରରେ ମହାପ୍ରଭୁଙ୍କର ବନକଲାଗି ନୀତି ଅନୁଷ୍ଠିତ ହେବ । ଦ୍ୱିତୀୟ ଭୋଗମଣ୍ଡପ ପରେ ଦତ୍ତମହାପାତ୍ର ସେବକମାନେ ଶ୍ରୀମନ୍ଦିର ଗର୍ଭଗୃହକୁ ପ୍ରବେଶ କରିବା ସହ ମହାପ୍ରଭୁଙ୍କର ଶ୍ରୀମୁଖ ଶୃଙ୍ଗାର କରିବେ । ପ୍ରାକୃତିକ ପ୍ରଣାଳୀରେ ପ୍ରସ୍ତୁତ ପ୍ରସାଧନରେ ଶ୍ରୀବିଗ୍ରହଙ୍କ ଶ୍ରୀମୁଖକୁ ଶୃଙ୍ଗାର କରାଯିବ । ହିଙ୍ଗୁଳ, ହରିତାଳ, କସ୍ତୁରୀ, ନାଲି, ଧଳା ଓ କଳା ଭଳି ଦ୍ରବ୍ୟ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଯୋଗାଇ ଦିଆଯାଇ ଥିବା ପାରମ୍ପରିକ ରଙ୍ଗରେ ମହାପ୍ରଭୁଙ୍କ ଶ୍ରୀମୁଖ ଶୃଙ୍ଗାର କରାଯିବ। ଏହା ଏକ ଗୁପ୍ତ ସେବା ନୀତି ହୋଇଥିବାରୁ ବୁଧବାର ସନ୍ଧ୍ୟା ପ୍ରାୟ ୬ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ଚାରି ଘଣ୍ଟା ଦର୍ଶନ ବନ୍ଦ ରହିବ।

### କାକଟପୁର ମାଆ ମଙ୍ଗଳାଙ୍କ ତୃତୀୟ ପାଳି ଝାମୁ ଯାତ୍ରା

# ସୁନା ବେଶରେ ଭକ୍ତଙ୍କୁ ଦର୍ଶନ ଦେଲେ ମା'



**କାକଟପୁର, ୯/୪ ନ୍ୟୁଜ ବ୍ୟୁରୋ**
ଚଳଚଞ୍ଚଳ କାକଟପୁର ଅଧିଷ୍ଠାତ୍ରୀ ଦେବୀ ମା ମଙ୍ଗଳାଙ୍କ ପୀଠ। ମା'ଙ୍କ ଚୈତ୍ର ମାସର ତୃତୀୟ ପାଳିରେ ହଜାର ହଜାର ଭକ୍ତଙ୍କ ସମାବେଶ ଦେଖିବାକୁ ମିଳିଛି । ପବିତ୍ର ଚୈତ୍ର ମାସର ତୃତୀୟ ମଙ୍ଗଳବାରରେ ପ୍ରତ୍ୟୁଷରେ ମା'ଙ୍କ ସ୍ନାନ ମାର୍ଜନା, ସୂର୍ଯ୍ୟ ପୂଜା, ବଲ୍ଲଭ ପରେ ସାଧାରଣ ଦର୍ଶନ ଆରମ୍ଭ ହୋଇଥିଲା। ମଙ୍ଗଳବାର କାକଟପୁର ମାଆ ମଙ୍ଗଳାଙ୍କ ଚୈତ୍ର ମାସର ତୃତୀୟ ପାଳି ଝାମୁ ଯାତ୍ରା । ରାତି ୨ଟାରୁ ଦ୍ୱାରଫିଟା ପରେ ମାଆଙ୍କ ମହାସ୍ନାନ କରାଯାଇଛି। ସୁନା ବେଶରେ ଭକ୍ତଙ୍କୁ ଦର୍ଶନ ଦେଇଥିଲେ ମାଆ ମଙ୍ଗଳା । ସକାଳ ସାଢ଼େ ୫ଟାରେ ଦ୍ୱାରା ଫିଟା ହୋଇଥିବା ବେଳେ ମାଆଙ୍କ ରାଜରାଜେଶ୍ୱରୀ ବେଶ ଦର୍ଶନ କରିଥିଲେ ଭକ୍ତ ଓ ଶ୍ରଦ୍ଧାଳୁ ।
ରାଜ୍ୟର କୋଣ ଅନୁକୋଣରୁ ହଜାର ହଜାର ଭକ୍ତଙ୍କ ଭିଡ଼ ଜମିଥିବାରୁ ଶୃଙ୍ଖଳିତ ଦର୍ଶନ ପାଇଁ ପ୍ରଶାସନ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଥିଲା। ଶୃଙ୍ଖଳିତ ଦର୍ଶନ ପାଇଁ ବ୍ୟାରିକେଡରେ ଭକ୍ତଙ୍କୁ ମନ୍ଦିର ଗର୍ଭଗୃହ ଯାଏ ଛଡ଼ା ଯାଇଥିଲା। ମନ୍ଦିର ପରମ୍ପରା ଅନୁସାରେ ଜଣେ ସେବକ କାଳୀ ବେଶରେ ମନ୍ଦିର ପ୍ରବେଶ କରି ବେଢ଼ାରେ ନୃତ୍ୟ ପ୍ରଦର୍ଶନ କରିଥିଲେ । ବିଭିନ୍ନ ଗାଁ ଦାଣ୍ଡରେ ମାନସିକଧାରୀ ମହିଳା ମାନେ ପଢ଼ୁଇ ନିର୍ମାଣ କରି ନଡ଼ିଆ, କଦଳୀ, ଖଇ, କ୍ଷୀର ଓ ହଳଦୀ ପାଣିରେ ମା'ଙ୍କ ନାମରେ ବ୍ରତ ରଖି ପଢ଼ୁଇ ପୂଜା କରିଥିଲେ। ଏହି ବ୍ରତ ପାଞ୍ଚ ପାଳିରେ ଶେଷ ହେବ। ଗାଁ ଗଣ୍ଡା ଓ ପୁରପଲ୍ଲୀରେ ମହିଳାମାନେ ପଢ଼ୁଇ ଓଷା ପାଳନ କରୁଛନ୍ତି । ଏହି ସମୟରେ ମା'ମଙ୍ଗଳାଙ୍କ ନିକଟରେ ମାନସିକ କଲେ ମନବାଞ୍ଛା ପୂରଣ ହୋଇଥାଏ ବୋଲି ବିଶ୍ୱାସ ରହିଛି ।

# ମୁଖ୍ୟ ନିର୍ବାଚନ ଆୟୋଗଙ୍କୁ ମିଳିଲା ଜେଡ୍ କାଟାଗୋରୀ ସୁରକ୍ଷା

**ନୂଆଦିଲ୍ଲୀ, ୯/୪**
ମୁଖ୍ୟ ନିର୍ବାଚନ ଆୟୋଗ ରାଜୀବ କୁମାରଙ୍କୁ ଏବେଠାରୁ ଜେଡ୍ କାଟାଗୋରୀ ସୁରକ୍ଷା ମିଳିବ । କେନ୍ଦ୍ର ଗୃହମନ୍ତ୍ରଣାଳୟ ତରଫରୁ ଏନେଇ ସମସ୍ତ ବ୍ୟବସ୍ଥା କରାଯାଇଛି। ଗୃହମନ୍ତ୍ରଣାଳୟର ସୂଚନା ମୁତାବକ ଇଣ୍ଟେଲିଜେନ୍ସ ବ୍ୟୁରୋ ବା ଆଇବି ରିପୋର୍ଟ ଆଧାରରେ ମୁଖ୍ୟ ନିର୍ବାଚନ ଆୟୋଗଙ୍କ ସୁରକ୍ଷା ବୃଦ୍ଧି କରାଯାଇଛି। ହେଲେ ଆଇବି କେଉଁ ଆଧାରରେ ଆଶଂକା କରିଛି ତାହା ଉପରେ ଗଣମାଧ୍ୟମକୁ ବିସ୍ତୃତ ଭାବେ ସୂଚନା ଦିଆଯାଇନାହିଁ । ଜେଡ୍ କାଟାଗୋରୀ ସୁରକ୍ଷା ପୋଟୋକଲ ମୁତାବକ ରାଜୀବ କୁମାରଙ୍କ ସୁରକ୍ଷା ପାଇଁ ସିଆରପିଏଫ କମାଣ୍ଡୋ ସମେତ ମୋଟ ୩୩ ସୁରକ୍ଷା କର୍ମୀ ନିୟୋଜିତ ହେବେ । ଏଥିରେ ରାଜୀବ କୁମାରଙ୍କ ବାସଭବନ ନିକଟରେ ୧୦ ଜଣ ସଶସ୍ତ୍ର ସୁରକ୍ଷା କର୍ମୀ ୨୪ ଘଣ୍ଟିଆ ସୁରକ୍ଷା ପ୍ରଦାନ କରିବେ । ସୂଚନା ମୁତାବକ ରାଜୀବ କୁମାରଙ୍କୁ ସୁରକ୍ଷା ବୃଦ୍ଧି କରିବା ଉପରେ କେନ୍ଦ୍ର ସରକାର ନିଷ୍ପତ୍ତି ନେଇଥିଲେ । ଏହାପରେ ତୃଣମୂଳ କଂଗ୍ରେସ ପାର୍ଟି ତରଫରୁ ବାରମ୍ବାର ନିର୍ବାଚନ ଆୟୋଗଙ୍କ ବିରୋଧରେ ବିକ୍ଷୋଭ ପ୍ରଦର୍ଶନ କରୁଥିବାରୁ କେନ୍ଦ୍ର ଗୃହମନ୍ତ୍ରଣାଳୟ ଏଭଳି ନିଷ୍ପତ୍ତି ନେଇଛନ୍ତି।






# ଜଳବାୟୁ ପରିବର୍ତ୍ତନ ଯୋଗୁଁ ବଦଳୁଛି ଋତୁଚକ୍ର

**କେନ୍ଦ୍ରାପଡା, ୯/୪ ନ୍ୟୁଜ ବ୍ୟୁରୋ**
ଜଳବାୟୁ ପରିବର୍ତ୍ତନ ଯୋଗୁଁ ଋତୁଚକ୍ରରେ ପରିବର୍ତ୍ତନ ଘଟୁଛି। ଫେବୃୟାରୀ, ମାର୍ଚ୍ଚ ପରିବର୍ତ୍ତେ ଏପ୍ରିଲରେ ଅଲିଭ ରିଡ୍‌ଲେ କଇଁଛ ଗଣଅଣ୍ଡାଦାନ ପକ୍ରୀୟା ଦେଖିବାକୁ ମିଳୁଛି । ଯେଉଁ ସମୟରେ ଅଲିଭରିଡ୍‌ଲେ ଗଣଅଣ୍ଡାଦାନ କରୁଛନ୍ତି, ସମାନ ସ୍ଥାନରେ ସମାନ ସମୟରେ ଅଣ୍ଡାରୁ ଛୁଆ ବାହାରି ସମୁଦ୍ରକୁ ଯାଉଛନ୍ତି । ଏପରି ବିରଳ ଦୃଶ୍ୟ ପୂର୍ବରୁ କେବେ ଦେଖିବାକୁ ମିଳିନଥିଲା । ଗତ ୮ ବର୍ଷ ଭିତରେ ଚଳିତବର୍ଷ ସବୁଠୁ କମ୍ ସଂଖ୍ୟାରେ କଇଁଛ ଅଣ୍ଡାଦାନ ପକ୍ରିୟାରେ ସାମିଲ ହୋଇଛନ୍ତି । ଏହାକୁ ନେଇ ପରିବେଶବିତ୍‌ଙ୍କ ମଧ୍ୟରେ ଭିନ୍ନଭିନ୍ନ ଆଶଙ୍କା ପ୍ରକାଶ ପାଇଛି । ବିରଳ ଅଲିଭରିଡ୍‌ଲେ କଇଁଛଙ୍କ ଏନ୍ତୁଡିଶାଳ କେନ୍ଦ୍ରାପଡାର ଗହୀରମଥା ଗୋଟିଏ ସମୟରେ ଦେଖିବାକୁ ମିଳିଛି ଦୁଇଟି ଦୃଶ୍ୟ । ଯେଉଁ ସମୟରେ କଇଁଛ ଗଣଅଣ୍ଡାଦାନ ପ୍ରକ୍ରିୟାରେ ସାମିଲ ହୋଇ ଅଣ୍ଡାଦାନ କରୁଛନ୍ତି, ଠିକ୍ ସେହି ସମୟରେ ସମାନ ବେଳାଭୂମିରୁ କିଛି କଇଁଛ ଶାବକ ସମୁଦ୍ରକୁ ଯିବାର ଦେଖିବାକୁ ମିଳିଛି । ତେବେ ଚଳିତ ମାସ ୨ ତାରିଖରୁ ଗରିହମଥାରେ ଅତିଥି କଇଁଛଙ୍କ ଗଣ ଅଣ୍ଡାଦାନ ପ୍ରକ୍ରୀୟା ଜାରି ରହିଛି । ଏହି ପ୍ରକ୍ରିୟାରେ ୮ ତାରିଖ ଭୋର ସୁଦ୍ଧା ପ୍ରାୟ ୨ ଲକ୍ଷ ୯୯ ହଜାର ୪୯୭ ଅତିଥି କଇଁଛ ସାମିଲ ହୋଇଥିଲେ। ନାସୀ-୨ରେ କଇଁଛ ବସାରୁ କଇଁଛ ଶାବକ ବାହାରି ସମୁଦ୍ରକୁ ଯାଉଥିବା ଦେଖିବାକୁ ମିଳିଥିଲା । ସମାନ ସମୟରେ କଇଁଛଙ୍କ ଅଣ୍ଡାଦାନ ଓ ଅଣ୍ଡାରୁ ଛୁଆ ବାହାରିବା ଦୃଶ୍ୟ ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି ।

# 'କିସ୍ ମାନିତ ବିଶ୍ୱ ବିଦ୍ୟାଳୟର ମୂଲ୍ୟବାନ ପୁସ୍ତକ ପ୍ରକାଶନ ଗବେଷକ ଓ ଛାତ୍ରଛାତ୍ରୀଙ୍କ ପାଇଁ ଅତ୍ୟନ୍ତ ଉପାଦେୟ ହେବ'

**ଭୁବନେଶ୍ୱର, ୯/୪ ନ୍ୟୁଜ ବ୍ୟୁରୋ**
କିସ୍ ମାନିତ ବିଶ୍ୱବିଦ୍ୟାଳୟ ପକ୍ଷରୁ ନିକଟରେ ପ୍ରକାଶିତ କେତେକ ମୂଲ୍ୟବାନ ପୁସ୍ତକ ଓଡ଼ିଶାର ଗବେଷକ, ଛାତ୍ରଛାତ୍ରୀ ଓ ବୁଦ୍ଧିଜୀବୀ ଶ୍ରେଣୀର ବ୍ୟକ୍ତି ବିଶେଷଙ୍କ ପାଇଁ ଅତ୍ୟନ୍ତ ଉପାଦେୟ ଓ ମୂଲ୍ୟବାନ ସାବ୍ୟସ୍ତ ହେବ ବୋଲି "ସମ୍ବାଦ କଳିକା'ର ସମ୍ପାଦକ ଜୟାଶୀଷ ରାୟ ପ୍ରକାଶ କରିଛନ୍ତି।
ଅତ୍ୟନ୍ତ ଦୂରଦୃଷ୍ଟି ସମ୍ପନ୍ନ, ଓଡ଼ିଶାର ଶିକ୍ଷା, ସ୍ୱାସ୍ଥ୍ୟ ଓ ଆଦିବାସୀ କଲ୍ୟାଣ ତଥା ସମାଜସେବା କ୍ଷେତ୍ରରେ କେବଳ ଭାରତ ବର୍ଷରେ ନୁହେଁ ବରଂ ବିଶ୍ୱରେ ଓଡ଼ିଶାର ନାମକୁ ସ୍ଥାନିତ କରିପାରିଥିବା ଡ. ଅଚ୍ୟୁତ ସାମନ୍ତଙ୍କ ସହଯୋଗିତା, ଉନ୍ନତ ବିଚାରବୋଧ ଓ ଓଡ଼ିଶା ପାଇଁ ବିଭିନ୍ନ କ୍ଷେତ୍ରରେ କାର୍ଯ୍ୟ କରିବାର ମାନସିକତା ଓଡ଼ିଶାକୁ ଏହି ସ୍ଥାନରେ ପହଞ୍ଚାଇ ପାରିଛି। ବିଶ୍ୱରେ ଆଦିବାସୀ ମାନିତ ବିଶ୍ୱ ବିଦ୍ୟାଳୟ ଏକ ନମ୍ବର ସ୍ଥାନରେ ଥିବା କିସ୍ ମାନିତ ବିଶ୍ୱବିଦ୍ୟାଳୟ କେବଳ କ୍ରୀଡ଼ା ତଥା ଅନ୍ୟାନ୍ୟ କ୍ଷେତ୍ରରେ ନୁହେଁ ବରଂ ଓଡ଼ିଶାର ଜନନାୟକ, ବିଚାରବୋଧ ସଂପନ୍ନ ବ୍ୟକ୍ତିତ୍ୱମାନଙ୍କର ପୁସ୍ତକ ପ୍ରକାଶ କରି ଏହା ଏକ ମାଇଲଖୁଣ୍ଟ ସୃଷ୍ଟି କରିପାରିଛି ବୋଲି ଶ୍ରୀ ରାୟ କହିଛନ୍ତି। କେତେଗୁଡିଏ ନୂତନ ଚେୟାର ପ୍ରତିଷ୍ଠା ମାଧ୍ୟମରେ ଏଭଳି ମହତକାମ ସମ୍ପାଦନ କରିବା ପାଇଁ ଡ. ସାମନ୍ତ ମନ ବଳାଇଛନ୍ତି। ଡ. ବିଜୟାନନ୍ଦ ସିଂହଙ୍କୁ ଗୋପବନ୍ଧୁ ଦାଶ ଚେୟାରର ଚେୟାର ପ୍ରଫେସର ଭାବରେ ଦାୟିତ୍ୱ ପ୍ରଦାନ କରାଯାଇଥିବା ବେଳେ ଓଡ଼ିଶାର ରାଜନୀତି ବିଜ୍ଞାନର ଅନ୍ୟତମ ବିଦ୍ଧାଣୀ ଡ. ଯୁଗଳ କିଶୋର ମିଶ୍ରଙ୍କୁ ମଧୁସୂଦନ ଦାସ ରିସର୍ଚ୍ଚ ଚେୟାରର ପ୍ରଫେସର ଭାବରେ ନିଯୁକ୍ତି ଦିଆଯାଇଛି। ସେ ଭାରତୀୟ ରାଜନୀତି ବିଜ୍ଞାନ ଆସୋସିଏସନର ସଭାପତି ଥିଲେ ଓ ୪୦ବର୍ଷ ଧରି ରାଜ୍ୟର ବିଭିନ୍ନ ବିଶ୍ୱବିଦ୍ୟାଳୟ ଛାତ୍ରଛାତ୍ରୀମାନଙ୍କୁ ପାଠ ପଢାଇ ଆସିଛନ୍ତି। ସେହିଭଳି ପ୍ରଫେସର ଭୀମଭୋଇ ରିସର୍ଚ୍ଚ ଚେୟାରର ଡ. ହରିଶ୍ଚନ୍ଦ୍ର ସାହୁଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି। ଏହି ରିସର୍ଚ୍ଚ ଚେୟାର ମାଧ୍ୟମରେ ବହୁ ଦୁର୍ଲଭ ଗବେଷଣା ଲବ୍‌ଧ ମୂଲ୍ୟବାନ ତଥ୍ୟ ସମ୍ବଳିତ ଲେଖାଗୁଡିକ ପ୍ରକାଶ ପାଇଛି, ଯାହାକି ଓଡ଼ିଶାର ଐତିହାସିକ, ଗବେଷକ ତଥା ଛାତ୍ରଛାତ୍ରୀମାନଙ୍କ ପାଇଁ ଅତ୍ୟନ୍ତ ଉପାଦେୟ ହୋଇପାରିବ। **"ଦି ଅନଡାଇଂ ଲଗାସି ଅଫ୍ ମଧୁସୂଦନ ଦାସ'** ପୁସ୍ତକକୁ ପ୍ରଫେସର ଯୁଗଳ କିଶୋର ମିଶ୍ର ସଂପାଦିତ କରିଛନ୍ତି। ମଧୁସୂଦନ ଦାସଙ୍କ ସଂପର୍କରେ ଓଡ଼ିଶାର ବିଜ୍ଞ ବ୍ୟକ୍ତିବିଶେଷଙ୍କ ତଥ୍ୟ ସମ୍ବଳିତ ଲେଖାମାନ ପ୍ରକାଶିତ ହୋଇଛି ଯାହା କି ଅତ୍ୟନ୍ତ ଭାବ ଉଦ୍ଦୀପକ ଓ ସାରଗର୍ଭକ ହୋଇପାରିଛି। ସେହିଭଳି ପ୍ରଫେସର ଯୁଗଳ କିଶୋର ମିଶ୍ର ଓ ଡ. ଅଚ୍ୟୁତ ସାମନ୍ତଙ୍କ ଦ୍ୱାରା ବିଜୁ ପଟ୍ଟନାୟକ ଚେୟାର ମାଧ୍ୟମରେ **'ଦି ଷ୍ଟେଙ୍ଗ୍‌ଥ୍ ଟୁ ଡ୍ରିମ୍ ବିଜୁ ପଟ୍ଟନାୟକ ଆଣ୍ଡ ଦି ମେକିଂ ଅଫ୍ ମର୍ଡନ ଇଣ୍ଡିଆ'** ପୁସ୍ତକ ପ୍ରକାଶିତ ହୋଇଛି। ଏହା ମଧ୍ୟ ଖୁବ୍ ମୂଲ୍ୟବାନ ବୋଲି ଶ୍ରୀ ରାୟ କହିଛନ୍ତି। ସେହିଭଳି ଭୀମଭୋଇ ରିସର୍ଚ୍ଚ ଚେୟାର ପକ୍ଷରୁ ପ୍ରଫେସର ହରିଶ୍ଚନ୍ଦ୍ର ସାହୁଙ୍କ ସଂପାଦନାରେ **'ଦିବ୍ୟ ଦ୍ରଷ୍ଟା ଭୀମ ଭୋଇ'** ନାମକ ଦର୍ଶନତତ୍ତ୍ୱ ସମ୍ବଳିତ ପୁସ୍ତକ ପ୍ରକାଶିତ ହୋଇଛି। ଏହା ସନ୍ଥକବି ଭୀମ ଭୋଇଙ୍କ ସକରାତ୍ମକ ମନୋଭାବ ସମ୍ପର୍କରେ ଆଲୋକପାତ କରିବା ସହିତ ଶୂନ୍ୟ, ବ୍ରହ୍ମଶୂନ୍ୟ ଓ ମହାଶୂନ୍ୟ ତଥା ଉପନିଷଦର ଶୂନ୍ୟ ବ୍ରହ୍ମକୁ ସନ୍ଥକବି ମାନିନେଇଥିବା ସଂପର୍କରେ ବିସ୍ତୃତ ଭାବେ ଉଲ୍ଲେଖ କରାଯାଇଛି।
କିସ୍ ମାନିତ ବିଶ୍ୱବିଦ୍ୟାଳୟର ନିର୍ଦ୍ଦେଶକ ସ୍ୱତନ୍ତ୍ର ପ୍ରକଳ୍ପ ସରୋଜ ଦାଶଙ୍କ ବ୍ୟକ୍ତିଗତ ନିମନ୍ତ୍ରଣରେ ଶ୍ରୀ ରାୟ ଏଭଳି ମୂଲ୍ୟବାନ କାର୍ଯ୍ୟଗୁଡିକ ଦେଖିବାର ସୁଯୋଗ ପାଇଛନ୍ତି ବୋଲି ଉଲ୍ଲେଖ କରିଛନ୍ତି। ପ୍ରଫେସର ଯୁଗଳ କିଶୋର ମିଶ୍ର, ଡ. ବିଜୟାନନ୍ଦ ସିଂହ, ପ୍ରଫେସର ହରିଶ୍ଚନ୍ଦ୍ର ସାହୁ ଓ ସରୋଜ ଦାଶ ପ୍ରମୁଖ ଶ୍ରୀ ରାୟଙ୍କ ସହ କିସ୍ ମାନିତ ବିଶ୍ୱ ବିଦ୍ୟାଳୟ ପକ୍ଷରୁ ପ୍ରକାଶିତ ପୁସ୍ତକଗୁଡିକ ଉପରେ ଆଲୋଚନା କରିବା ସଙ୍ଗେ ସଙ୍ଗେ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତଙ୍କ ଯୋଗ୍ୟ ଦିଗ୍‌ଦର୍ଶନରେ ଏହି ସବୁ ମହତ କାର୍ଯ୍ୟ ସମାହିତ ହୋଇଛି ବୋଲି ଉଲ୍ଲେଖ କରିଥିଲେ।






## ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !

ସାପ୍ତାହିକ ସମ୍ବାଦ ପତ୍ରିକା 'ରବିବାସରୀୟ କଳିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ। ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ।
ସମ୍ପର୍କ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା, ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୭୮
Email : utkaldeepika2016@gmail.com


# ମା' ତାରା ତାରିଣୀଙ୍କ ପୀଠରେ ୫-ଟି ଅଧକ୍ଷ

## ମନ୍ଦିର ବେଢା ବୁଲି ଉନ୍ନୟନ କାର୍ଯ୍ୟର କଲେ ଅନୁଧ୍ୟାନ



**ବ୍ରହ୍ମପୁର, ୯/୪ ନ୍ୟୁଜ ବ୍ୟୁରୋ**
ଆଜି ହେଉଛି ଚୈତ୍ର ମାସର ତୃତୀୟ ମଙ୍ଗଳବାର । ଗଞ୍ଜାମ ଜିଲ୍ଲାର ଅଧିଷ୍ଠାତ୍ରୀ ଦେବୀ ମାଆ ତାରାତାରିଣୀଙ୍କ ପୀଠରେ ଚାଲିଥିଲା ମାଆଙ୍କ ଚୈତ୍ର ଯାତ୍ରା । ଏହି ଅବସରରେ ମଙ୍ଗଳବାର ଭୋରରୁ ପୀଠରେ ପହଞ୍ଚି ମାଆଙ୍କ ପୂଜାର୍ଚ୍ଚନା କରିଛନ୍ତି ଫାଇଭ-ଟି ଅଧକ୍ଷ । ମା'ଙ୍କର ମଙ୍ଗଳବାର ସରସ୍ୱତୀ ବେଶ ଅନୁଷ୍ଠିତ ହୋଇଥିବା ବେଳେ, ବେଶ ଦର୍ଶନ କରି ଆଶିଷ ନେଇଛନ୍ତି କାର୍ତ୍ତିକ ପାଣ୍ଡିଆନ । ଏହାପରେ ମନ୍ଦିର ବେଢ଼ା ବୁଲିବା ସହ ମନ୍ଦିର ପରିସରରେ ହୋଇଥିବା ଉନ୍ନୟନ କାର୍ଯ୍ୟକୁ ଦେଖିଥିଲେ । ମନ୍ଦିରର ପୂଜକ, ପରିଚାଳନା କମିଟି ସହ ମନ୍ଦିରର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ, ପୂଜାର୍ଚ୍ଚନା, ଭକ୍ତମାନଙ୍କ ମନ୍ଦିରରେ ସୁବିଧା ଅସୁବିଧା ସମ୍ପର୍କରେ ପଚାରି ବୁଝିଥିଲେ । ଦୀର୍ଘ ୧୬ ବର୍ଷ ହେଲା ମା'ଙ୍କ ଚୈତ୍ର ଯାତ୍ରା ସମୟରେ ସେ ମାଆଙ୍କ ଦର୍ଶନ ପାଇଁ ପୀଠକୁ ଆସନ୍ତି । ମାଆଙ୍କ ସରସ୍ୱତୀ ବେଶ ଦର୍ଶନ କରି ଆନନ୍ଦିତ ଥିବା କହିଛନ୍ତି ଫାଇଭ-ଟି ଅଧକ୍ଷ କାର୍ତ୍ତିକ ପାଣ୍ଡିଆନ।

# ମା' କଟକ ଚଣ୍ଡୀଙ୍କ ଦର୍ଶନ କଲେ ରାଜ୍ୟପାଳ

**କଟକ, ୯/୪ ନ୍ୟୁଜ ବ୍ୟୁରୋ**
ରାଜ୍ୟପାଳ ରଘୁବର ଦାସ ମଙ୍ଗଳବାର ମା' କଟକ ଚଣ୍ଡୀଙ୍କ ଦର୍ଶନ କରିଛନ୍ତି। ଚଣ୍ଡୀମନ୍ଦିରରେ ଦୀପଦାନ କରିଛନ୍ତି। ମଙ୍ଗଳବାର ନବରାତ୍ରର ପ୍ରଥମ ଦିନ ଅବସରରେ ମହାମହିମ ରାଜ୍ୟପାଳ ଶ୍ରୀ ଦାସ କଟକ ଚଣ୍ଡୀଙ୍କ ଦର୍ଶନ କରିବା ସହିତ ଆଶୀର୍ବାଦ ନେଇଛନ୍ତି।





## ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !

ସାପ୍ତାହିକ ସମ୍ବାଦ ପତ୍ରିକା 'ଉତ୍କଳ ଦୀପିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ। ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ।

ସମ୍ପର୍କ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା-ଖୋର୍ଦ୍ଧା, ଓଡ଼ିଶା
ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୭୮
Email : utkaldeepika2016@gmail.com


# ନିରଞ୍ଜନଙ୍କ ମଧ୍ୟବର୍ତ୍ତୀକାଳୀନ ରହିତାଦେଶ ଆବେଦନ ହାଇକୋର୍ଟରେ ଖାରଜ





**କଟକ, ୯।୪ ନ୍ୟୁଜ ବ୍ୟୁରୋ**
ଲୋକସେବକ ମଣ୍ଡଳର ପୂର୍ବତନ ଆଜୀବନ ସଦସ୍ୟ ନିରଞ୍ଜନ ରଥଙ୍କୁ ହାଇକୋର୍ଟର ଲାଗିଛି ଝଟକା । ଲୋକସେବକ ମଣ୍ଡଳ ପକ୍ଷରୁ ତାଙ୍କ ପ୍ରତି ନିଆଯାଇଥିବା କାର୍ଯ୍ୟାନୁଷ୍ଠାନ ଉପରେ ଅନ୍ତରୀଣ ଅଙ୍କୁଶ ଲଗାଇବାକୁ ଶ୍ରୀ ରଥ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିବା ବେଳେ ଅଦାଲତ ଉକ୍ତ ଆବେଦନକୁ ଖାରଜ କରିଦେଇଛନ୍ତି । ଜିମ୍‌ସାରରେ ପରିଚାଳନାଗତ ବିଭ୍ରାଟ, ପାଣ୍ଠି ଦୁରୁପଯୋଗ ଏବଂ ଅନ୍ୟାନ୍ୟ ଅନିୟମିତତା ସଂକ୍ରାନ୍ତରେ ଲୋକସେବକ ମଣ୍ଡଳ ନିକଟରେ ଗୁରୁତର ଅଭିଯୋଗ ହୋଇଥିଲା । ଏ ସଂକ୍ରାନ୍ତରେ ଲୋକସେବକ ମଣ୍ଡଳର କାର୍ଯ୍ୟନିର୍ବାହୀ ପରିଷଦ ପକ୍ଷରୁ ୨୦୨୩ ଅକ୍ଟୋବର ୨୭ରେ ଅନୁଷ୍ଠିତ ବୈଠକରେ ଅଡିଟରଙ୍କ ସହିତ ୩ଜଣିଆ ସଦସ୍ୟଙ୍କ ଦ୍ୱାରା ଏକ ତଦନ୍ତ ପାଇଁ ନିଷ୍ପତ୍ତି ନିଆଯାଇଥିଲା । ଏହି କମିଟି ଦ୍ୱାରା ୨୦୨୪ ଜାନୁଆରୀ ୨୪ରେ ମିଳିଥିବା ରିପୋର୍ଟରେ ଜିମ୍‌ସାରରେ ଏକାଧିକ କୋଟି ଟଙ୍କାର ଆର୍ଥିକ ଅନିୟମିତତା ହୋଇଥିବା ଦର୍ଶାଯାଇଥିଲା । ଏହି ରିପୋର୍ଟ ଉପରେ ଲୋକସେବକ ମଣ୍ଡଳର ଷ୍ଟାଣ୍ଡିଂ କମିଟି ଓ କାର୍ଯ୍ୟନିର୍ବାହୀ ପରିଷଦ ବୈଠକରେ ଉପସ୍ଥାପିତ ହେବା ସହ ଏହା ଉପରେ ଆଲୋଚନା କରାଯାଇଥିଲା । କାର୍ଯ୍ୟନିର୍ବାହୀ ପରିଷଦ (ଇସି) ସଦସ୍ୟମାନଙ୍କ ମତାମତ ନେବା ପରେ ଲୋକସେବକ ମଣ୍ଡଳର ସଭାପତି ଏ ପ୍ରସଙ୍ଗରେ ଅନୁସନ୍ଧାନ ପାଇଁ ଉପଯୁକ୍ତ ସଂସ୍ଥାର ସହାୟତା ନେବାକୁ ନିଷ୍ପତ୍ତି ନେଇଥିଲେ। ଲୋକସେବକ ମଣ୍ଡଳ ସମ୍ବିଧାନର ଧାରା ୮ରେ ଧାର୍ଯ୍ୟ ବ୍ୟବସ୍ଥା ଅନୁସାରେ ସଭାପତିଙ୍କ ଉପରେ ନ୍ୟସ୍ତ କ୍ଷମତା ବଳରେ ସଭାପତି ନିରଞ୍ଜନ ରଥଙ୍କୁ କୋଷାଧ୍ୟକ୍ଷ ପଦରୁ ଅବ୍ୟାହତି ଦେବା ପାଇଁ ନିଷ୍ପତ୍ତି ନେଇଥିଲେ । ଅନ୍ତରୀଣ ପଦକ୍ଷେପ ଭାବେ ୧୮୬୭ ପ୍ରେସ୍ ଓ ରେଜିଷ୍ଟ୍ରେସନ ଅଫ୍ ବୁକ୍‌ସ ଆକ୍ଟର ବ୍ୟବସ୍ଥା ଅନୁସାରେ ୨୦୨୪ ଫେବୃୟାରୀ ୨୧ ତାରିଖ ଠାରୁ ପ୍ରଭାସ ଚନ୍ଦ୍ର ଆଚାର୍ଯ୍ୟଙ୍କୁ 'ସମାଜ'ର ମୁଦ୍ରାକର ଓ ପ୍ରକାଶକ ଭାବେ ଲୋକସେବକ ମଣ୍ଡଳର ସଭାପତି ନିଯୁକ୍ତି ଦେଇଛନ୍ତି । 'ସମାଜ', 'ଜିମ୍‌ସାର' ଓ 'ସତ୍ୟବାଦୀ' ସମେତ ଲୋକସେବକ ମଣ୍ଡଳର କୌଣସି କାର୍ଯ୍ୟରେ ନିରଞ୍ଜନ ରଥ ସଂପୃକ୍ତ ରହିବେ ନାହିଁ ବୋଲି ସଭାପତି ନିର୍ଦ୍ଦେଶ ଦେଇଥିଲେ । ଏଥିସହ ବହୁ ଦୁର୍ନୀତି, ପ୍ରିୟାପ୍ରୀତି, ତଥ୍ୟ ଗୋପନ ଭଳି ଗୁରୁତର ଅଭିଯୋଗ ଉପରେ ପ୍ରସ୍ତାବିତ ତଦନ୍ତକୁ ଚାପ ଓ ପ୍ରଭାବମୁକ୍ତ ରଖିବା ଉଦ୍ଦେଶ୍ୟରେ ଲୋକସେବକ ମଣ୍ଡଳର ଆଜୀବନ ସଭ୍ୟ ପଦରୁ ଶ୍ରୀ ରଥଙ୍କୁ ଗତ ମାର୍ଚ୍ଚ ୨୯ ତାରିଖରେ ସଭାପତି ନିଲମ୍ବନ କରିଥିଲେ । ଏଥିସହ ତାଙ୍କ ବିରୋଧରେ ଉଠିଥିବା ବହୁ ଗୁରୁତର ଅଭିଯୋଗର ତଦନ୍ତ ସକାଶେ ନିରପେକ୍ଷ ତଦନ୍ତ ଅଧିକାରୀଙ୍କ ନାମ ସଭାପତିଙ୍କୁ ସୁପାରିଶ କରିବା ପାଇଁ ମଣ୍ଡଳର ଦୁଇ ବରିଷ୍ଠ ଆଜୀବନ ସଭ୍ୟଙ୍କୁ ସଭାପତି ଅନୁରୋଧ କରିଥିଲେ । ଲୋକସେବକ ମଣ୍ଡଳର ଏହି କାର୍ଯ୍ୟାନୁଷ୍ଠାନ ତଥା ଦାୟିତ୍ୱରୁ ଅବ୍ୟାହତି ଓ ପରେ ନିଲମ୍ବନ ଆଦେଶ ବିରୋଧରେ ନିରଞ୍ଜନ ରଥ କଟକ ସ୍ଥିତ ବରିଷ୍ଠ ଦେୱାନୀ ବିଚାରପତି (ପ୍ରଥମ)ଙ୍କ ଅଦାଲତର ଦ୍ୱାରସ୍ଥ ହେବା ସହ ସେଠାରେ ଏକ ଦେୱାନୀ ମାମଲା ରୁଜୁ କରିଥିଲେ । ଲୋକସେବକ ମଣ୍ଡଳର ଓଡ଼ିଶା ଶାଖା ଅଧ୍ୟକ୍ଷ ଭାବେ ତାଙ୍କ କାର୍ଯ୍ୟରେ ହସ୍ତକ୍ଷେପକୁ ରୋକିବା ଏବଂ ନିଲମ୍ବନ ଆଦେଶ ଉପରେ ଅନ୍ତରୀଣ (ମଧ୍ୟବର୍ତ୍ତୀ) ଅଙ୍କୁଶ ଲଗାଇବାକୁ ସେ ଅଦାଲତରେ ଆବେଦନ କରିଥିଲେ । ତେବେ ମଧ୍ୟବର୍ତ୍ତିକାଳୀନ ରହିତାଦେଶ ଦେବାକୁ ଶ୍ରୀରଥ କରିଥିବା ଆବେଦନକୁ ଅଦାଲତ ଗ୍ରହଣ ନକରି ଖାରଜ କରିଦେଇଥିଲେ । । ପ୍ରତିପକ୍ଷଙ୍କ ଉପରେ ମଧ୍ୟବର୍ତ୍ତୀ ଅଙ୍କୁଶ ଜାରି କରିବାର କୌଣସି ଜରୁରୀ ଆବଶ୍ୟକତା ଅନୁଭବ କରୁନାହାନ୍ତି ବୋଲି ଅଦାଲତ ତାଙ୍କ ଆଦେଶନାମାରେ (ତା.୮-୦୪-୨୦୨୪) ସ୍ପଷ୍ଟ କରିଛନ୍ତି। ଆସନ୍ତା ମଇ ୮ ତାରିଖକୁ ମୂଳ ମକଦ୍ଦମାର ଶୁଣାଣି ଧାର୍ଯ୍ୟ ହୋଇଛି । ନିରଞ୍ଜନ ରଥଙ୍କ ଆବେଦନକୁ ଅଦାଲତ ଖାରଜ କରିଦେବା ପରେ ତାଙ୍କ ପ୍ରତି ଲୋକସେବକ ମଣ୍ଡଳର ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ କ'ଣ ହେବ ତାହାକୁ ଓଡ଼ିଶାବାସୀ ଚାହିଁ ବସିଛନ୍ତି ।


## ପ୍ରକାଶ ଅପେକ୍ଷାରେ...

## 'କଥାକଳିକା'ର ଏପ୍ରିଲ ସଂଖ୍ୟା, ୨୦୨୪




### ଏଥର ସଂଖ୍ୟାରେ...

**ସ୍ମରଣୀୟ କଥା :** ସଚ୍ଚିଦା ନନ୍ଦ କର,
**ସମକାଳର କଥା :** ଶୈଳେନ୍ଦ୍ର କୁମାର ଜେନା, ମନୋଜ ମହାନ୍ତି, ଭାଗିରଥୀ ବେହେରା, ସୁନୀତା କର, ନଗେନ୍ଦ୍ର କୁମାର ପ୍ରଧାନ, ସୁନନ୍ଦା ମହାନ୍ତି।
**ଅନ୍ୟଭାଷାର କଥା :** ଦେବସ୍ମିତା ବେହେରା।
**ଯୁବ ମାନସର କଥା :** ପଦ୍ମାଳୟା ପାଢ଼ୀ, ଶିବମ୍ ପଟ୍ଟନାୟକ, ସତ୍ୟ ରଂଜନ ସାହୁ, ଅଶୋକ କୁମାର ମିଶ୍ର, ପ୍ରକାଶ କୁମାର ସାହୁ, ମନୋରମା ସାହୁ ଏବଂ 'କଥାକଳିକା' ୧୦ମ ବାର୍ଷିକ ଜନ୍ମ ଉତ୍ସବ ସମାଚାର।

(ଗାଳ୍ପିକମାନଙ୍କୁ ଅନୁରୋଧ ସେମାନଙ୍କର ଗଳ୍ପ ପରିଚ୍ଛନ୍ନ ଭାବେ ଡିଟିପି କରି ସଂପୂର୍ଣ୍ଣସ ଠିକଣା ସହ ମେଲ୍‌ରେ ପଠାଇବାକୁ ହେବ)

**ଯୋଗାଯୋଗ କରନ୍ତୁ**
ପ୍ରସାର ପରିଚାଳକ 'କଥାକଳିକା'
କୋଡ୍ ନଂ - (୦୬୭୪)
୨୫୪୧୪୪୮, ୨୫୪୫୦୪୬,
ଫାକ୍ସ : ୨୫୪୫୬୭୮
E-mail: kathakalika@gmail.com

ପୃଷ୍ଠା-୬୮ ଏ ସଂଖ୍ୟାର ମୂଲ୍ୟ ୩୦ ଟଙ୍କା ମାତ୍ର ।
'ସମ୍ବାଦ କଳିକା'ର ସ୍ଥାନୀୟ ପ୍ରତିନିଧି/ ଏଜେଣ୍ଟ/ପତ୍ରିକା ଷ୍ଟଲଙ୍କ ସହ ଯୋଗାଯୋଗ କରନ୍ତୁ ।
କଥା କଳିକାର ବାର୍ଷିକ ଗ୍ରାହକ ଦେୟ ଟ.୫୦୦/- (୨ଟି ବିଶେଷ ସଂଖ୍ୟା ସହ)